ISSN-0971-8397

# ଯୋଜନା

ସେପ୍ଟେମ୍ବର-୨୦୧୬ ବିକାଶମୂଳକ ମାସିକ ପତ୍ରିକା ୨୨ଟଙ୍କା

## ମହିଳା ସଶକ୍ତିକରଣ

ମାନବିକ ମୂଲ୍ୟବୋଧ ଓ ମହିଳା ସଶକ୍ତିକରଣ
କମ୍‌ଲା ଭାସିନ୍

ମହିଳା ସଶକ୍ତିକରଣ ପ୍ରତି ସରକାରୀ ଦୃଷ୍ଟିଭଙ୍ଗୀ
ଲୀନା ନାୟର

ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣ
ଇଲା ଆର୍ ଭଟ

ଶିଶୁ ଲିଂଗ ଅନୁପାତ, ମାନବିକତା ଓ ସରକାରଙ୍କ ନୀତି
ମେରି ଇ. ଜନ୍

### ଫୋକସ୍

ମହିଳା ସଶକ୍ତିକରଣ ଓ ସାମାଜିକ ଭିତ୍ତିଭୂମି
ଦେବକୀ ଜୈନ୍




### ସ୍ୱାଧୀନତା ଦିବସ ଉପଲକ୍ଷେ ବିଶେଷ ପ୍ରବନ୍ଧ

ଭାରତୀୟ ମୁକ୍ତି ସଂଗ୍ରାମରେ ମହିଳାଙ୍କ ଭୂମିକା
ଜ୍ୟୋତି ଅଟ୍ୱାଲ୍

ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହିଳା ଶହୀଦଙ୍କ ସଂକ୍ଷିପ୍ତ ପରିଚୟ

# ୭୦ତମ ସ୍ୱାଧୀନତା ଦିବସ ଅଭିଭାଷଣ



- ମହିଳା ସଶକ୍ତିକରଣ, ମହିଳାଙ୍କ ସ୍ୱାସ୍ଥ୍ୟ, ମହିଳାଙ୍କ ଆର୍ଥିକ ପ୍ରଗତି ଏବଂ ଦାରିଦ୍ର୍ୟ ବିରୋଧରେ ମହିଳାଙ୍କୁ ଶାରିରୀକ ଭାବେ ସଶକ୍ତ କରିବା ପାଇଁ ସରକାରଙ୍କ ପ୍ରଚେଷ୍ଟା।
- ସରକାରଙ୍କ "ବେଟୀ ବଚାଓ-ବେଟୀ ପଢ଼ାଓ" ଅଭିଯାନ ପାଇଁ ସମାଜର ସହଯୋଗ କାମନା।
- ସାଢ଼େ ତିନିକୋଟି ମହିଳାଙ୍କୁ "ମୁଦ୍ରା" ଯୋଜନାର ସୁଫଳ ମିଳିଛି – ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ ବ୍ୟାଙ୍କ୍ ଅଭିଜ୍ଞତା ସମ୍ପୂର୍ଣ୍ଣ ନୂଆ। ଏମାନଙ୍କ ଭିତରୁ ୮୦ ପ୍ରତିଶତ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗର ହୋଇଥିବାବେଳେ ୮୦ ପ୍ରତିଶତ ହେଉଛନ୍ତି ମହିଳା। ଦେଶର ଆର୍ଥିକ ବିକାଶରେ ଏମାନଙ୍କ ଯୋଗଦାନ ନେଇ ଆଶାବାଦୀ।
- ମାତୃତ୍ୱ ଅବକାଶ ଅବଧି ୨୬ ସପ୍ତାହକୁ ବୃଦ୍ଧି ନେଇ ଘୋଷଣା। ଏହାଦ୍ୱାରା ନୂତନ ଭାବେ ମାତୃତ୍ୱ ଲାଭ କରିଥିବା ମହିଳାଙ୍କ ପାଇଁ ସନ୍ତାନ ଯତ୍ନ ସକାଶେ ସୁବିଧା।
- ବୁଣାକାର ଏବଂ ବୟନଶିଳ୍ପ ଓ ସୂତା ତିଆରିରେ ନିୟୋଜିତ କାରିଗରମାନଙ୍କପାଇଁ ୧୦୦ ଟଙ୍କା ବଦଳରେ ୧୯୦ ଟଙ୍କା ଭତ୍ତା ଘୋଷଣା। ଏହାଦ୍ୱାରା ଏହି କ୍ଷେତ୍ରରେ କାମ କରୁଥିବା ମହିଳାମାନେ ମଧ୍ୟ ଉପକୃତ ହେବେ।
- ରେସମ ଉତ୍ପାଦନରେ ନିୟୋଜିତ ବୁଣାକାରମାନେ ଏଣିକି ପ୍ରତି ଏକ ମିଟର ପାଇଁ ଅଧିକ ୫୦ ଟଙ୍କା ଲେଖାଏଁ ପାଇବେ। ଏହି ଅର୍ଥ ଆଧାର ସହିତ ଯୋଡ଼ି ହୋଇଥିବା ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାରେ ଜମା ହେବ, ଯଦ୍ୱାରା ବେପାରୀ ଓ ଦଲାଲ୍‌ମାନଙ୍କ ଭୂମିକା ହ୍ରାସ ହେବ। ଏଥିରେ ମଧ୍ୟ ବହୁ ମହିଳା ବୁଣାଳୀ ଉପକୃତ ହେବେ।
- ସୁକନ୍ୟା ସମୃଦ୍ଧି ଯୋଜନାରେ କନ୍ୟାସନ୍ତାନ ଥିବା ଲକ୍ଷ ଲକ୍ଷ ପରିବାରକୁ ଲାଭ।
- ଇନ୍ଦ୍ରଧନୁଷ ଟିକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ, ମହିଳାଙ୍କପାଇଁ ଦୁଇଟି ବିଷୟ ସୁନିଶ୍ଚିତ କରାଯାଇଛି - ଆର୍ଥିକ ସଶକ୍ତିକରଣ ଓ ସ୍ୱାସ୍ଥ୍ୟ ସୁରକ୍ଷା।
- ଗରିବ ପରିବାରକୁ ମାଗଣାରେ ରନ୍ଧନ ଗ୍ୟାସ୍ ସଂଯୋଗ ପ୍ରଦାନପାଇଁ ଉଜ୍ଜ୍ୱଳା ଯୋଜନା ଆରମ୍ଭ।
- ଏହି ଯୋଜନାଦ୍ୱାରା ଚୁଲିରୁ ବାହାରୁଥିବା ଧୂଆଁର କୁପ୍ରଭାବରୁ ଗରିବ ମହିଳାଙ୍କୁ ମୁକ୍ତି। ତିନିବର୍ଷ ମଧ୍ୟରେ ୫ କୋଟି ପରିବାରଙ୍କୁ ଏହି ଯୋଜନାରେ ସାମିଲ୍ କରିବାର ଲକ୍ଷ୍ୟ। ଗତ ୧୦୦ ଦିନ ମଧ୍ୟରେ ୫୦ ଲକ୍ଷ ପରିବାର ସାମିଲ୍।

# ଯୋଜନା

ତ୍ରୟୋବିଂଶ ବର୍ଷ : ଦ୍ୱାଦଶ ସଂଖ୍ୟା : ସେପ୍ଟେମ୍ବର ୨୦୧୬

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଚ୍ଛଲ
ସହସଂପାଦକ ଓ ସହନିର୍ଦ୍ଦେଶକ : ଡ଼କ୍ଟର ଗିରିଶ ଚନ୍ଦ୍ର ଦାଶ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

*Editor*
**YOJANA (ODIA)**
C/O : Assistant Director, (News) Regional News Unit, All India Radio, Cantonment Road, Cuttack-753001 Phone : 9437073438
Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in Ph. : 011-26100207

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | **ସଂପାଦକୀୟ** | | ୪ |
| ୨. | ମାନବିକ ମୂଲ୍ୟବୋଧ ଓ ମହିଳା ସଶକ୍ତିକରଣ | କମଳା ଭାସିନ | ୫ |
| ୩. | ମହିଳା ସଶକ୍ତିକରଣ – ସରକାରୀ ଦୃଷ୍ଟିଭଙ୍ଗୀ | ଲୀନା ନାୟର | ୯ |
| ୪. | ଶିଶୁଲିଙ୍ଗ ଅନୁପାତ,ମାନସିକତା ଓ ସରକାରଙ୍କ ନିତି | ମେରି ଇ ଜନ | ୧୩ |
| ୫. | ମହିଳା ସଶକ୍ତିକରଣରେ ସାମାଜିକ ଭିତ୍ତିଭୂମିର ଆବଶ୍ୟକତା | ଦେବକୀ ଜୈନ | ୧୬ |
| ୬. | ଭାରତୀୟ ମୁକ୍ତି ସଂଗ୍ରାମରେ ମହିଳାଙ୍କ ଭୂମିକା | ଡ଼କ୍ଟର ଜ୍ୟୋତି ଅଟୱାଲ | ୧୯ |
| ୭. | ଭାରତୀୟ ବିଦ୍ୟାଳୟ ଶିକ୍ଷାରେ ଲିଙ୍ଗଗତ ପ୍ରସଙ୍ଗ | ଶୈଳେନ୍ଦ୍ର ଶର୍ମା ଓ ଶଶି ରଂଜନ ଝା | ୨୪ |
| ୮. | ମହିଳା ସଶକ୍ତିକରଣ : ଏକ ସୂକ୍ଷ୍ମ ଅନୁଶିଳନ | ଡ଼କ୍ଟର ସୁଭାଷ ଶର୍ମା | ୩୧ |
| ୯. | କୃଷି କ୍ଷେତ୍ରରେ ମହିଳାଙ୍କ ଯୋଗଦାନ | ନଟବର ଖୁଣ୍ଟିଆ | ୩୫ |
| ୧୦. | ଘରୋଇ ହିଂସା ବିରୋଧରେ ନାରୀ ସଚେତନତା | ସ୍ନିଗ୍ଧାରାଣୀ ପାଣିଗ୍ରାହୀ | ୩୯ |
| ୧୧. | ମହିଳା ସଶକ୍ତିକରଣର ଏକ ଆଲୋକିତ ଅଧ୍ୟାୟ: ଉଜ୍ଜ୍ୱଳା | ନମ୍ରତା ଚଢା | ୪୪ |
| ୧୨. | ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣ | ଇଲା ଆର ଭଟ୍ଟ | ୪୬ |
| ୧୩. | ଆପଣ ଜାଣନ୍ତି କି ? | | ୪୯ |
| ୧୪. | ବିକାଶର ରୋଡ଼ ମ୍ୟାପ | | ୫୨ |


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ

# ନାରୀ ସଶକ୍ତିକରଣ

"ବିକାଶପାଇଁ ମହିଳା ସଶକ୍ତିକରଣ ବ୍ୟତିରେକ ଅନ୍ୟ କୌଣସି ଅଧିକ ଉପଯୋଗୀ ଉପକରଣ ନାହିଁ।"- ଏହି ଆପ୍ତବାକ୍ୟଟି ମହିଳାଙ୍କ ଅନ୍ତର୍ନିହିତ ଶକ୍ତିର ଏକ ପରିଚାୟକ। ଉଭୟ ପାରମ୍ପାରିକ ଓ ଆଧୁନିକ ନାରୀଭାବେ ଏମିତି କୌଣସି ସଫଳତା ନାହିଁ, ଯାହା ସେମାନେ ହାସଲ କରି ନାହାନ୍ତି। ଆବହମାନ କାଳରୁ ସନ୍ତାନକୁ ଗର୍ଭରେ ଧାରଣ କରିବାଠୁ ଆରମ୍ଭ କରି ଏବଂ ତା'ର ଲାଳନପାଳନ କରି ମା' ଭାବରେ ନାରୀ ତା'ର ଦକ୍ଷତା ପ୍ରତିପାଦନ କରିଆସୁଛି। ସହଧର୍ମିଣୀ, ଭଗିନୀ ଓ କନ୍ୟା ସନ୍ତାନ ଭାବେ ନାରୀ ବିଭିନ୍ନ ଭାବରେ ପୁରୁଷକୁ ସହାୟତା ଦେଇଆସିଛି। ଆଧୁନିକ ଜଗତରେ ନାରୀ, ଜଣେ ଶିକ୍ଷାବିତ୍, ରାଜନୈତିକ ନେତା, ପରିଚାଳକ ଭାବେ ମଧ୍ୟ ନିଜ ଦାୟିତ୍ୱ ନିର୍ବାହ କରିପାରୁଛି। ଏପରିକି ବର୍ତ୍ତମାନ ନାରୀ, ପୁରୁଷର ଦୁର୍ଗ ଭାବେ ପରିଚିତ ପର୍ବତାରୋହଣ, ବିମାନ ଚାଳନ ଓ ପ୍ରତିରକ୍ଷା ବାହିନୀ କ୍ଷେତ୍ରରେ ମଧ୍ୟ ସଫଳତାର ସହ ନିଜ ଦକ୍ଷତା ପ୍ରମାଣିତ କରୁଛି। ତେବେ ମହିଳାଙ୍କ ଏଭଳି ସଫଳତା ସବୁ ସମୟରେ ତା ସହିତ ନ ଥିଲା। ପୁରାତନ ଯୁଗରେ ମହିଳାଙ୍କୁ ପୁରୁଷ ସହିତ ଯୋଡ଼ି ହିଁ ଦେଖାଯାଉଥିଲା। ଅର୍ଥାତ୍ ସେ କେବଳ ଜଣେ ପୁରୁଷର ମା' ବା ସ୍ତ୍ରୀ ବା ଝିଅ ହୋଇପାରୁଥିଲା। ପୁରୁଷର ବସତା ସ୍ୱୀକାର କରିବା କାରଣରୁ ସେ କୌଣସି ବିଷୟରେ ନେତୃତ୍ୱ ନେଇପାରୁ ନ ଥିଲା। କୌଣସି ନିଷ୍ପତ୍ତି ଗ୍ରହଣ କରିବାର ଅଧିକାର ତା ପାଖରେ ନ ଥିଲା। ନାରୀ ପ୍ରତି ଏଭଳି ଆଭିମୁଖ୍ୟ, ଏପରିକି ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ରହିଥିଲା। ସେଠାରେ ମଧ୍ୟ ନାରୀମାନଙ୍କୁ ଭୋଟଦାନର ଅଧିକାର ବହୁ ବିଳମ୍ବରେ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ପ୍ରାୟ ଏକ ଶତାବ୍ଦୀର ସଂଗ୍ରାମ ପରେ ଯାଇ ମହିଳାମାନଙ୍କୁ ଭୋଟଦାନ ଅଧିକାର, ସମ୍ପତ୍ତି ଉପରେ ଅଧିକାର ଏବଂ ନିଯୁକ୍ତି ଓ ବିବାହ କ୍ଷେତ୍ରରେ ସମାନ ନାଗରିକ ଅଧିକାର ପ୍ରଦାନ କରାଗଲା। ସ୍ୱାଧୀନତା ପରେ ସମ୍ବିଧାନ ନିର୍ମାତା ଓ ଦେଶର ତତ୍କାଳୀନ ନେତୃବୃନ୍ଦ, ମହିଳା ଓ ପୁରୁଷ ସମାନତା ଉପରେ ଗୁରୁତ୍ୱ ଦେଲେ। ପରବର୍ତ୍ତୀ ସରକାରଗୁଡ଼ିକ ଆର୍ଥିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ମହିଳାମାନଙ୍କୁ ସମାନ ସ୍ଥାନ ଦେବାପାଇଁ ବିଭିନ୍ନ ପଦକ୍ଷେପ ନେଲେ। ସେମାନଙ୍କ ପାଇଁ ଅନେକ ବାଟ ଫିଟିଲା ନିଜ ନିଜର ଦକ୍ଷତା ପ୍ରତିପାଦନପାଇଁ ଓ ଜାତୀୟ କାର୍ଯ୍ୟକଳାପଗୁଡ଼ିକରେ ଭାଗ ନେବାପାଇଁ। ବିଗତ କିଛି ଦଶନ୍ଧୀ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ନେଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ, ରାଜନୈତିକ, ସାମାଜିକ ଓ ଆଇନ୍‌ଗତ କ୍ଷେତ୍ରରେ ମହିଳାଙ୍କ ସ୍ୱାଧିନତାକୁ ଅନୁମୋଦନ ମିଳିଲା। ଶିକ୍ଷା ଅନେକାଂଶରେ ମହିଳାଙ୍କୁ ସଶକ୍ତ କରିଛି। ଯେଉଁଠି ମହିଳାମାନେ ଶିକ୍ଷିତ, ସେଇଠି ମହିଳା ସଶକ୍ତିକରଣ ଦ୍ରୁତଗତିରେ ଆଗେଇ ପାରିଛି। ବିବାହ, ମାତୃତ୍ୱ ଓ କ୍ୟାରିଅର କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଏହା ସେମାନଙ୍କୁ ସହାୟକ ହୋଇଛି। ପୁରୁଷ ଉପରେ ତା'ର ନିର୍ଭରଶୀଳତା କମିଛି। ତେବେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏବେ ମଧ୍ୟ ମହିଳାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟର ଯତ୍ନ ପାଇଁ ଅଧିକାଂଶ ମହିଳାଙ୍କପାଇଁ ନା ସମୟ ଥାଏ ନା ମନୋବୃତ୍ତି ଥାଏ, ଆଉ ନା ସୁବିଧାସୁଯୋଗ ଥାଏ। ତେଣୁ, ବେଟୀ ବଚାଓ, ବେଟୀ ପଢ଼ାଓ ଏବଂ ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ସରକାର ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଭାରତୀୟ ସମାଜରେ ମହିଳାମାନଙ୍କ ଅବନତ ଅବସ୍ଥିତିର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଅବିବାହିତ ମହିଳାମାନଙ୍କ କ୍ଷେତ୍ରରେ ଥିବା ସାମାଜିକ କଳଙ୍କ। ଏପରି ସ୍ତ୍ରୀଲୋକମାନଙ୍କୁ ସାମାଜିକ ଭାବେ ଅଛୁଆଁ ବୋଲି ବିବେଚନା କରାଯାଏ। ତେବେ, ବର୍ତ୍ତମାନ ଏଥିରେ ମଧ୍ୟ ପରିବର୍ତ୍ତନ ଘଟୁଛି। ଦୀର୍ଘ ସମୟ ପରେ, ମହିଳାମାନେ ଆଗକୁ ଆସିବାର ସୁଯୋଗ ପାଇଛନ୍ତି। ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ, ଇନ୍ଦିରା ନୁଇ, କିରଣ ମଜୁମ୍‌ଦାର ସାଓ୍ୱା ଏବଂ ଚନ୍ଦା କୋଚରଙ୍କ ଭଳି ସଫଳ ମହିଳାମାନେ ହେଉଛନ୍ତି ଏହାର ପ୍ରମାଣ। ଭାବନା କାନ୍ତ, ଅବନୀ ଚତୁର୍ବେଦୀ ଓ ମୋହନା ସିଂଙ୍କ ଭଳି ମହିଳାଙ୍କୁ ଭାରତୀୟ ବାୟୁସେନାରେ ନିକଟ ଅତୀତରେ ସାମିଲ୍ କରାଯାଇଛି। ସ୍ୱାଧିନ ଭାରତର ଇତିହାସରେ ପ୍ରଥମଥରପାଇଁ ଗତ ୨୦୧୫ ସାଧାରଣତନ୍ତ୍ର ଦିବସରେ ଜଳ, ସ୍ଥଳ ଓ ଆକାଶ ବାହିନୀର ଏକ ମିଳିତ ମହିଳା ଦଳ, ଦିଲ୍ଲୀ ସ୍ଥିତ ରାଜପଥରେ ମାର୍ଚ୍ଚ କରିବାର ସୁଯୋଗ ମଧ୍ୟ ପାଇଛନ୍ତି। ଏହା ହେଉଛି ମହିଳା ଶକ୍ତିର ପରିଚାୟକ। ଏହା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ "ମହିଳା ବିକାଶ" ଅପେକ୍ଷା "ମହିଳାଙ୍କଦ୍ୱାରା ପରିଚାଳିତ ବିକାଶ"ର ସ୍ୱପ୍ନ ସାକାର କରିବା କ୍ଷେତ୍ରରେ ଏକ ପ୍ରତୀକ। ବିଶ୍ୱ ଜନସଂଖ୍ୟାର ଅଧା ହେଉଛନ୍ତି ମହିଳା। ତେଣୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ସହିତ ସମାନ ସୁଯୋଗ ପାଇବାପାଇଁ ସେମାନେ ହକ୍‌ଦାର। ଆଠଟି ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ମଧ୍ୟରୁ ଗୋଟିଏ ହେଉଛି ମହିଳା ସଶକ୍ତିକରଣ – ଏହା ହିଁ ହେଉଛି ସେମାନଙ୍କ ଏଭଳି ଅଧିକାରର ଏକ ପ୍ରମାଣ। ସ୍ୱାମୀ ବିବେକାନନ୍ଦ କହିଥିଲେ – "ମହିଳାଙ୍କ ସ୍ଥିତିରେ ଉନ୍ନତି ବିନା ବିଶ୍ୱମଙ୍ଗଳ ଅସମ୍ଭବ। କେବଳ ଗୋଟିଏ ଡେଣା ସାହାଯ୍ୟରେ ପକ୍ଷୀଟିଏ ଉଡ଼ିପାରିବ ନାହିଁ।" ଏହି ଆପ୍ତବାକ୍ୟଟିରେ ହିଁ ନିହିତ ଅଛି କେବଳ ନିଜ ପରିବାର ନୁହଁ, ବରଂ ସମଗ୍ର ଦେଶ ଓ ଏପରିକି ସମଗ୍ର ବିଶ୍ୱର ନେତୃତ୍ୱ ନେବାପାଇଁ ମହିଳାଙ୍କ ପାଖରେ ଥିବା ଦକ୍ଷତାର ସମ୍ଭାବନା।

# ମାନବିକ ମୂଲ୍ୟବୋଧ ଓ ମହିଳା ସଶକ୍ତିକରଣ

**କମଳା ଭାସିନ**

**ଦେଶ,** ସମ୍ପ୍ରଦାୟ, ଗୋଷ୍ଠୀ ଏବଂ ପରିବାରର ମଙ୍ଗଳ ତଥା ବିକାଶ ପାଇଁ ଲିଙ୍ଗଗତ ସମତା ଓ ମହିଳା ସଶକ୍ତୀକରଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ଏବେ ଅଧିକାଂଶ ଦେଶ ବିଚାର କରୁଛନ୍ତି। ନିଜ ଜନସଂଖ୍ୟାର ୫୦ଭାଗ (ମହିଳା)ର ବିକାଶ ବିନା କୌଣସି ଦେଶ, ସମାଜ ଓ ପରିବାର ଉନ୍ନତି କରିପାରିବ ନାହିଁ। ଅତଏବ କନ୍ୟା ଓ ମହିଳାଙ୍କୁ ସମ୍ମାନ ଦେବା ସହ ସୁଖଶାନ୍ତିରେ ରଖିବାକୁ ହେବ।

କେବଳ ଭାରତ ନୁହେଁ ଅଧିକାଂଶ ଦେଶରେ ମହିଳାମାନେ ଅବହେଳା ଏବଂ ପାତର ଅନ୍ତରର ଶିକାର। ସବୁ ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କୁ ଅବହେଳା କରାଯାଉଛି। ସେମାନେ ଉପକ୍ଷିତ ଓ ବଞ୍ଚିତ। ଏଥିପାଇଁ ପୁରୁଷ ପ୍ରଧାନ ସମାଜ, ପରିବାର ବ୍ୟବସ୍ଥା ଓ ସାମାଜିକ ଦୃଷ୍ଟିକୋଣ ଦାୟୀ। ମହିଳାଙ୍କ ଅପେକ୍ଷା ପୁରୁଷ ସବୁ କ୍ଷେତ୍ରରେ ଅଗ୍ରଣୀ ଓ ଉତ୍କୃଷ୍ଟ ବୋଲି ରହିଥିବା ଧାରଣାରୁ ଏହା ଘଟୁଛି। ତେଣୁ ସମ୍ବଳ ଉପରେ ଅଧିକାର, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଏବଂ ଆଦର୍ଶଗତ ବିଚାର କ୍ଷେତ୍ରରେ ମହିଳାଙ୍କୁ ନିକୃଷ୍ଟ ବିଚାରି ଅବହେଳିତ କରାଯାଉଛି। ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କ ଉପରେ ଅତ୍ୟାଚାର ଏବଂ ସେମାନଙ୍କ ପ୍ରତି ହିଂସ୍ର ଆଚରଣ ଏକ ସାଧାରଣ ସାମାଜିକ ବ୍ୟବସ୍ଥା। ହିଂସାତ୍ମକ କାର୍ଯ୍ୟ ଓ ଆକ୍ରମଣର ଭୟ ଦେଖାଇ ମହିଳାମାନଙ୍କୁ ପୁରୁଷ ପ୍ରଧାନ ସମାଜ ନିଜ ନିୟନ୍ତ୍ରଣରେ ରଖେ। ଜାତିସଂଘର ତଥ୍ୟ ଅନୁସାରେ ପ୍ରତି ତିନିଜଣରେ ଜଣେ ମହିଳା ହିଂସାର ସମ୍ମୁଖୀନ ହୁଅନ୍ତି। ଏହାର ଅର୍ଥ ବିଶ୍ୱବ୍ୟାପୀ ଏକଶହ କୋଟିରୁ ଊର୍ଦ୍ଧ୍ୱ ମହିଳା ଓ କନ୍ୟାଙ୍କ ଉପରେ ହିଂସାତ୍ମକ କାର୍ଯ୍ୟ ଏବଂ କଷଣ ଚାଲିଛି। ଏହା ବିଶ୍ୱରେ ଚାଲିଥିବା ଏକ ସବୁଠୁ ବଡ଼ ଯୁଦ୍ଧ । ମହିଳାମାନଙ୍କ ପ୍ରତି ସବୁଠୁ ଅଧିକ ଅତ୍ୟାଚାର ପରିବାର ଭିତରେ ହୁଏ।

**ଭାରତରେ ମହିଳା ପାହାଚର ସବା ତଳେ:** ଭାରତରେ ସବୁ ମହିଳାଙ୍କୁ ଏକ ବିଚାରରେ ରଖିବା ସମ୍ଭବ ନୁହେଁ; କାରଣ ସେମାନଙ୍କ ମଧ୍ୟରେ ବ୍ୟାପକ ପାର୍ଥକ୍ୟ ରହିଛି। ବିଭିନ୍ନ ଶ୍ରେଣୀ, ଜାତି, ଧର୍ମ, ସଂପ୍ରଦାୟ ଓ ଗୋଷ୍ଠୀରେ ସେମାନଙ୍କ ସ୍ଥିତି ଭିନ୍ନଭିନ୍ନ। ଏହା ସତ୍ତ୍ୱେ ମୋଟାମୋଟି କହିହେବ ଯେ ଦେଶର ଅଧିକାଂଶ ମହିଳା ପୁରୁଷ ପ୍ରଧାନ ବ୍ୟବସ୍ଥା, ସାମାଜିକ ଢାଞ୍ଚା ଓ ଆଦର୍ଶଗତ ବିଚାର ଯୋଗୁଁ ଅତ୍ୟାଚାରିତ। ସେମାନେ ଲିଙ୍ଗଗତ ବିଚାର ଓ ହେୟଭାବର ସମ୍ମୁଖୀନ। ସାମାଜିକ ଓ ମାନବିକ ବିକାଶ ସୂଚକାଙ୍କର ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳା ପଛରେ। ଭାରତରେ ଲିଙ୍ଗଗତ ବିଷମତା ହାର ମଧ୍ୟ ସମଗ୍ର ବିଶ୍ୱରେ ସବୁଠୁ ଚିନ୍ତାଜନକ। ସେହିଭଳି ହାରାହାରି ଆୟରେ ମହିଳା ପୁରୁଷଙ୍କଠାରୁ ପଛରେ। ମହିଳାଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ଶିକ୍ଷା ସ୍ଥିତି ମଧ୍ୟ ପୁରୁଷଙ୍କଠାରୁ ଖରାପ। ସେମାନେ ସ୍ୱଳ୍ପ କୁଶଳ କାର୍ଯ୍ୟରେ ଅଧିକ ନିୟୋଜିତ ହୁଅନ୍ତି ଓ କମ୍ ରୋଜଗାର କରନ୍ତି। ସମ୍ପତ୍ତି ଏବଂ ଉତ୍ପାଦନର ଉତ୍ସ କ୍ୱଚିତ ମହିଳାଙ୍କ ନିୟନ୍ତ୍ରଣରେ ଥାଏ। ଭାରତର ଯେଉଁ କେତେକ ପରିବାରରେ ମହିଳା ମୁଖ୍ୟ ସେମାନଙ୍କ ସଂଖ୍ୟା ବଢୁଛି। ତେବେ ଏଭଳି ପରିବାର ମଧ୍ୟରୁ ଅଧିକାଂଶ ଅତି ଦରିଦ୍ର। ରାଜନୈତିକ ଓ ସାମାଜିକ ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କର ଅଂଶଗ୍ରହଣ ନଗଣ୍ୟ। ଭାରତର ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ଏପର୍ଯ୍ୟନ୍ତ ୧୦ ଶତାଂଶରୁ ଅଧିକ ହୋଇନାହିଁ। ବିଚାର ବା ନିଷ୍ପତ୍ତି ଗ୍ରହଣ ଅଧିକାରରୁ ସେମାନେ ଏକ ପ୍ରକାର ସମ୍ପୂର୍ଣ୍ଣ ବଞ୍ଚିତ। ମହିଳାଙ୍କ ପାଇଁ ସାମାଜିକ, ଆର୍ଥିକ, ଆଇନଗତ, ରାଜନୀତିକ ନୀତି ନିୟମ ବା ଆଇନକାନୁନ ପ୍ରସ୍ତୁତବେଳେ ସେମାନଙ୍କୁ କ୍ୱଚିତ ପଚରାଯାଏ ବା ପ୍ରତିନିଧିତ୍ୱର ସୁଯୋଗ ମିଳେ।

ଭାରତର ଅଧିକାଂଶ ଭାଗରେ ଝିଅମାନେ ପ୍ରତିକୂଳ ସ୍ଥିତି, ବୋଝ ଓ ଭୟରେ ବଞ୍ଚନ୍ତି। ସେମାନେ ଅବିଚାର, ଉପେକ୍ଷା, ପାତରଅନ୍ତର, ବୋଝ ସହ ଘରର ଯାବତୀୟ ପାଇଟି, ସାନ ଭାଇଭଉଣୀଙ୍କ ଦାୟିତ୍ୱ ଏବଂ ଘର ବାହାରେ କାମ କରି ରୋଜଗାର କରିବାର ଦାୟିତ୍ୱ ମୁଣ୍ଡାନ୍ତି। ସେମାନଙ୍କୁ ବିଷ ଦେଇ ମାରିଦେବାର ଭୟ ଥାଏ; ଉପେକ୍ଷା ଓ ଅବହେଳା ସହିତ ଗର୍ଭପାତର ଭୟରେ ମଧ୍ୟ ଝିଅମାନେ ବଞ୍ଚନ୍ତି। ଯଥେଷ୍ଟ ସ୍ନେହ ଶ୍ରଦ୍ଧା, ପୁଷ୍ଟିସାଧନ, ସ୍ୱାସ୍ଥ୍ୟସେବା, ଶିକ୍ଷାରୁ ବଞ୍ଚିତ ହୋଇଥାନ୍ତି। ଆକ୍ଷେପ, ନାନା ଶାରୀରିକ ହଟହଟା ଏବଂ ଧର୍ଷଣ ଭଳି ଘୃଣିତ ଅପକର୍ମ ମଧ୍ୟରେ ଆମ ଝିଅମାନେ ବଞ୍ଚିବାକୁ ଅନେକ ସମୟରେ ବାଧ ହୁଅନ୍ତି।

ସେମାନଙ୍କ ସୁରକ୍ଷା ପାଇଁ କଠୋର ଆଇନ ପ୍ରଣୟନ ସତ୍ତ୍ୱେ ଦେଶରେ ବିଭତ୍ସ ଗଣଧର୍ଷଣ ଘଟଣାମାନ ବଢ଼ିଚାଲିଛି । ବିବାହ ପରେ ଝିଅମାନେ ଏକାନ୍ତଭାବ, ପରିବେଶ ସହ ଖାପ ଖୁଆଇ ନ ପାରିବା, ମାନସିକ ଓ ଶାରୀରିକ ନିର୍ଯାତନା ଆଦିର ସମ୍ମୁଖୀନ ହୋଇଥାନ୍ତି ।

ମହିଳାମାନଙ୍କ ଆନ୍ଦୋଳନ, ନାଗରିକ ସମାଜର ଚାପ ଏବଂ ସରକାରଙ୍କ ପଦକ୍ଷେପ ଯୋଗୁଁ ମହିଳାଙ୍କ ସ୍ୱାର୍ଥ ଓ ସ୍ଥିତି କ୍ଷେତ୍ରରେ କେତେକ ସକାରାତ୍ମକ ପରିବର୍ତ୍ତନ ଆସିଛି । ଉଦାହରଣ ସ୍ୱରୂପ ଏବେ ପୁଅ-ଝିଅଙ୍କ ଲିଙ୍ଗଗତ ଅନୁପାତରେ ସମତା ଆଣିବାକୁ ସଚେତନତା ବଢ଼ିଛି । ମହିଳାଙ୍କ ବିରୋଧରେ ହେଉଥିବା ହିଂସାକୁ ରୋକିବା ପାଇଁ କଠୋର ଆଇନଗତ ବ୍ୟବସ୍ଥା ସହ ତାହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉଛି । ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ କରିବାକୁ ବ୍ୟବସ୍ଥା ହୋଇଛି । ଶିକ୍ଷା ଓ ନିଯୁକ୍ତି ଆଦିରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି । ସରକାରଙ୍କର ନୀତି ଓ ଆଇନଗୁଡ଼ିକ ଲିଙ୍ଗଗତ ଦୃଷ୍ଟିରୁ ଏଣିକି ଅଧିକ ସମ୍ବେଦନଶୀଳ ହେଉଛି ଏବଂ ମହିଳାଙ୍କୁ ଉପେକ୍ଷା କରିବାର ଅବକାଶ ରହୁନାହିଁ । ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ଉଚିତ ପ୍ରତିନିଧିତ୍ୱ ପ୍ରଦାନର ବ୍ୟବସ୍ଥା ସହ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ହେଉଥିବା ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମ ରୂପାୟନରେ ସେମାନେ ଉଚିତ ପ୍ରତିନିଧିତ୍ୱ ପାଉଛନ୍ତି । ମହିଳାଙ୍କ ପାଇଁ କେନ୍ଦ୍ରୀୟ ସ୍ତରରେ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ ଠାରୁ, ମହିଳା ବ୍ୟୁରୋ, କମିଶନ, ବିଭାଗ ଆଦି ଗଠନ କରାଯାଇ ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରାଯାଉଛି । ଏସବୁ ସତ୍ତ୍ୱେ ଲିଙ୍ଗଗତ ବୈଷମ୍ୟ ଦୂର କରି ଏ କ୍ଷେତ୍ରରେ ସମତା ଆଣିବାକୁ ଆମକୁ ଆହୁରି ଲମ୍ବାରାସ୍ତା ଚାଲିବାକୁ ପଡ଼ିବ ।

**ସଶକ୍ତିକରଣ ଏକ ଗତିଶୀଳ ରାଜନୈତିକ ପ୍ରକ୍ରିୟା :** କାହାକୁ ସଶକ୍ତ କରିବାକୁ ହେଲେ ପ୍ରଥମେ ଶକ୍ତି କ'ଣ ତାହାକୁ ବୁଝିବାକୁ ହେବ । ଶକ୍ତି ବା କ୍ଷମତା ହେଲା - ମୁକ୍ତ ଓ ଅବାଧ ଭାବେ କାର୍ଯ୍ୟ କରିବାର ଦକ୍ଷତା ବା ସାମର୍ଥ୍ୟ । ଅନ୍ୟକୁ ନିୟନ୍ତ୍ରଣ ବା ପ୍ରଭାବିତ କରିବାର ଦକ୍ଷତା ହିଁ ଶକ୍ତି । ଶକ୍ତି ବା କ୍ଷମତା ସହ ସ୍ୱୟଂଶାସନ, ସ୍ୱାଧୀନତା, ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ ଓ ନିଷ୍ପତ୍ତି ଗ୍ରହଣରେ ଅଧିକାର ଆଦି ପ୍ରସଙ୍ଗ ସଂପୃକ୍ତ । ତେଣୁ କ୍ଷମତାହୀନ ମହିଳାଙ୍କୁ କ୍ଷମତାସମ୍ପନ୍ନ, ସଶକ୍ତ କରିବା ପାଇଁ ପ୍ରଥମେ କ୍ଷମତାର ଧର୍ମଗୁଡ଼ିକୁ ବୁଝି ତାହାର ପ୍ରୟୋଗ କରାଯିବା ଉଚିତ । ମାନବ ସମାଜରେ ଚିରାଚରିତ ଭାବେ ସମ୍ବଳ, ଧନ, ଲୋକବଳ, ବ୍ୟବସ୍ଥା ଓ ମତବାଦ ଉପରେ ନିୟନ୍ତ୍ରଣ ରଖୁଥିବା ବ୍ୟକ୍ତି ପାଖରେ କ୍ଷମତା ଠୁଳ ହୋଇଥାଏ । ସେଇ ଦୃଷ୍ଟିରୁ ମହିଳାଙ୍କୁ ସଶକ୍ତ ଓ ସବଳ କରିବାକୁ ହେଲେ ସେମାନଙ୍କୁ ଏପରିକିଛି ଅଧିକାର ଦେବାକୁ ପଡ଼ିବ ଯାହା ତାଙ୍କୁ ଆପଣାଛାଏଁ ସବଳ କରିବ । ତେଣୁ ପୁରୁଷ ପ୍ରଧାନ ବିଚାର, ବ୍ୟବସ୍ଥା, ଆଇନକାନୁନ ଆଦିକୁ ବଦଳାଇ ମହିଳାଙ୍କୁ ସେଥିରେ ସମଭାଗୀ କରିବାକୁ ହେବ । ପ୍ରାକୃତିକ, ମାନବିକ, ବୌଦ୍ଧିକ, ଆର୍ଥିକ, ଆଭ୍ୟନ୍ତରୀଣ ସମ୍ବଳ ଆଦିର ଉତ୍ସ ଉପରେ ମହିଳାଙ୍କ କ୍ଷମତା ଏବଂ ଏସବୁ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ସେମାନଙ୍କର ନିର୍ଦ୍ଧାରିତ ଅଧିକାର ରହିଲେ ମହିଳା ସଶକ୍ତିକରଣ ପ୍ରୟାସ ସଫଳ ହେବ । ମୋ ବିଚାରରେ ଏବେ କ୍ଷମତା ଘେନି ଆମର ଯେଉଁ ବିଚାର ଓ ଦୃଷ୍ଟିକୋଣ ରହିଛି ତାହା ବଦଳିଲେ ଯାଇ ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିବ ଓ ସେମାନେ ସବଳ ହେବେ । ସଶକ୍ତିକରଣର ଅର୍ଥ ନୁହେଁ ଅନ୍ୟ ଉପରେ କ୍ଷମତା ଜାହିର କରିବା ଏବଂ ନିଜ ଭାଗଠାରୁ ଅଧିକ ଦାବି କରିବା । ଏହାର ବାସ୍ତବ ଅର୍ଥ ହେଲା ନିଜର ଲୋଭ, ଅର୍ଥଲୀପ୍ସା, ଦୁର୍ଗୁଣଗୁଡ଼ିକ ଉପରେ ନିୟନ୍ତ୍ରଣ ରଖି ହିଂସା, ଅନ୍ୟାୟ, ଅତ୍ୟାଚାର ବିରୋଧରେ ଲଢ଼ିବା, ଅନ୍ୟର ସେବା ଯତ୍ନ ପୂର୍ବକ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଏବଂ ନିଜର ଆଭ୍ୟନ୍ତରୀଣ ବିଚାରର ବିକାଶ କରାଇ ବିବେକୀ ଓ ନ୍ୟାୟଶୀଳ ହେବା ହିଁ ପ୍ରକୃତ କ୍ଷମତା ଓ ଶକ୍ତି ।

ମହିଳା ସଶକ୍ତିକରଣ ଏକ ପ୍ରକ୍ରିୟା । ଏହା ଉଭୟ ଗତିଶୀଳ ଓ ପ୍ରବହମାନ । ତେଣୁ ଯେଉଁ ବ୍ୟବସ୍ଥା, ଆଇନ ଓ ବିଚାର ମହିଳାଙ୍କୁ ନ୍ୟୁନ, ଅବହେଳିତ କରି ରଖୁଛି ସେସବୁର ପରିବର୍ତ୍ତନ ଲୋଡ଼ା । ସେଥିପାଇଁ ମହିଳାଙ୍କୁ ନିଷ୍ପତ୍ତି ଗ୍ରହଣରେ ଅଂଶୀଦାର କରି ସମ୍ବଳ ଉପରେ ଉପଯୁକ୍ତ ଅଧିକାର ଦେବାକୁ ପଡ଼ିବ । ମହିଳାଙ୍କୁ ମଧ୍ୟ ନିଜ ଜୀବନ ଉପରେ ଅଧିକ ନିୟନ୍ତ୍ରଣ ରଖି ଅଧିକ ସ୍ୱୟଂଶାସନର ଅଧିକାର ହାସଲ କରିବାକୁ ପଡ଼ିବ । ଏହାଛଡ଼ା ଏହି ପ୍ରକ୍ରିୟାରେ ସେମାନଙ୍କୁ ନିଜେ ନିଜର ଆତ୍ମ ସମ୍ମାନ ଓ ମର୍ଯ୍ୟାଦା ବଢ଼ାଇ ନିଜର ଏବଂ ସମାଜର ଭାବମୂର୍ତ୍ତି ବଢ଼ାଇବାକୁ ହେବ । ସଶକ୍ତିକରଣ ପ୍ରକ୍ରିୟା ମୂଳତଃ ଏକ ରାଜନୈତିକ ପ୍ରକ୍ରିୟା, କାରଣ ଏହା ମହିଳା-ପୁରୁଷଙ୍କ ମଧ୍ୟରେ ଥିବା ପ୍ରଚଳିତ କ୍ଷମତା ସମ୍ପର୍କକୁ ବଦଳାଇବାକୁ ଉଦ୍ଦିଷ୍ଟ ହୋଇଥିବାରୁ ରାଜନୈତିକ ପ୍ରକ୍ରିୟାରେ ଏହା ସମ୍ଭବପର ।

ମହିଳା ସଶକ୍ତୀକରଣର ଲକ୍ଷ୍ୟ କେବଳ ଲିଙ୍ଗଗତ ସୋପାନ ବା ସ୍ତରଗତ ବୈଷମ୍ୟ ପରିବର୍ତ୍ତନରେ ସୀମିତ ନ'ରହି ଜାତି, ଧର୍ମ, ବର୍ଣ୍ଣ, ଅଞ୍ଚଳ, ସମାଜ ସବୁଠି ସବୁସ୍ତରରେ ଥିବା ଅସଂଗତିର ଦୂରୀକରଣ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । କାରଣ ଲିଙ୍ଗଗତ ସମ୍ପର୍କ ଆର୍ଥିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରକୁ ପ୍ରଭାବିତ କରୁଥିବାରୁ ସବୁ କ୍ଷେତ୍ରରେ ପୁରୁଷ ପ୍ରଧାନ ବ୍ୟବସ୍ଥା ଓ ଲିଙ୍ଗଗତ ବାଛବିଚାରକୁ ଦୂର କରିବାକୁ ହେବ ।

ମହିଳା ସଶକ୍ତିକରଣକୁ ପ୍ରକୃତି ଓ ପରିବେଶ ଏବଂ ଦେଶର ସବୁ ବଞ୍ଚିତ, ଅବହେଳିତ ବର୍ଗଙ୍କ ସଶକ୍ତିକରଣରୁ ଅଲଗା

ଦେଖି ହେବ ନାହିଁ । ଏହାସହିତ କୃଷକ, ଶ୍ରମିକ, ମାନବାଧିକାର, ପରିବେଶ, ଗଣତନ୍ତ୍ର ଓ ସାମାଜିକ ବିକାଶ, ଶାନ୍ତି ଓ ନ୍ୟାୟ ଆଦି କ୍ଷେତ୍ରରେ କାର୍ଯ୍ୟକରୁଥିବା ଲୋକ ଓ ଆନ୍ଦୋଳନ ସହ ସାମିଲ ହେବାକୁ ପଡ଼ିବ । ଏମାନଙ୍କ ସହ ଯୋଡ଼ି ହୋଇ ରହିଲେ ମହିଳା ସଶକ୍ତିକରଣ ପ୍ରୟାସକୁ ଅଧିକ ଶକ୍ତି ଓ ସମର୍ଥନ ମିଳିବ । ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା କରିବାବେଳେ ଆମେ ମହିଳାବାଦୀ ବିଚାର ଓ ଦର୍ଶନ, ସମତା, ନ୍ୟାୟ, ଗଣତନ୍ତ୍ର ଏବଂ ନିରନ୍ତର ବିକାଶ ଆଦି ପ୍ରସଙ୍ଗକୁ ଦୂରେଇ ରଖିପାରିବା ନାହିଁ । ଏସବୁ କ୍ଷେତ୍ର ପ୍ରତି ମଧ୍ୟ ଆବଶ୍ୟକ ଦୃଷ୍ଟି ଦେବାକୁ ପଡ଼ିବ । କାରଣ ଆମ ଲଢ଼େଇ କିଛି ନିର୍ଦ୍ଦିଷ୍ଟ ନୀତିକୁ ଆଧାର କରିଚାଲିଛି ଏବଂ ସମାଜରେ ସବୁ ପୁରୁଷ ଓ ମହିଳାଙ୍କୁ ବସବାସ, ବିକାଶ ଏବଂ ଅଂଶଗ୍ରହଣର ସମାନସୁବିଧା ସୁଯୋଗ ଦେବାକୁ ନିଶ୍ଚିତ କରିବାକୁ ହେବ । କେବଳ ମହିଳା ନୁହଁନ୍ତି, ମହିଳାଙ୍କ ସ୍ୱାର୍ଥ ଜଡ଼ିତ ବିଭିନ୍ନ କ୍ଷେତ୍ର- ସାମରିକୀକରଣ, ମାନବାଧିକାର, ନିରନ୍ତର ବିକାଶ ଆଦି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ସ୍ୱାର୍ଥ ସୁରକ୍ଷିତ କି ନୁହେଁ ସେଥିପ୍ରତି ନଜର ଦେବାକୁ ପଡ଼ିବ । କାରଣ ଏବେ ପ୍ରତ୍ୟେକ ପ୍ରସଙ୍ଗ ଗୋଟିଏ ଗୋଟିଏ ମହିଳା ପ୍ରସଙ୍ଗ । ସୁତରାଂ ସବୁ ସ୍ତରରେ ସବୁ କ୍ଷେତ୍ରରେ ମହିଳାଙ୍କୁ ସବଳ କରିବାକୁ ପଡ଼ିବ । ଏହା ଯେତେ ଶକ୍ତ ଓ ବ୍ୟାପକ ହେବ ସେତେ ପ୍ରଭାବଶାଳୀ ବ୍ୟବସ୍ଥା ସ୍ଥାପିତ ହେବ । ସେଥିପାଇଁ ତଳସ୍ତରରୁ ଉପର ପର୍ଯ୍ୟନ୍ତ ଆବଶ୍ୟକ ଯୋଗସୂତ୍ର ବ୍ୟବସ୍ଥାକୁ ମହିଳା କର୍ମୀମାନଙ୍କ ଜରିଆରେ ସ୍ଥାପନ କରିବାକୁ ପଡ଼ିବ । ଏଥିରେ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ମହିଳା, ଗଣମାଧ୍ୟମର ମହିଳା ସାମ୍ବାଦିକ, ମହିଳା ରାଜନୀତିଜ୍ଞ, ମହିଳା ଶିକ୍ଷାବିତ୍, ମହିଳା ଶିଳ୍ପୀ ଓ କଳାକାର, ମହିଳା ଉଦ୍ୟୋଗୀ, ମହିଳା ସାମାଜିକ କାର୍ଯ୍ୟକର୍ତ୍ତାମାନଙ୍କୁ ସାମିଲ କରିବାକୁ ପଡ଼ିବ । ମହିଳା ସଶକ୍ତିକରଣ ଏକପାଖିଆ ପ୍ରକ୍ରିୟା ନୁହେଁ । ଏହା ଏକ ଦୁଇ ପାଖିଆ ପ୍ରକ୍ରିୟା । ଏହାଦ୍ୱାରା ଆମେ ସଶକ୍ତିକରଣ କରୁ ଓ ସଶକ୍ତ ହେଉ । ଆମ ସମସ୍ତଙ୍କ ପାଇଁ ଏହା ଏକ ପ୍ରବର୍ତ୍ତମାନ ଯାତ୍ରା । ମହିଳା ସଶକ୍ତିକରଣକୁ ବହୁମୁଖୀ ଏବଂ ସମନ୍ୱିତ କରିବାକୁ ପଡ଼ିବ । ସେଥିପାଇଁ ସମାଜକୁ ମହିଳାଙ୍କ ବିଭିନ୍ନ ଅବଦାନ ସମ୍ପର୍କରେ ବାରମ୍ବାର ଲୋକଙ୍କୁ ଅବଗତ କରାଇବାକୁ ହେବ । ମହିଳାଙ୍କ ଦକ୍ଷତା, ଜ୍ଞାନ, ଓ କୁଶଳତାକୁ ସ୍ୱୀକାର କରିବା ପୂର୍ବକ ତାହାର ଉଦାହରଣମାନ ବହୁଳଭାବେ ଉପସ୍ଥାପିତ କରିବାକୁ ହେବ । ମହିଳାଙ୍କ ଆତ୍ମମର୍ଯ୍ୟାଦା ସୃଷ୍ଟି ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଏକ ସାମାଜିକ ପରିବେଶ ସୃଷ୍ଟି ସହ ମହିଳା ଓ ଝିଅଙ୍କ ଦକ୍ଷତା, ସାମର୍ଥ୍ୟର ଉପଯୋଗ ପାଇଁ ସୁଯୋଗ ସୁବିଧା ତିଆରି କରିବାକୁ ପଡ଼ିବ । ସ୍ୱାଧୀନଭାବେ ନିଷ୍ପତ୍ତି ନେବାକୁ ମହିଳାଙ୍କୁ ସୁଯୋଗ ଦେବା ସହ ସେଥିପାଇଁ ସେମାନଙ୍କୁ ଯୋଗ୍ୟ କରିବାକୁ ପଡ଼ିବ । ମହିଳା ଓ ଝିଅଙ୍କ ଯଥାର୍ଥ ଆବଶ୍ୟକତା ଓ ତାହା ପୂରଣ କରିବାକୁ ସମାଜରେ ସଚେତନତା ସୃଷ୍ଟି ସହ ମହିଳାଙ୍କ ପାଇଁ ସମ୍ବଳର ସୁବିଧା ଏକାନ୍ତ ଅପରିହାର୍ଯ୍ୟ । ସମ୍ପତ୍ତି, ସମ୍ବଳ ଏବଂ ଉତ୍ପାଦନର ଉତ୍ସକୁ ନିୟନ୍ତ୍ରଣ କରିବାରେ ମହିଳା ଯେପରି ସମର୍ଥ ହେବେ ସେଥିପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ସହିତ ରୋଜଗାର ପାଇଁ ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବାକୁ ହେବ ।

**ସ୍ୱତନ୍ତ୍ର ଦୃଷ୍ଟି ଲୋଡୁଥିବା ପ୍ରସଙ୍ଗ :** ମହିଳାଙ୍କ ଦୁର୍ବଳସ୍ଥିତି ପାଇଁ ଯେଉଁସବୁ କାରଣ ମୁଖ୍ୟତଃ ଦାୟୀ ସେଗୁଡ଼ିକର ସମାଧାନ ଉପରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ । ଏସବୁ କାରଣଗୁଡ଼ିକ ହେଲା ଉତ୍ପାଦନକ୍ଷମ ସମ୍ବଳ, ସମ୍ପତ୍ତି ଉପରେ ମହିଳାଙ୍କ ନିୟନ୍ତ୍ରଣର ଅଭାବ, ଉପଯୁକ୍ତ ନିଯୁକ୍ତିର ଅଭାବ, ଯାବତୀୟ ଘରକାମର ବୋଝ, ମହିଳାଙ୍କ ଯୌନ ସମ୍ବନ୍ଧୀୟ ବ୍ୟାପାରରେ ହସ୍ତକ୍ଷେପ, ଧାର୍ମିକ ଓ ପାରମ୍ପରିକ ବିଶ୍ୱାସ, କୁସଂସ୍କାର ଏବଂ ଧାରଣା । ଏହା ବିରୋଧରେ ଲଢ଼େଇ ଜିଣି ମହିଳାଙ୍କୁ ସବଳ କରିବାକୁ ହେବ । ଜଣାଶୁଣା ଗବେଷିକା ବୀଣା ଅଗ୍ରୱାଲ ମହିଳାଙ୍କ ଅନଗ୍ରସର ସ୍ଥିତି ବିଷୟରେ ଗବେଷଣା କରି ଏକ ପୁସ୍ତକରେ ଲେଖିଛନ୍ତି ଯେ ସମ୍ପତ୍ତି ହିଁ ସବୁଠୁ ବଡ଼ କାରଣ ଯାହା ମହିଳାଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ତଥା ସଶକ୍ତିକରଣକୁ ନିର୍ଦ୍ଧାରିତ କରିଥାଏ । ତେଣୁ ସମ୍ପତ୍ତି ଓ ଉତ୍ପାଦନ ଉତ୍ସ ଉପରେ ମହିଳା ଅଧିକାରକୁ ସାବ୍ୟସ୍ତ କରିବାକୁ ପଡ଼ିବ । ସେହିଭଳି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ ଓ ପ୍ରଫେସର ଜାଁ ଡ୍ରେଜ୍‌ଙ୍କ ମତରେ ମହିଳାଙ୍କ ରୋଜଗାରର ଅଭାବ ଏବଂ ଏଥିପାଇଁ ଆବଶ୍ୟକ ସୁଯୋଗ ସୁବିଧା ନଥିବାରୁ ପରିବାର ଭିତରେ ସେମାନଙ୍କ ପ୍ରତି ଏକ ପକ୍ଷପାତ ବିଚାର ଥାଏ । ଏହାକୁ ଦୂରକରାଯାଇ ପାରିଲେ ମହିଳାଙ୍କ ପ୍ରତି ପାରିବାରିକ ଦୃଷ୍ଟିକୋଣ ବଦଳିବ ।

ସତକଥା ହେଲା ମହିଳା ଘରର ଯେତେ ପାଇଟି ଓ ଦାୟିତ୍ୱ ଉତ୍ତମ ରୂପେ ତୁଲାଇଲେ ମଧ୍ୟ ତାହାର ମୂଲ୍ୟାୟନ କେହି କରନ୍ତି ନାହିଁ । ଯେତେବେଳେ ପର୍ଯ୍ୟନ୍ତ ମହିଳା ରୋଜଗାର କରି ଘରକୁ ଟଙ୍କା ନ'ଆଣନ୍ତି ସେ ପର୍ଯ୍ୟନ୍ତ ତାଙ୍କ କାମର ଅବଦାନର ମୂଲ୍ୟାୟନ ହୁଏନାହିଁ । ମହିଳାଙ୍କୁ ପରିବାର ଜଞ୍ଜାଳରୁ ରିଆତି ବା ବିଶ୍ରାମ ଦେବା ପାଇଁ ପୁରୁଷଙ୍କୁ ମଧ୍ୟ ମହିଳା କରୁଥିବା କାର୍ଯ୍ୟରେ ସହଯୋଗ କରିବାକୁ ପଡ଼ିବ । ଏହା ଫଳରେ ମହିଳାଙ୍କ ବୋଝ ହାଲକା ହେବ ।

ବାଲ୍ୟ ବିବାହ, ପରଦା, ମହିଳାଙ୍କ ଆତଯାତ ଉପରେ କଟକଣା, ସନ୍ତାନ ଧାରଣ ଓ ଗର୍ଭପାତ ଜନିତ ପାରିବାରିକ ନିଷ୍ପତ୍ତି ଆଦି ମହିଳାଙ୍କ ଯୌନଗତ ବ୍ୟାପାର ଓ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ । ଏସବୁକୁ ଉଭୟ ସାମାଜିକ ଓ ଆଇନଗତ ବ୍ୟବସ୍ଥା ଜରିଆରେ ଦୂର କରିବାକୁ ହେବ । ମହିଳା ସଶକ୍ତିକରଣ କ୍ଷେତ୍ରରେ ଗଣମାଧ୍ୟମର

ବିଶେଷ ଭୂମିକା ରହିଛି । ଗଣମାଧ୍ୟମରେ ମହିଳାଙ୍କ ଭାବମୂର୍ତ୍ତି ବୃଦ୍ଧି ପାଇଁ ଅନେକ କାର୍ଯ୍ୟ ହୋଇଥିଲେ ହେଁ ଏ କ୍ଷେତ୍ରରେ ବିଶେଷ କିଛି ସଫଳତା ମିଳିନାହିଁ । ଧର୍ମ ଓ ସଂପ୍ରଦାୟଗତ ବିଚାର ଅନେକ ସମୟରେ ମହିଳା ବିକାଶ ଓ ସଶକ୍ତିକରଣ କ୍ଷେତ୍ରରେ ବାଧକ ହୋଇଥାଏ । ଧାର୍ମିକ ଆଇନ, ପ୍ରଥା, ଯାହା ସମ୍ବିଧାନ ବିରୋଧୀ ଏବଂ ମହିଳାଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରେ ତାହାର ଦୃଢ଼ ବିରୋଧ କରାଯିବା ଆବଶ୍ୟକ ।

**ଶିକ୍ଷା ଅପରିହାର୍ଯ୍ୟ :** ମହିଳା ସବଳିକରଣ କ୍ଷେତ୍ରରେ ଶିକ୍ଷାର ଭୂମିକା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ଶିକ୍ଷାର ପାଠ୍ୟକ୍ରମ ଓ ଶିକ୍ଷାଦାନ ବ୍ୟବସ୍ଥା ଯଦି ବୈଷମ୍ୟବାଦୀ ଓ ମହିଳା ବିରୋଧୀ ହୁଏ ତେବେ କଥା ସରିଲା । ତେଣୁ ଶିକ୍ଷା ମହିଳା ସପକ୍ଷାବାଦୀ ହେବା ଆବଶ୍ୟକ । ଲେଖିପଢ଼ି ଗଣି ଶିଖିଲେ ଶିକ୍ଷାର ପ୍ରବେଶ ହୁଏ । ମହିଳା ଏତିକିରେ କେବଳ ନିଜର ଶିକ୍ଷାକୁ ସୀମିତ ନ କରି ନିଜର ଜ୍ଞାନ ଓ ସୂଚନା ପରିସରକୁ ବଢ଼ାଇବା ସହ ନିଜେନିଜର ମୁନିବ ବନିବା ଆବଶ୍ୟକ । ମହିଳା ଶିକ୍ଷିତ ହୋଇ ସଶକ୍ତ ହେଲେ ଅନ୍ୟ ସମଧର୍ମୀଙ୍କ ସହ ମିଶି ମିଳିତ ଭାବେ ନିଜ ଅଧିକାର ସାବ୍ୟସ୍ତ କରିପାରିବ ଏବଂ ମହିଳା ସବଳିକରଣ ପ୍ରକ୍ରିୟା ଉପରେ ଏହାର ଉତ୍ତମ ସମ୍ମିଳିତ ପ୍ରଭାବ ପଡ଼ିବ । ଶିକ୍ଷିତ ମହିଳା ହିଁ ଯଥାର୍ଥ ସାମାଜିକ ସଚେତନତା ସୃଷ୍ଟି କରିପାରିବେ ଏବଂ ଅବିଚାର, ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସମର୍ଥ ହେବେ । ନାରୀ ଶିକ୍ଷାର ପଦ୍ଧତି ଅଂଶଗ୍ରହଣମୂଳକ ହେବା ଆବଶ୍ୟକ । ନାରୀ ଶିକ୍ଷାର ବିକାଶ ପାଇଁ ସରକାରୀ ସ୍ତରରେ ଯେଉଁସବୁ କାର୍ଯ୍ୟ ହେଉଛି ତାହାର ପରିସରକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ । ପାଠପଢ଼ି ଜଣେ ଝିଅ ବା ମହିଳା ନିଜକୁ ଯେପରି ସମର୍ଥ ଭାବିପାରିବ ସେଥିପ୍ରତି ନଜର ଦେବାକୁ ହେବ ।

ଜ୍ଞାନ ଓ କୌଶଳ ଆହରଣ ସମେତ, ନ୍ୟାୟ, ସମତା, ସାଧୁତା, ସତ୍ୟବାଦିତା, ଆତ୍ମନିର୍ଭରଶୀଳତା, ବଞ୍ଚିତବର୍ଗଙ୍କ ପ୍ରତି ସମବେଦନା ଓ ସମର୍ଥନ ଭଳି ବିଷୟଗୁଡ଼ିକୁ ପାଠ୍ୟକ୍ରମରେ ସାମିଲ କରି ନୈତିକ ଚରିତ୍ରଗଠନକୁ ମଜବୁତ କରିବାକୁ ପଡ଼ିବ । ଶିକ୍ଷା ତ ପ୍ରତିଯୋଗିତା ଓ ଆଶା ଆକାଂକ୍ଷା ବଢ଼ାଇବ । ଏହା ସହିତ ସଂଗଠନ ନିର୍ମାଣ, ସହଯୋଗିତାଭାବ ଏବଂ ଯୋଗସୂତ୍ର ରକ୍ଷା, ଏକ ତର୍କମାଶୀଳ ମସ୍ତିଷ୍କ ଓ ପ୍ରଶ୍ନିଳ ବିଜ୍ଞାନଭିତ୍ତିକ ମନୋଭାବ ମହିଳାଙ୍କ ମଧ୍ୟରେ ଯେପରି ସୃଷ୍ଟି ହେବ ଶିକ୍ଷାକୁ ସେହି ସ୍ତରକୁ ନେବାକୁ ପଡ଼ିବ ।

ଆଉ ଥରେ ଦୋହରାଇବି, ମହିଳା ସଶକ୍ତିକରଣ ସହ ମାନବିକ ମୂଲ୍ୟବୋଧ ସଶକ୍ତ ହେବା ଆବଶ୍ୟକ । ତେବେ ଯାଇଁ ଦେଶରେ ଅଧିକ ସମାନତା, ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ପୁରୁଷ ଯେତେବେଳେ ମହିଳାଙ୍କ ସବଳିକରଣର ଯଥାର୍ଥତା ବୁଝିପାରିବେ ସେତେବେଳେ ମହିଳା ସଶକ୍ତିକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଏହାଦ୍ୱାରା ପରିବାର, ସମାଜ ଓ ରାଷ୍ଟ୍ରର ମଙ୍ଗଳ ହେବ । ଆସନ୍ତୁ ମନେ ରଖିବା 'ଉଚ୍ଚମାନର ପୁରୁଷ ସମାନତାକୁ ଡରନ୍ତି ନାହିଁ' ।

ଲେଖିକା ମହିଳା ସଶକ୍ତିକରଣ କ୍ଷେତ୍ରରେ ଦୀର୍ଘଦିନ ଧରି ସଂଶ୍ଳିଷ୍ଟ ।

## ପଶ୍ଚିମ ବଙ୍ଗରେ ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଗଷ୍ଟ ୧୪ ତାରିଖ ଦିନ କୋଲକତାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ୨୦ ଜଣ ହିତାଧିକାରୀଙ୍କୁ ଏଲପିଜି ସଂଯୋଗ ପ୍ରଦାନ କରିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ୫ କୋଟି ଗରୀବ ମହିଳା ହିତାଧିକାରୀଙ୍କୁ ଏହି ଯୋଜନାରେ ଏଲପିଜି ସଂଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଗତ ତିନି ମାସ ସମୟ ମଧ୍ୟରେ ଉଜ୍ଜ୍ୱଳା ଯୋଜନାରେ ୩୩ ଲକ୍ଷରୁ ଉର୍ଦ୍ଧ୍ୱ ଗରୀବ ମହିଳା ହିତାଧିକାରୀଙ୍କୁ ଏଲପିଜି ସଂଯୋଗ ପ୍ରଦାନ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୧୬-୧୭ରେ ୧.୫ କୋଟି ଗରୀବ ମହିଳା ହିତାଧିକାରୀଙ୍କୁ ଏହି ଯୋଜନାରେ ଏଲପିଜି ସଂଯୋଗ ପ୍ରଦାନ କରିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୦୦କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିଛନ୍ତି । ଆଗାମୀ ୨୦୧୭-୧୮,୨୦୧୮-୨୦୧୯ ଆର୍ଥିକ ବର୍ଷରେ ୬୦୦୦କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ୩.୫ କୋଟି ହିତାଧିକାରୀଙ୍କୁ ଏଲପିଜି ସଂଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଗରୀବ ମହିଳାମାନଙ୍କୁ ବିନା ମୂଲ୍ୟରେ ଏଲପିଜି ସଂଯୋଗ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ଏହି ଯୋଜନାକୁ ଗତ ୧ମଇରେ ଉତ୍ତର ପ୍ରଦେଶର ବଲିୟାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିଥିଲେ । ଗୁଜରାଟ,ମଧ୍ୟପ୍ରଦେଶ,ରାଜସ୍ଥାନ, ଉତ୍ତରାଖଣ୍ଡ,ଓଡ଼ିଶା,ବିହାର,ହରିଆନା ଓ ଛତିଶଗଡରେ ଏହି ଯୋଜନାର ଶୁଭାରମ୍ଭ ହୋଇସାରିଛି ।

# ମହିଳା ସଶକ୍ତିକରଣ – ସରକାରୀ ଦୃଷ୍ଟିଭଙ୍ଗୀ

**ଲୀନା ନାୟର**

**ଲି**ଙ୍ଗଗତ ସମାନତା ପ୍ରସଙ୍ଗ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଉଲ୍ଲେଖ ଅଛି । ଏହା ମଧ୍ୟ ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଏବଂ ଡାଇରେକ୍ଟିଭ ପଲିସିର ଅନ୍ତର୍ଭୁକ୍ତ । ଏହି ଦୃଷ୍ଟିରୁ ମହିଳା ଓ ଶିଶୁ, ଯେଉଁମାନେ ଆମ ଦେଶର ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ, ସେଇମାନଙ୍କପାଇଁ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ନିଆଯାଇଆସୁଛି । ମହିଳାଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ଓ ପରିବର୍ତ୍ତନ ପାଇଁ ଅନେକ ଆଇନ ତିଆରି ହୋଇଛି ଏବଂ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ତେବେ ମହିଳା ସଶକ୍ତିକରଣ ଏକ ସରଳ ପ୍ରସଂଗ ନୁହେଁ । ତେଣୁ ସେମାନଙ୍କ ଆର୍ଥିକ ଓ ସାମାଜିକ ପରିବର୍ତ୍ତନପାଇଁ ସରକାରୀ ସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଏହି ଆଲେଖ୍ୟରେ ଆଲୋକପାତ କରାଯାଇଛି । ଏମାନଙ୍କ ସଶକ୍ତିକରଣ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ଏବଂ ସୁରକ୍ଷା ଓ ନିରାପତ୍ତା ଆଦି କ୍ଷେତ୍ରରେ ମଧ୍ୟ ଉନ୍ନତି ଆଣିବା ବାଂଛନୀୟ ।

**ସ୍ୱାସ୍ଥ୍ୟ :** ଦେଶର ବିଶାଳ ଜନସଂଖ୍ୟା ପାଇଁ ସ୍ୱାସ୍ଥ୍ୟସେବା ଓ ସୁବିଧା ଯୋଗାଇବା ଏକ କଠିଣ କାର୍ଯ୍ୟ । ୨୦୦୫ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ବର୍ତ୍ତମାନ ଏହା ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନାମରେ ନାମିତ) ମାଧ୍ୟମରେ ଉନ୍ନତ ଭିତ୍ତିଭୂମି, ଉପକରଣ ଓ ମାନବ ସମ୍ବଳର ସୁବିନିଯୋଗଦ୍ୱାରା ସ୍ୱାସ୍ଥ୍ୟସେବାରେ ଉନ୍ନତି କରାଯାଇପାରିଛି । ଜୀବନ ଧାରଣର ସୂଚକ ଭାବେ ସ୍ୱାସ୍ଥ୍ୟ ହେଉଛି ଏକ ପ୍ରାକ୍ ଆବଶ୍ୟକତା । ଆମ ଦେଶର ମାତୃ ପୁଷ୍ଟିହୀନତା ଏକ ମସ୍ତବଡ଼ ଆହ୍ୱାନ । କାରଣ, ଏମାନଙ୍କ ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ (୩୫.୬%) ମା' ହେଉଛନ୍ତି ଏହାର ଶିକାର । ସେମାନଙ୍କ ନିମ୍ନ ବଡ଼ି ମାସ୍ ଇଣ୍ଡେକ୍ସ ଏହାର ପ୍ରମାଣ । ସେହିଭଳି ଆମ ଦେଶର ପ୍ରତି ତିନି ଜଣରୁ ଜଣେ ମା ଅପପୁଷ୍ଟିର ଶୀକାର ହେଉଥିବାବେଳେ ପ୍ରତି ଦୁଇ ଜଣରେ ଜଣେ ମହିଳାଙ୍କ ପାଖରେ ରକ୍ତହୀନତା ଦେଖାଯାଏ । ଏହି ସମସ୍ୟାର ସମାଧାନପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି । ପ୍ରାୟ ୧୪ ଲକ୍ଷ ଅଂଗନବାଡ଼ୀ କେନ୍ଦ୍ର ଦ୍ୱାରା ଏହି ଯୋଜନା ମାଧ୍ୟମରେ ଶୈଶବ ଅବସ୍ଥାରେ ୬ ବର୍ଷରୁ କମ୍ ୮.୪ କୋଟି ଶିଶୁଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବା ସହିତ ୧.୯ କୋଟି ମାତୃତ୍ୱ ହାସଲ କରିବାକୁ ଯାଉଥିବା ମହିଳାମାନଙ୍କ ପୌଷ୍ଟିକ ଆବଶ୍ୟକତାକୁ ମଧ୍ୟ ପୂରଣ କରାଯାଉଛି । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ଗ୍ରାମ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସ ପାଳନ କରାଯାଇ ଗ୍ରାମାଞ୍ଚଳରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି । ମାତୃ ମୃତ୍ୟୁହାର ହ୍ରାସ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଜନନୀ ସୁରକ୍ଷା ଯୋଜନା ମାଧ୍ୟମରେ ସଂସ୍ଥାଗତ ପ୍ରସବ ସୁନିଶ୍ଚିତ କରିବା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟୟହୀନ ପ୍ରସବପାଇଁ ସମସ୍ତ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବସ୍ଥା, ସେମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ସକାଶେ ମା ଓ ଶିଶୁଙ୍କୁ ସୁରକ୍ଷା କାର୍ଡ଼ର ବ୍ୟବସ୍ଥା, ମା ଓ ଶିଶୁ ଟ୍ରାକିଂଗ ବ୍ୟବସ୍ଥା ଦ୍ୱାରା ଜନ୍ମ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବା ଏବଂ ମାତୃମୃତ୍ୟୁ ସମୀକ୍ଷାଦ୍ୱାରା ମାତୃମୃତ୍ୟୁକୁ ପ୍ରତିହତ କରିବା ଭଳି ବ୍ୟବସ୍ଥା ହେଉଛି ଏହି ଦିଗରେ ନିଆଯାଇଥିବା କେତେକ ପଦକ୍ଷେପ । ଏହିସବୁ କାର୍ଯ୍ୟକ୍ରମ ଯୋଗୁଁ ୨୦୦୭-୨୦୦୯ ମସିହାରେ ମାତୃମୃତ୍ୟୁ ଅନୁପାତ ପ୍ରତ୍ୟେକ ଏକ ଲକ୍ଷ ଜିବନ୍ତ ସନ୍ତାନ ପ୍ରସବରେ ୨୧୨ ଥିବା ବେଳେ ୨୦୧୦-୧୨ରେ ଏହା ୧୭୮କୁ ଖସିଆସିଛି । ସେହିଭଳି, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୪ (୨୦୧୫-୧୬)ର ତଥ୍ୟ ଅନୁଯାୟୀ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ଉନ୍ନତ ସେବା ପ୍ରଦାନ ଯୋଗୁଁ ମାତୃ ଓ ଶିଶୁ ମୃତ୍ୟୁ ହାରକୁ ରୋକାଯାଇପାରିଛି । ଜାତୀୟ ଚିଠା ସ୍ୱାସ୍ଥ୍ୟନୀତି-୨୦୧୫ ରେ ମଧ୍ୟ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଏଥିରେ ପୁରୁଷ ବନ୍ଧ୍ୟାକରଣ ଓ ଗର୍ଭନିରୋଧ ପ୍ରଣାଳୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି ।

**ଶିକ୍ଷା :** ମହିଳାଂକ ସ୍ଥିତିରେ ଉନ୍ନତିପାଇଁ ଶିକ୍ଷାର ଏକ ପ୍ରମୁଖ ଭୂମିକା ରହିଛି । ଏଥି ସକାଶେ ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ଯାଏଁ, ବହୁ ସରକାରୀ କାର୍ଯ୍ୟକ୍ରମ ରହିଛି । ମୁକ୍ତ ଓ ବାଧ୍ୟତା ମୂଳକ ଶିକ୍ଷା ପାଇଁ ଏପ୍ରିଲ ୨୦୧୦ରେ ପ୍ରଣୀତ ଶିକ୍ଷା ଅଧିକାର ଆଇନ ଓ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ

ଶିକ୍ଷାର ସାର୍ବଜନୀନକରଣପାଇଁ ସର୍ବଶିକ୍ଷା ଅଭିଯାନ ହେଉଛି ଏହିଭଳି ଦୁଇଟି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଏହା ଦ୍ୱାରା ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ଅଧିକ ସଂଖ୍ୟାରେ ବାଳିକା ମାନେ ନାମ ଲେଖାଉଛନ୍ତି ଏବଂ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି। ଡି. ଆଇ. ଏସ୍. ଇ-୨୦୧୨-୧୩ ର ତଥ୍ୟ ଅନୁଯାୟୀ ପ୍ରାଥମିକ ଶିକ୍ଷାରେ ଲିଂଗଗତ ସମାନତା ସୂଚୀ ଏକ ରହିଥିବା ବେଳେ, ଉଚ୍ଚ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏହା ୦.୯୫ ରହିଛି। ତଥାପି, ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆହୁରି କିଛି କରିବାକୁ ବାକି ଅଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପଠନ, ଲେଖନ,ଗଣିତ ଓ ଭାଷା ଆହରଣ ଦକ୍ଷତାକୁ ବିଶ୍ୱ ସ୍ତରୀୟ କରିବା ସକାଶେ ସର୍ବଶିକ୍ଷା ଅଭିଯାନର ଏକ ଅଂଶ ସ୍ୱରୂପ, "ପଢ଼େ ଭାରତ, ବଢ଼େ ଭାରତ" କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥି ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟରେ ପାଠ ପଢାଇବା ଓ ଶିକ୍ଷାଦାନ କରିବାପାଇଁ ୨୦୦ ଦିନ ଓ ୮୦୦ ଶିକ୍ଷାଦାନ ଘଣ୍ଟାର ସମୟ ନିର୍ଦ୍ଧାରଣ କରାଯାଇଛି। ସର୍ବଶିକ୍ଷା ଅଭିଯାନ ଅଧିନରେ ଆଉ ଏକ କାର୍ଯ୍ୟକ୍ରମ ହେଉଛି "ବିଦ୍ୟାଞ୍ଜଳୀ"। ଏହାର ଉଦ୍ଦେଶ୍ୟ ହେଉଛି, ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇଁ ଗୋଷ୍ଠୀ ଓ ବେସରକାରୀ କ୍ଷେତ୍ରର ସହଭାଗିତାକୁ ପ୍ରୋତ୍ସାହିତ କରିବା।

ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏପରି ସଫଳତା ପରେ, ମାଧ୍ୟମିକ ଶିକ୍ଷାପାଇଁ ମଧ୍ୟ ଅନୁରୂପ ଦାବି ଉଠିଛି। ସେଥିପାଇଁ ୧୪-୧୮ ବର୍ଷ ବୟସ୍କ ପୁଅ/ଝିଅଙ୍କ ସକାଶେ ମାଧ୍ୟମିକ ଶିକ୍ଷା ସୁନିଶ୍ଚିତ କରିବାପାଇଁ ୨୦୦୯ ମସିହାରୁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଏହାର ମଧ୍ୟ ସୁଫଳ ଦେଖିବାକୁ ମିଳିଛି। ୨୦୦୧ରେ ମହିଳା ସାକ୍ଷରତା ହାର ୬୫.୩୮ ରୁ ୨୦୧୧ ବେଳକୁ ୭୪.୦୪ କୁ ବୃଦ୍ଧି ପାଇଛି। କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ବାଳିକା ଶିକ୍ଷାପାଇଁ "ଉଡ଼ାନ୍" ନାମରେ ଏକ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଇଂଜିନିୟରିଂ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ରବୃତ୍ତି ଜରିଆରେ ବାଳିକାଙ୍କ ନାମଲେଖା ଅନୁପାତ ବୃଦ୍ଧି କରିବା ଏବଂ ଅନ୍-ଲାଇନ୍ ଜରିଆରେ ଉଚ୍ଚ ମାଧ୍ୟମିକ ସ୍ତରରେ ଗଣିତ ଓ ବିଜ୍ଞାନ ବିଷୟରେ ଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି କରିବା ଭଳି କାର୍ଯ୍ୟ କରାଯାଉଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ସାମଗ୍ରୀକ ବିକାଶପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ କାର୍ଯ୍ୟ କରୁଥିବାବେଳେ, ଉଚ୍ଚଶିକ୍ଷା ପ୍ରାପ୍ତି ପାଇଁ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ କାର୍ଯ୍ୟକ୍ରମ ଓ ଏହା ଅଧିନରେ ଡବ୍ଲୁ.ଡବ୍ଲୁ.ଡବ୍ଲୁ. ବିଦ୍ୟାଲକ୍ଷ୍ମୀ. କୋ.ଇନ୍ ନାମକ ଏକ ପୋର୍ଟାଲ୍ ଆରମ୍ଭ କରାଯାଇଛି। ଏହା ଏପରି ଏକ ସ୍ୱତନ୍ତ୍ର ଏବଂ ଏକକ ପୋର୍ଟାଲ ଯାହା ମାଧ୍ୟମରେ ଇଚ୍ଛୁକ ବିଦ୍ୟାର୍ଥୀ, ଉଚ୍ଚଶିକ୍ଷା ସମ୍ପର୍କୀତ ସୂଚନା ଓ ଏଥିଯୋଗୁଁ ବିଭିନ୍ନ ବ୍ୟାଂକ୍ ଓ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଶିକ୍ଷା ଋଣ ସଂପର୍କରେ ଅବଗତ ହୋଇପାରିବେ।

ଭାରତରେ ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଉଚ୍ଚ ପଦପଦବୀରେ ଥିବା ସତ୍ତ୍ୱେ ଏବଂ ବହୁ ମହିଳା ଉଚ୍ଚଶିକ୍ଷିତା ହୋଇଥିବା ସତ୍ତ୍ୱେ ଲିଂଗଗତ ପ୍ରଭେଦ ଏବେ ମଧ୍ୟ ରହିଛି। ତେବେ, ଯୁବ ଗୋଷ୍ଠୀ ମଧ୍ୟରେ ଲିଂଗଗତ ପ୍ରସଂଗ ପ୍ରତି ସମ୍ବେଦନଶୀଳତା ସୃଷ୍ଟି ଉଦ୍ଦେଶ୍ୟରେ ଦେଶର ମହା ବିଦ୍ୟାଳୟ ଗୁଡ଼ିକରେ "ଜେଣ୍ଡର୍ ଚମ୍ପିଆନ୍" ନିୟୋଜନ କରିବାପାଇଁ ବ୍ୟବସ୍ଥା କରାଯାଇଛି। ଏହାର କାର୍ଯ୍ୟକାରୀତା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶନାମା ପଠାଇଛନ୍ତି।

**ସୁରକ୍ଷା ଓ ନିରାପତ୍ତା :** ଏକ ସାମଗ୍ରିକ ସମାଜ ଓ ଏହାର ବିକାଶ ପାଇଁ ଆବଶ୍ୟକ ଲିଂଗଗତ ସମାନତା ଓ ନାରୀ ନିର୍ଯ୍ୟାତନାର ଅନ୍ତ। ଏଥିପାଇଁ ମଧ୍ୟ ସରକାର ଆବଶ୍ୟକ ଆଇନ ପ୍ରଣୟନ କରିଛନ୍ତି। ପିଡ଼ିତାଙ୍କୁ ସହଯୋଗ ଦେବା ଏବଂ ସେମାନଙ୍କ ସହାୟତା ପାଇଁ ପୁଲିସ୍‌ର ପ୍ରସ୍ତୁତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନେ ଯେପରି ନ୍ୟାୟ ପାଇପାରିବେ, ସେ ଦିଗରେ ମଧ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଉଦାହରଣ ସ୍ୱରୂପ ଯୌନ ନିର୍ଯ୍ୟାତନା ଘଟଣା ପାଇଁ ଅଧିକ କଠୋର ଶାସ୍ତି ବିଧାନ କରିଛନ୍ତି। ଏଥିରେ ଯୌନ ବ୍ୟଭିଚାରର ସଂଜ୍ଞାକୁ ପରିବ୍ୟାପ୍ତ କରାଯାଇ ଏସିଡ୍ ଆକ୍ରମଣ, ଯୌନ ନିର୍ଯ୍ୟାତନା, ମହିଳାଂକ ବ୍ୟକ୍ତିଗତ ଜୀବନଚର୍ଯ୍ୟାକୁ ଲୁଚିଛପି ଦେଖିବା, ସେମାନଙ୍କ ପିଛା କରିବା, ମହିଳାଙ୍କୁ ନିର୍ବସ୍ତ୍ର କରିବା ଆଦି କାର୍ଯ୍ୟକଳାପକୁ ମହିଳାଙ୍କ ବିରୋଧରେ ହେଉଥିବା ନୂତନ ଅପରାଧ ଭାବେ ଭାରତୀୟ ପିଙ୍ଗଳ କୋର୍ଡ଼ରେ ସାମିଲ କରାଯାଇଛି। ହିଂସା ପିଡ଼ିତ ମହିଳାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦେବାକୁ ମଧ୍ୟ ସରକାରୀ ଅଧିକାରୀଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିଭଳି, କର୍ମସ୍ଥଳୀରେ ମହିଳାଙ୍କ ଯୌନ ନିର୍ଯ୍ୟାତନା (ପ୍ରତିହତ, ପ୍ରତିରୋଧ ଓ ସମାଧାନ) ଅଧିନିୟମ, ୨୦୧୩ ମାଧ୍ୟମରେ, ମହିଳାଙ୍କ ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ବାତାବରଣ ସୁନିଶ୍ଚିତ କରିବାପାଇଁ ବ୍ୟବସ୍ଥା ରହିଛି। ଏତଦ୍ ବ୍ୟତୀତ ରହିଛି, ଘରୋଇ ହିଂସାରୁ ମହିଳାଙ୍କୁ ମୁକ୍ତି ଆଇନ-୨୦୦୫, ବାଲ୍ୟ ବିବାହ ନିରୋଧ ଆଇନ-୨୦୦୬, ଯୌନ ନିର୍ଯ୍ୟାତନାରୁ ଶିଶୁଙ୍କ ସୁରକ୍ଷା ଆଇନ-୨୦୧୨, ଭ୍ରୁଣ ଲିଙ୍ଗ ନିରୂପଣ ପ୍ରତିହତ କରିବାପାଇଁ ପି.ସି.ଏଣ୍ଡ ପି.ଏନ୍ ଡି.ପି. ଆଇନ-୧୯୯୪ ଓ ଜୁଭେନାଇଲ୍ ଜଷ୍ଟିସ୍ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଇତ୍ୟାଦି। ସରକାର ମଧ୍ୟ ମାତୃତ୍ୱ ଅବକାଶ ସମୟ ସୀମାକୁ ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି କରିବାପାଇଁ

ଆଇନ୍‌ରେ ଆବଶ୍ୟକ ସଂଶୋଧନ କରିଛନ୍ତି ।। ଏହାଦ୍ୱାରା କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରେତ୍ସାହନ ମିଳିପାରିବ ।

ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ, ସରକାର ଏକ ନିର୍ଭୟା ପାଣ୍ଠି ଗଠନ କରିଛନ୍ତି । ଏପର୍ଯ୍ୟନ୍ତ ୨୦୦୦ କୋଟି ଟଙ୍କାର ୧୫ଟି ପ୍ରସ୍ତାବକୁ ଏଥିରେ ଅନୁମୋଦନ ମିଳିଛି । ଏଗୁଡ଼ିକ ମଧ୍ୟରେ ରହିଛି ୱାନ୍ ଷ୍ଟପ୍ ସେଣ୍ଟର । ଏହାର କାର୍ଯ୍ୟ ହେଉଛି, ହିଂସାର ଶିକାର ମହିଳାଙ୍କୁ ସ୍ୱାସ୍ଥ୍ୟସେବା , ପୁଲିସ ସହାୟତା, ଆଇନ୍‌ଗତ ପରାମର୍ଶ, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଏବଂ ସାମୟିକ ଆଶ୍ରୟ ପ୍ରଦାନ ବ୍ୟବସ୍ଥା ସୁନିଶ୍ଚିତ କରିବା । ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମ ହେଉଛି, ୨୪ ଘଣ୍ଟିଆ ସହାୟତା ପାଇଁ ଉମେନ୍ ହେଲ୍ପଲାଇନ୍, ପ୍ରତ୍ୟେକ ଥାନାରେ ମହିଳାଙ୍କ ବିରୋଧରେ ଅପରାଧ ଅନୁସନ୍ଧାନ ଶାଖା, ଟ୍ରେନ୍‌ରେ ମହିଳାଙ୍କ ସୁରକ୍ଷାପାଇଁ ସିସିଟିଭି ବ୍ୟବସ୍ଥା, ଦ୍ୱିତୀୟ ଆପାତକାଳୀନ ସହାୟତା ବ୍ୟବସ୍ଥା, କେନ୍ଦ୍ରୀୟ ପିଡ଼ିତା କ୍ଷତିପୂରଣ ପାଣ୍ଠି, ମହିଳା ଓ ଶିଶୁଙ୍କ ବିରୋଧରେ ସାଇବର ଅପରାଧ ପ୍ରତିରୋଧ ବ୍ୟବସ୍ଥା ଇତ୍ୟାଦି ।

ବହୁ କ୍ଷେତ୍ରିୟ "ବେଟୀ ବଚାଓ, ବେଟୀ ପଢ଼ାଓ" କାର୍ଯ୍ୟକ୍ରମ ମାଧ୍ୟମରେ ବାଳିକାଙ୍କ ଭବିଷ୍ୟତ ସୁନିଶ୍ଚିତ କରିବାପାଇଁ ପଦକ୍ଷେପ ମାନ ନିଆଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ, ଶିଶୁ ଲିଂଗ ଅନୁପାତ ହ୍ରାସ ସମସ୍ୟାର ସମାଧାନ ପାଇଁ ମଧ୍ୟ ପ୍ରଚେଷ୍ଟା ଚାଲିଛି । ଏହି ଯୋଜନାର ସଫଳତା ପୃଷ୍ଠଭୂମିରେ ଏହାକୁ ପ୍ରଥମ ୧୦୦ଟି ଜିଲ୍ଲାରୁ ଆଉ ୬୧ଟି ଜିଲ୍ଲାକୁ ସଂପ୍ରସାରିତ କରାଯାଇଛି । ଏହି ଜିଲ୍ଲା ଗୁଡ଼ିକରେ ଶିଶୁଲିଙ୍ଗ ଅନୁପାତ ଯଥେଷ୍ଟ କମ୍ ରହିଛି । ଅସହାୟ ଓ ପଡ଼ିତ ମହିଳାଙ୍କ ସୁରକ୍ଷା ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ହେଲା, ସୁଧାର ଓ ସଟ୍ ଷ୍ଟେ ହୋମ୍ ।

କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ, ପୁଲିସ ବିଭାଗରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରାଯାଇଛି । ମହିଳା ପୁଲିସ ଥାନା ପ୍ରତିଷ୍ଠା ଓ ମହିଳାଙ୍କ ସମସ୍ୟା ପ୍ରତି ପୁଲିସର ସମ୍ବେଦନଶୀଳତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଇଛି । ଏତଦ୍‌ବ୍ୟତୀତ, ପୁଲିସ ଓ ମହିଳାଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ ପାଇଁ ମହିଳା ପୁଲିସ ଭୋଲୁଣ୍ଟିଅର ନିଯୁକ୍ତି ପାଇଁ ମଧ୍ୟ ପ୍ରକ୍ରିୟା ଜାରୀ ରହିଛି । ଏମାନଙ୍କର କାର୍ଯ୍ୟ ହେଉଛି ଘରୋଇ ହିଂସା, ବାଲ୍ୟ ବିବାହ, ଯୌତୁକ ନିର୍ଯ୍ୟାତନା ଭଳି ଘଟଣାଗୁଡ଼ିକୁ ପୁଲିସ ନଜରକୁ ଆଣିବା ।

ବିଭିନ୍ନ ଆହ୍ୱାନ ସତ୍ତ୍ୱେ, ବହୁସଂଖ୍ୟାରେ ମହିଳାମାନେ ପୁରୁଣା ବାଧାବିଘ୍ନ ଅତିକ୍ରମ କରି, ନିଜେନିଜର ଭାଗ୍ୟ ନିର୍ଦ୍ଧାରଣ କରିପାରୁଛନ୍ତି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମଯୋଗାଣ ଯୋଜନା ଓ ଜାତୀୟ ଗ୍ରାମୀଣ ଜିବିକା ମିଶନ ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେବା ସହିତ, ଗ୍ରାମାଞ୍ଚଳରେ ବହୁ ଗୋଷ୍ଠୀ ସମ୍ପଳ ସୃଷ୍ଟି ହୋଇପାରୁଛି । ମହିଳାଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସକାଶେ ଅନ୍ୟଏକ କାର୍ଯ୍ୟକ୍ରମ ହେଉଛି ରାଷ୍ଟ୍ରୀୟ ମହିଳା କୋଷ । ବିଶେଷଭାବେ ମହିଳାମାନଙ୍କ ପାଇଁ ପାଣ୍ଠି ଓ ବଜାର ସୁବିଧା ଉପଲବ୍ଧ କରାଇବା ହେଉଛି ଏହାର ଉଦ୍ଦେଶ୍ୟ । ମହିଳା ଉଦ୍ୟୋଗୀ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ଇ-ହାଟ ଯୋଜନା କାର୍ଯ୍ୟକାରୀ ହେଉଛି । ଡିଜିଟାଲ୍ ଇଣ୍ଡିଆ ଅଧୀନରେ ଏଭଳି ୱେବ-ଆଧାରିତ ବଜାର ବ୍ୟବସ୍ଥା ମାଧ୍ୟମରେ, ବ୍ୟବସାୟୀ ଗୋଷ୍ଠୀ ଓ ମହିଳା ଉଦ୍ୟୋଗୀଙ୍କ ସମ୍ପର୍କ ଆହୁରି ଦୃଢ଼ ହୋଇପାରିବ ।

ଆର୍ଥିକ ଅନ୍ତର୍ଭୁକ୍ତିକରଣ ହେଉଛି ସରକାରଙ୍କ ପ୍ରମୁଖ ପ୍ରାଥମିକତା । ନିଜର ପ୍ରଥମ ବ୍ୟାଙ୍କ ଖାତା ଖୋଲିବାପାଇଁ "ଜନଧନ ଯୋଜନା" ଲକ୍ଷଲକ୍ଷ ମହିଳାଙ୍କୁ ସୁଯୋଗ ଦେଇଛି । ଦାରିଦ୍ର୍ୟ ଓ ଋଣରୁ ମୁକ୍ତିର ବାଟ ଦେଖାଇଛି । ଗେଟ୍‌ସ ଫାଉଣ୍ଡେସନର ତୃତୀୟ ସର୍ବେକ୍ଷଣ ଅନୁଯାୟୀ, ୪୭ ପ୍ରତିଶତ ମହିଳାଙ୍କ ନାମରେ ବର୍ତ୍ତମାନ ବ୍ୟାଙ୍କ ଖାତା ରହିଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ଯୋଗାଇ ଦେବାର ଲକ୍ଷ୍ୟ ରହିଛି, ଯଦ୍ୱାରା ସେମାନେ ଦାରିଦ୍ର୍ୟ କବଳରୁ ମୁକ୍ତି ପାଇପାରିବେ । କନ୍ୟା ସନ୍ତାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ, ବେଟୀ ବଚାଓ, ବେଟୀ ପଢ଼ାଓ ଅଧୀନରେ ସୁକନ୍ୟା ସମୃଦ୍ଧି ଯୋଜନା ଆରମ୍ଭ କରାଯାଇଛି । ଜୁନ୍ ୨୦୧୬ ସୁଦ୍ଧା ଏହି ଯୋଜନାରେ ୮୬ଲକ୍ଷ ଖାତା ଖୋଲାଯାଇ ସାରିଛି ।

**ଉପସଂହାର :** ଭାରତ ଭଳି ଏକ ବିଶାଳ ଓ ବହୁମୁଖୀ ଗଣତନ୍ତ୍ରରେ ଏସବୁ ହେଉଛି ଉଲ୍ଲେଖନୀୟ ପଦକ୍ଷେପ । ତଥାପି ଆମ ସମାଜର ପୁରୁଷ କୈନ୍ଦ୍ରିକ ଆଭିମୁଖ୍ୟ ଏବେମଧ୍ୟ ମହିଳାଙ୍କ ପାଇଁ ଏକ ସମସ୍ୟାଭାବେ ଛିଡ଼ା ହୋଇଛି । ଏଥିଯୋଗୁଁ ସେମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଉପେକ୍ଷା କରାଯାଉଛି ଏବଂ ନିର୍ଯ୍ୟାତନା ମଧ୍ୟ ଦିଆଯାଉଛି । ତେଣୁ, ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ନାରୀମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକର ଆହୁରି ଦକ୍ଷ ପରିଚାଳନା ଆବଶ୍ୟକ । ମହିଳା ସଶକ୍ତିକରଣ ଏକ ନିରନ୍ତର ପ୍ରକ୍ରିୟା । ଏହାକୁ ଜାତୀୟ ମହିଳା ନିତୀରେ ମଧ୍ୟ ସାମିଲ କରାଯାଇଛି । ଏଥିରେ ୭ଟି ପ୍ରମୁଖ କ୍ଷେତ୍ର ଯଥା:- ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ବ୍ୟବସ୍ଥା, ପ୍ରଶାସନ, ନିଷ୍ପତ୍ତି ନେବାରକ୍ଷମତା, ନାରୀ ନିର୍ଯ୍ୟାତନା, ବାସଗୃହ ଓ ଭିତ୍ତିଭୂମିକୁ ନେଇ ଉପଯୁକ୍ତ ପରିବେଶ, ବିଶୁଦ୍ଧ ପାନୀୟଜଳ ଓ ପରିମଳ, ଗଣମାଧ୍ୟମ ଓ କ୍ରୀଡ଼ା, ସାମାଜିକ ସୁରକ୍ଷା ଆଦିକୁ ପ୍ରାଥମିକତା ଦିଆଯାଇଛି । ଏପରିକି ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଭଳି ବିଷୟକୁ ମଧ୍ୟ ଏହି ଚିଠାନୀତିରେ ଅନ୍ତର୍ଭୁକ୍ତ କରାଯାଇଛି । ମହିଳା ମାନଙ୍କ ପାଇଁ କେତେକ ନୂଆ ସମସ୍ୟା ବା ସମସ୍ୟା ଗୁଡ଼ିକର

ନୂତନ ରୂପ ଉଭା ହୋଇଛି । ସେଗୁଡ଼ିକ ହେଉଛି ସାଇବର ଦୁନିଆରେ ମହିଳାଙ୍କ ସୁରକ୍ଷା, ସେମାନଙ୍କ ଦ୍ୱାରା କରାଯାଉଥିବା ସେବା-ଯତ୍ନ ଆଦି କାର୍ଯ୍ୟର ପୁନଃଆବଣ୍ଟନ, ସମ୍ବିଧାନର ସୀମା ମଧ୍ୟରେ ବିଭିନ୍ନ ବ୍ୟକ୍ତିଗତ ଓ ପାରମ୍ପାରିକ ପ୍ରଥା ଓ ବ୍ୟବସ୍ଥାର ସମୀକ୍ଷା ପ୍ରଜନନ କ୍ଷେତ୍ରରେ କୃତ୍ରିମ ଉପାୟ ଉପଯୋଗ ପାଇଁ ସେମାନଙ୍କ ଅଧିକାର, ଏକୁଟିଆ ଥିବା ମହିଳାଙ୍କ ଆବଶ୍ୟକତା ଆଦି । ଏଥିପ୍ରତି ମଧ୍ୟ ସରକାର ସଜାଗ ଅଛନ୍ତି । ଲିଙ୍ଗଗତ ଦୃଷ୍ଟିରୁ ଏକ ବାସ୍ତବଧର୍ମୀ ସମାନତା ଆଧାରିତ ଓ ନ୍ୟାୟସଂଗତ ସମାଜ ଗଠନ ସକାଶେ ଧାରଣକ୍ଷମ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପଡିବ । ତେବେ ଏଥିରେ ନାଗରିକ ସମାଜ ଓ ବେସରକାରୀ କ୍ଷେତ୍ର ସମେତ ପ୍ରତ୍ୟେକ ସହଭାଗୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ।

ଲେଖିକା ଭାରତ ସରକାରଙ୍କ ମହିଳା ଓ ଶିଶୁକଲ୍ୟାଣ ବିଭାଗର ସଚିବ ।

## ଦୀଘାଠାରୁ ଗୋପାଳପୁର ଜାତୀୟ ରାଜପଥର ଆଲାଇନ୍‌ମେଣ୍ଟ

ପଶ୍ଚିମବଙ୍ଗର ଦୀଘାଠାରୁ ଓଡ଼ିଶା ଗୋପାଳପୁର ପର୍ଯ୍ୟନ୍ତ ୫୫୦ କି.ମି. ଦୈର୍ଘ୍ୟ ଜାତୀୟ ରାଜପଥର ଆଲାଇନ୍‌ମେଣ୍ଟ ଯୋଜନାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଗତ ଜୁଲାଇରେ କେନ୍ଦ୍ର ସଡ଼କ ପରିବହନ, ଜାତୀୟ ରାଜପଥ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ନୂଆଦିଲ୍ଲୀ ସ୍ଥିତ ପରିବହନ ଭବନରେ ସାକ୍ଷାତ୍ କରିବା ପରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଓ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଛନ୍ତି । ଏହି ୫୫୦ କି.ମି. ଜାତୀୟ ରାଜପଥକୁ ମିଶାଇ କେନ୍ଦ୍ରରେ ମୋଦି ସରକାର ଆସିବା ପରେ ୧୮ ଶହ କି.ମି. ନୂଆ ଜାତୀୟ ରାଜପଥ ଘୋଷଣା ହେବା ସହ କ୍ରିୟାନ୍ୱୟନର ବିଭିନ୍ନ ସ୍ତରରେ ଅଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ, ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱକାଳରେ ଓଡ଼ିଶାରେ ୨୨୦୦ କି.ମି. ଜାତୀୟ ରାଜପଥ ନିର୍ମାଣ ହୋଇଥିଲା । ଆଗାମୀ କିଛି ବର୍ଷରେ ଓଡ଼ିଶାରେ ଆଉ ୨୫୦୦ କି.ମି. ରାଜପଥ ନିର୍ମାଣ ଦାବିକୁ କେନ୍ଦ୍ର ସଡ଼କ ପରିବହନ, ରାଜମାର୍ଗ ଓ ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀ ଗଡ଼କରୀ ସମ୍ମତି ପ୍ରଦାନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶ୍ରୀ ଅଟଳ ବିହାରୀ ବାଜପେୟୀ ଓ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନକାଳରେ ଓଡ଼ିଶାରେ ୬ ହଜାର କି.ମି. ରାଜମାର୍ଗ ସମ୍ପୂର୍ଣ୍ଣ ହେବ । ରାଜ୍ୟରେ ରାଜପଥର ଦ୍ରୁତ ବିକାଶ ଦ୍ୱାରା ରାଜ୍ୟର ପଛୁଆ ଅଞ୍ଚଳ ଓ ଜନଜାତି ସମାଜର ବିକାଶରେ ବିଶେଷ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି । ଏନ୍.ଡି.ଏ. ସରକାର ଅମଳରେ ଜାତୀୟ ରାଜପଥ ନିର୍ମାଣରେ ଓଡ଼ିଶା ରେକର୍ଡ଼ କରିବ ବୋଲି ଶ୍ରୀ ଓରାମ୍ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି ଯେ, ରାଜ୍ୟରେ ଆଉ ୧୦୦୦ରୁ ୧୫୦୦ କି.ମି. ନୂଆ ଜାତୀୟ ରାଜପଥ ନିର୍ମାଣପାଇଁ ଶ୍ରୀ ପ୍ରଧାନ ଓ ଶ୍ରୀ ଓରାମ୍ ଅନୁରୋଧ କରିଛନ୍ତି ଓ ଏହାକୁ ପୂରଣ କରିବାପାଇଁ ସେ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି ।

# ଶିଶୁଲିଙ୍ଗ ଅନୁପାତ, ମାନସିକତା ଓ ସରକାରଙ୍କ ନୀତି

**ମେରି ଇ.ଜନ୍**

**ଭା**ରତରେ ପ୍ରତିକୂଳ ଲିଂଗ ଅନୁପାତ ପ୍ରସଙ୍ଗ, ଉପନିବେଶ ଶାସନ କାଳରୁ ଆମ ଇତିହାସର ଏକ ଅଂଗ ପାଲଟିଯାଇଛି । ୧୯୭୦ ଦଶକରେ ଏହି ପ୍ରସଙ୍ଗ ଆହୁରି ଏକ ବଡ଼ ସମସ୍ୟା ଭାବେ ଉଭା ହେଲା । ଊନବିଂଶ ଶତାବ୍ଦୀରେ ରାଜପୁତ ଓ ଜାଟ୍‌ମାନେ ସେମାନଙ୍କ କନ୍ୟାସନ୍ତାନଙ୍କୁ ମାରିଦେବା ଘଟଣାର କାରଣ ଖୋଜିବା ପାଇଁ ବ୍ରିଟିଶ ଅଧିକାରୀମାନଙ୍କ ପ୍ରୟାସ ହେଉ କିମ୍ବା ଜନସଂଖ୍ୟା ବିଶେଷଜ୍ଞମାନଙ୍କ ଦ୍ୱାରା, ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟାରେ ହ୍ରାସର କାରଣ ଖୋଜିବାର ପ୍ରୟାସ– ଏଥିଯୋଗୁଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିଛି । ୧୯୮୦ ଦଶନ୍ଧୀ ପରେ, ଏକ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା- ଦିଲ୍ଲୀ, ମୁମ୍ବାଇ ଏବଂ ଅମୃତସର ଭଳି ବଡ଼ବଡ଼ ସହରଗୁଡ଼ିକରେ ଭ୍ରୁଣର ଲିଂଗ ନିରୂପଣ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ପ୍ରସୂତ ଉପକରଣର ବ୍ୟବହାର । ଏଥିରେ ଭ୍ରୁଣଟି ଯଦି କନ୍ୟା ସନ୍ତାନର ହୋଇଥାଏ, ତେବେ ଗର୍ଭପାତ କରେଇ ଦିଆଯାଉଥିଲା ।

ଅବଶ୍ୟ ଚିକିତ୍ସକମାନଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ଏଭଳି ଦୁରୁପଯୋଗକୁ ଭାରତ ସରକାର ପି.ସି.ପି.ଏନ୍.ଡି.ଟି ଅଧିନିୟମ ଦ୍ୱାରା ବେଆଇନ ଘୋଷଣା କଲେ । ସେହିଦିନଠାରୁ ଏଭଳି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଅଭିଯାନ ଅବ୍ୟାହତ ରହିଛି । ତେବେ, ଡାକ୍ତର, ଲିଙ୍ଗ ନିରୂପଣ କ୍ଲିନିକ୍ ଓ ତଦାରଖକାରୀ ସଂସ୍ଥାମାନଙ୍କ ଅସାଧୁ ମେଣ୍ଟ ଯୋଗୁଁ, ଏଭଳି ବେଆଇନ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଏକ ଦୂରୁହ ବ୍ୟାପାର ହୋଇପଡ଼ିଛି । କେତେବେଳେ କେମିତି ହାତଗଣତି ସରକାରୀ କର୍ମଚାରୀ ଓ ଜିଲ୍ଲାପାଳ (ଯେମିତି ଫରିଦାବାଦ୍ ଏବଂ ହାଇଦ୍ରାବାଦ୍‌ରେ)ଙ୍କ ନିଷ୍ଠାପର ଉଦ୍ୟମ ଦ୍ୱାରା ଏହାକୁ ରୋକିବା କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ଓ କେତେକ ମିଡ଼ିଆ କର୍ମୀ (ଯେମିତି ରାଜସ୍ଥାନ ଓ ମହାରାଷ୍ଟ୍ରରେ)ଙ୍କ ଦ୍ୱାରା ଏଭଳି ବେଆଇନ କାର୍ଯ୍ୟକୁ ଷ୍ଟିଙ୍ଗ୍ ଅପରେସନ୍ ମାଧ୍ୟମରେ ଲୋକଲୋଚନକୁ ଆଣିବା ଭଳି କାର୍ଯ୍ୟ ହେଲା । ତେବେ ଏଥିରେ ମଧ୍ୟ କେତେଜଣ ସତର୍କ କରାଇ ଦିଅନ୍ତି ଯେ ଏହା ଦ୍ୱାରା ଗର୍ଭପାତ ବିରୋଧରେ ଏକ ଆନ୍ଦୋଳନ ସୃଷ୍ଟି ହେବାର ଆଶଙ୍କା ରହିଛି । ଏପରି ସ୍ଥଳେ, ଯେଉଁ ମହିଳାମାନଙ୍କୁ ଗର୍ଭପାତ କରାଇବା ଅତ୍ୟାବଶ୍ୟକ ହେବ, ସେମାନେ ବିପଦରେ ପଡ଼ିଯିବେ । (ଏମିତିରେ ବି ଗର୍ଭପାତ କେବେ ନାରୀର ଅଧିକାର ପରିସରଭୁକ୍ତ ନଥିଲା, ବରଂ ଏହାକୁ ପରିବାର ନିୟନ୍ତ୍ରଣ ସହ ଯୋଡି ଦେଖାଯାଉଥିଲା ।)

**ମାନସିକତା ପରିବର୍ତ୍ତନ:** ଭ୍ରୁଣର ଲିଂଗ ନିରୂପଣ ସକାଶେ ବ୍ୟକ୍ତିବିଶେଷଙ୍କ ଇଚ୍ଛା ପଛରେ ଏକ ପ୍ରମୁଖ କାରଣ ହେଉଛି 'ମାନସିକତା' । ବାସ୍ତବରେ ବହୁ ସମସ୍ୟାର ମୂଳରେ ଏହି 'ମାନସିକତା' ହିଁ ନିହିତ ଥାଏ । ତେଣୁ ଏହାକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି । ତେବେ 'ମାନସିକତା'ର ଅର୍ଥ କ'ଣ ? ଅଭିଧାନ ଅନୁସାରେ, ଏହା ହେଉଛି ବ୍ୟକ୍ତିର ଦୃଷ୍ଟିଭଙ୍ଗୀ, ଯେମିତି କି 'ଅମୁକ ବ୍ୟକ୍ତିର ମଧ୍ୟଯୁଗୀୟ ମାନସିକତା ରହିଛି ।' ମୁଁ ଭାବୁଛି ଏହି ଅର୍ଥ ଓ ବ୍ୟାଖ୍ୟା କିଭଳି ଭ୍ରୁଣ ଲିଂଗ ନିରୂପଣ କ୍ଷେତ୍ରରେ ପ୍ରଯୁଜ୍ୟ । ଆମର ବିଶ୍ୱାସ ଯେ ଏଭଳି କାର୍ଯ୍ୟ କରୁଥିବା ପରିବାର ସଦସ୍ୟଙ୍କ ପୁଅ ଓ ଝିଅମାନଙ୍କ ପ୍ରତି ଏକ ନିର୍ଦ୍ଧାରିତ ଦୃଷ୍ଟିଭଙ୍ଗୀ ଥାଏ । ସେମାନଙ୍କ ଏଭଳି ଦୃଷ୍ଟିଭଙ୍ଗୀ ସ୍ଥିର ରହିଥାଏ କାରଣ ଏହା ସେହି ବହୁ ପୁରୁଣା ପ୍ରଥାରୁ ଆସିଛି ଯେଉଁ ପ୍ରଥାରେ ଝିଅମାନଙ୍କୁ ଗୌଣ ବିଚାର କରାଯାଏ । ତେଣୁ ଏହା ମଧ୍ୟ ସତ ଯେ, ଆମେ ଯେତେବେଳେ କହୁ ଯେ ଲୋକମାନେ ସେମାନଙ୍କ ଦୃଷ୍ଟିକୋଣ ପରିବର୍ତ୍ତନ କରିବା ଉଚିତ, ଆମେ ପ୍ରକୃତରେ ଆଶାକରୁ ସେମାନେ ପୁରୁଣାକୁ ଛାଡ଼ି ଆଧୁନିକ ବିଚାର ପୋଷଣ କରନ୍ତୁ ।

ତେବେ ଗବେଷଣାଲବ୍ଧ ତଥ୍ୟରୁ ଏହା ପ୍ରମାଣିତ ଯେ ଏଭଳି ଏକ ବିଚାର, ଏହି ସମସ୍ୟାର ହୃଦୟଙ୍ଗମ ପାଇଁ ପର୍ଯ୍ୟାପ୍ତ ନୁହେଁ । କାରଣ ଏହା ଦ୍ୱାରା ଆମେ ଭାବୁ ଯେ ଏଭଳି ବ୍ୟକ୍ତିମାନେ ସମୟ ସହିତ ତାଳ ଦେଇ ପାରୁନାହାନ୍ତି । ତେବେ ଆମକୁ ଅଧିକ ସତର୍କତାର ସହିତ ଦେଖିବାକୁ ପଡ଼ିବ ଯେ କାହିଁକି ଏକ ନିର୍ଦ୍ଦିଷ୍ଟ ପରିବାର, ଝିଅ ଅପେକ୍ଷା ପୁଅକୁ ଅଧିକ ପସନ୍ଦ କରେ । ଏପରି କଲା

ସମୟରେ ସେମାନେ କେବଳ ପୁରୁଣା ପରମ୍ପରା ଦ୍ୱାରା ପରିଚାଳିତ ହୁଅନ୍ତି ନାହିଁ। ବରଂ ନିଜର ଭବିଷ୍ୟତ ଆଶା ପୂରଣ ପାଇଁ ସମ୍ବଳ ଆବଶ୍ୟକତା ଦୃଷ୍ଟିରୁ ମଧ୍ୟ ପ୍ରଭାବିତ ହୋଇଥାନ୍ତି । ଲୋକମାନଙ୍କ ବିଚାରଧାରା ବା ଦୃଷ୍ଟିଭଙ୍ଗୀ, ସମସାମୟିକ ସମାଜ ଓ ଆର୍ଥିକ ପୃଷ୍ଠଭୂମି ଉପରେ ନିର୍ଭର କରେ। ଅନ୍ୟ ଅର୍ଥରେ, ସନ୍ତାନ ଜନ୍ମକରିବା ଓ ସନ୍ତାନ ପାଳନ ପାଇଁ ଆବଶ୍ୟକ ସମ୍ବଳର ବ୍ୟବସ୍ଥା କରିବା। ଏହା ହେଉଛି ଏପରି ଏକ ଜଟିଳ ଓ ପରିବର୍ତ୍ତନଶୀଳ ପରିସ୍ଥିତି, ଯାହାକୁ ପ୍ରତ୍ୟେକ ପରିବାରକୁ ସାମ୍ନା କରିବାକୁ ପଡ଼ିଥାଏ । ତେଣୁ ଆମେ ଆମକୁ ପ୍ରଶ୍ନ ପଚାରିବା ଉଚିତ ଯେ ୧୯୮୦ ଦଶକ ପରେ ଆସିଥିବା ନୂତନ ପ୍ରଯୁକ୍ତି ଜ୍ଞାନ କୌଶଳ ବ୍ୟତିରେକ, ଗତ କେତେକ ଦଶନ୍ଧୀରେ ହୋଇଥିବା ଅନ୍ୟ କେଉଁ ଆବିଷ୍କାର ବା ଉଦ୍ଭାବନ, ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଲୋକଙ୍କ ଉପରେ ପ୍ରଭାବ ପକାଇଥିବ ? କେଉଁ ପ୍ରକାର ପରିବାର ଏଥିରେ ଅଧିକ ପ୍ରଭାବିତ ହୋଇଥିବେ ? ପ୍ରଥମେ ଆମେ ଜାଣିରଖିବା ଉଚିତ ଯେ ୧୯୯୦ ଦଶକ ପରେ ଭାରତର ଆର୍ଥିକ ଅଭିବୃଦ୍ଧି ସହିତ କ୍ରମକ୍ଷୟିଷ୍ଣୁ ଶିଶୁ ଲିଂଗ ଅନୁପାତ ମଧ୍ୟ ତାଳ ଦେଇ ଚାଲିଥିଲା । ତେବେ, ବ୍ୟାପକ ଆର୍ଥିକ ସଂପ୍ରସାରଣ ଏବଂ ପରିବର୍ତ୍ତନ ସତ୍ତ୍ୱେ, ଏହି ଆର୍ଥିକ ପ୍ରଗତିର ସୁଷମ ବଣ୍ଟନ ହୋଇ ପାରି ନାହିଁ । ଏହା ପୁରୁଣା ନିଯୁକ୍ତି ଅପେକ୍ଷା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରି ନାହିଁ । ଏଭଳି ପରିସ୍ଥିତିରେ ଅଧିକ କୁପ୍ରଭାବ ପଡ଼ିଛି ମହିଳାଙ୍କ ଉପରେ। ଯେଉଁ ପରିବାରଗୁଡ଼ିକ ଦରିଦ୍ର ନୁହଁନ୍ତି, ଅଥଚ ନିଜ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି, ସେମାନେ କମ୍ ସନ୍ତାନ ଚାହାନ୍ତି, ଯେଉଁଥିରେ ସେମାନେ ନିଜ ଭବିଷ୍ୟତକୁ 'ନିର୍ମାଣ' କରିପାରିବେ। ସେଇମାନେ ହିଁ ଭ୍ରୁଣ ଲିଂଗ ନିରୂପଣ ଓ ଚୟନ ଭଳି କାର୍ଯ୍ୟ ପ୍ରତି ଅଧିକ ଆକୃଷ୍ଟ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାହାଁନ୍ତି ପ୍ରଥମେ ପୁଅଟିଏ ଏବଂ ଅତିବେଶୀରେ ଆଉ ଗୋଟିଏ ଝିଅ । ଏତଦ୍‌ବ୍ୟତୀତ ଏଭଳି ଆଧୁନିକ ପରିବାର ଚାହେଁ କିପରି ସେମାନଙ୍କ ସନ୍ତାନଙ୍କ ଲାଳନପାଳନ ଉପଯୁକ୍ତ ଭାବେ ହେବ, ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯାଇ ପାରିବ ଏବଂ କିପରି ସେମାନେ ଭଲ ଚାକିରି ପାଇ ନିଜ ଭବିଷ୍ୟତ ସୁରକ୍ଷିତ ରଖିବେ । ଏକଥା କହିବା ସହଜ । କାରଣ, ଆଜିର ଏ ଆର୍ଥିକ ଓ ସାଂସ୍କୃତିକ ପୃଷ୍ଠଭୂମିରେ ଏକ ଅନିଶ୍ଚିତତା ମଧ୍ୟରେ କନ୍ୟା ସନ୍ତାନର ଲାଳନପାଳନ ଯଥେଷ୍ଟ କଷ୍ଟସାଧ୍ୟ ବୋଲି ବିବେଚନା କରାଯାଏ । ଅନ୍ୟପକ୍ଷରେ କହିବାକୁ ଗଲେ, ଏଭଳି ପରିବାରମାନେ କନ୍ୟା ପରିବର୍ତ୍ତେ ପୁତ୍ର ସନ୍ତାନ ମନାସୁଥିବା ପ୍ରବୃତ୍ତିକୁ ଆଧୁନିକ ବିଚାରଧାରା ବା ଦୃଷ୍ଟିଭଙ୍ଗୀ ବୋଲି କହିବାକୁ ପଛାନ୍ତି ନାହିଁ ।

**ସରକାରୀ ଯୋଜନାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା :** ଏଭଳି ପରିସ୍ଥିତିରେ, ସରକାର ନିଜ ଯୋଜନାଗୁଡ଼ିକ ଜରିଆରେ ପରିବାର ଗୁଡ଼ିକୁ ଏକ ଉପଯୁକ୍ତ ସଂଦେଶ ଦେଇପାରିବେ । ସୂଚନାଯୋଗ୍ୟ ଯେ ସେହି ପରିବାର, ଯେଉଁମାନେ ଗରିବ ନୁହନ୍ତି କିନ୍ତୁ ଆର୍ଥିକ ଉନ୍ନତି ପାଇଁ ପ୍ରଚେଷ୍ଟାରତ ଏବଂ ଯେଉଁମାନେ ଗୋଟିଏ ପୁଅ, ଗୋଟିଏ ଝିଅ ଜନ୍ମ କରି ଏକ ସଂପୂର୍ଣ୍ଣ ପରିବାରର ମାନ୍ୟତା ହାସଲ କରିବାକୁ ଚାହାନ୍ତି, ସେଇ ପରିବାରମାନେ ହିଁ ଲିଂଗ ନିରୂପଣ ପାଇଁ ଅଧିକ ଲାଳାୟିତ ହୁଅନ୍ତି । ୨୦୦୧ ଜନଗଣନାରୁ ୦ରୁ ୫ ବର୍ଷ ଶିଶୁଙ୍କ କ୍ଷେତ୍ରରେ ଲିଂଗ ଅନୁପାତ ହ୍ରାସ ଘଟିବା ଜଣାପଡ଼ିବା ପରେ, ରାଜ୍ୟ ସ୍ତରରେ ଅନେକ ଯୋଜନା ପ୍ରଣୟନ ହେଲା ବା କେତେକ ଯୋଜନାକୁ ପରିବର୍ତ୍ତନ କରାଗଲା, ଯଦ୍ଦ୍ୱାରା କନ୍ୟା ସନ୍ତାନମାନଙ୍କ ପ୍ରତି ଲୋକଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଅଣାଯାଇ ପାରିବ।

'ଅପନୀ ବେଟୀ, ଅପନୀ ଧନ' ଭଳି ଯୋଜନାଗୁଡ଼ିକ ଦ୍ୱାରା ବାଲ୍ୟବିବାହ ପ୍ରତିହତ ଓ ବାଳିକା ଶିକ୍ଷା ଆଦିକୁ ପ୍ରୋତ୍ସାହିତ କରାଯାଉଛି । ହରିଆଣା, ପଞ୍ଜାବ, ହିମାଚଳପ୍ରଦେଶ, ଦିଲ୍ଲୀ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏଥିପାଇଁ ସର୍ତ୍ତମୂଳକ ଆର୍ଥିକ ସହାୟତା ମଧ୍ୟ ଦିଆଯାଉଛି । 'ଲାଡ଼୍‌ଲି', 'ଧନଲକ୍ଷ୍ମୀ' ଭଳି ଯୋଜନା ଦ୍ୱାରା ପରିବାରଗୁଡ଼ିକୁ କନ୍ୟା ସନ୍ତାନ ନାଁରେ ବ୍ୟାଙ୍କରେ ଖାତା ଖୋଲାଯାଇ, ତା' ଜୀବନର ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଜମା କରି ଦିଆଯାଉଛି । ଏଭଳି ଯୋଜନାର ଉଦ୍ଦେଶ୍ୟ ହେଉଛି ସତେ ଯେମିତି 'କନ୍ୟାସନ୍ତାନ' ରୂପକ 'ବୋଝ' ପାଇଁ ସଂପୃକ୍ତ ପରିବାରକୁ ଆର୍ଥିକ ସହାୟତା ଦେବା। ତେବେ କେତେକ ସର୍ତ୍ତ ଆରୋପ ଯୋଗୁଁ, ଏହି ଯୋଜନା କାର୍ଯ୍ୟକ୍ଷମ କ୍ଷେତ୍ରରେ ମଧ୍ୟ ନାନା ଅସୁବିଧା ଦେଖାଦେଉଛି । ଅଧ୍ୟୟନରୁ ଜଣାପଡ଼ିଛି ଯେ ଏଭଳି ଯୋଜନାଗୁଡ଼ିକରେ କେବଳ ଗରିବ ପରିବାରକୁ ସାହାଯ୍ୟ କରାଯାଉଛି। ଅଥଚ, ସେଇ ଆର୍ଥିକ ଭାବେ ସ୍ୱଚ୍ଛଳ ପରିବାର, ଯେଉଁମାନେ ଲିଂଗ ନିରୂପଣ ପାଇଁ ଅଧିକ ବ୍ୟଗ୍ର, ସେମାନଙ୍କୁ ଏଭଳି ଯୋଜନାରୁ ବାହାରେ ରଖାଯାଉଛି । ଅନ୍ୟ କେତେକ ଅନୁଭବ କରନ୍ତି ଯେ ଏଭଳି ଯୋଜନା ଦ୍ୱାରା କନ୍ୟା ସନ୍ତାନକୁ 'ବୋଝ' ଭାବିବା ଭଳି ସମାଜରେ ଥିବା ଭାବନାକୁ ପ୍ରୋତ୍ସାହିତ କରାଯାଉଛି ।

ଦୁଇବର୍ଷ ତଳେ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ସହିତ 'ବେଟୀ ବଚାଓ-ବେଟୀ ପଢ଼ାଓ' ଯୋଜନାର ଶୁଭାରମ୍ଭ କଲେ । ହରିଆଣା

ଭଳି ରାଜ୍ୟରେ, ଯେଉଁଠି ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଦୀର୍ଘଦିନରୁ ଶିଶୁ ଲିଂଗ ଅନୁପାତ କମ୍ ରହିଆସିଛି, ସେଠାରେ ଏହି ଯୋଜନାର ଉପସ୍ଥିତି ସହରରେ ଓ ରାଜରାସ୍ତାରେ ବଡ଼ବଡ଼ ହୋର୍ଡିଂରୁ ଦେଖିବାକୁ ମିଳେ । ରାଜ୍ୟର ସରକାରୀକଳ ମଧ୍ୟ ଏହି ଯୋଜନା ସଂପର୍କରେ ବାରମ୍ବାର କହିଥାନ୍ତି । ତେବେ ସଂପୂର୍ଣ୍ଣ ସଦ୍‌ଭାବନା ସତ୍ତ୍ୱେ, ସର୍ତ୍ତମୂଳକ ଅର୍ଥ ହସ୍ତାନ୍ତର ଭଳି ଅନ୍ୟ କେତେକ ତ୍ରୁଟି ଯୋଗୁଁ ସେଠାରେ ଏହି ଯୋଜନା ଭଲ ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏହାର ଏକ କାରଣ ହେଲା, ଅଧିକାଂଶ ଟଙ୍କା ଏହି ଯୋଜନାର ପ୍ରଚାର ପ୍ରସାରରେ ଖର୍ଚ୍ଚ ହେଉଛି । ସତେ ଯେମିତି ଏହି ସମସ୍ୟା କେବଳ ଜନସାଧାରଣଙ୍କ 'ଦୃଷ୍ଟିଭଙ୍ଗୀ'କୁ ନେଇ ହିଁ ଉତ୍ପନ୍ନ ହୋଇଛି । ପୂର୍ବରୁ ଏହି ଧାରଣାକୁ ଭୁଲ ପ୍ରମାଣିତ କରାଯାଇ ସାରିଛି । ଏଭଳି ସ୍ଥିତି ସାଙ୍ଗକୁ ଯୋଡ଼ି ହୋଇ ଯାଇଛି ସରକାରଙ୍କ ଅନ୍ୟତମ ଧ୍ୱଜାଧାରୀ ଯୋଜନା, 'ସମନ୍ୱିତ ଶିଶୁ ବିକାଶ ଯୋଜନା' ଏବଂ ଶିକ୍ଷା ଅଧିକାର ଆଇନକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ଦିଷ୍ଟ 'ସର୍ବଶିକ୍ଷା ଅଭିଯାନ'ରେ ଅନୁଦାନ ହ୍ରାସ । ଏହା ପରିସ୍ଥିତିକୁ ଆହୁରି ଜଟିଳ କରିଛି । କାରଣ ଏହି ଯୋଜନାଗୁଡ଼ିକ ଦ୍ୱାରା ଶିଶୁର ସର୍ବନିମ୍ନ ପୌଷ୍ଟିକ ଆବଶ୍ୟକତା ଓ ଶିଶୁଯତ୍ନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଏ । ଏହା ମଧ୍ୟ ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦିଏ । ମୋଟାମୋଟି ଭାବରେ ଲିଂଗ ନିରୂପଣ ଅଭ୍ୟାସକୁ ପ୍ରତିହତ କରିବାକୁ ହେଲେ, ସରକାର, ତାଙ୍କ ଯୋଜନା ଓ ନୀତିଗୁଡ଼ିକର ପ୍ରଭାବକୁ ନେଇ ସଚେତନ ହେବାକୁ ପଡ଼ିବ । ସଚେତନତା ସୃଷ୍ଟିର ଅର୍ଥକୁ ଲୋକଙ୍କ 'ଦୃଷ୍ଟିକୋଣ' ପରିବର୍ତ୍ତନ ଭିତରେ ସୀମିତ ନ ରଖି, ସେହି 'ଦୃଷ୍ଟିକୋଣ' ସୃଷ୍ଟି କରୁଥିବା ସାମାଜିକ ବ୍ୟବସ୍ଥା ଆଡ଼କୁ ସଂପ୍ରସାରିତ କରିବାକୁ ପଡ଼ିବ । ତେଣୁ ବିକାଶର ସ୍ୱରୂପ ଏପରି କରିବାକୁ ପଡ଼ିବ ଯେପରି ଉଭୟ ପୁରୁଷ ଓ ନାରୀଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଥିବ, ଯଦ୍ୱାରା ପିତାମାତା ଆଉ ପୁଅ ଓ ଝିଅ ମଧ୍ୟରେ ପ୍ରଭେଦ ଦେଖିବେ ନାହିଁ । ଏହା ସହିତ ନିଜ କନ୍ୟାସନ୍ତାନଙ୍କ ଯୌନଗତ ସୁରକ୍ଷା ସମ୍ପର୍କିତ ପ୍ରସଙ୍ଗକୁ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ ।

ନୂଆଦିଲ୍ଲୀସ୍ଥିତ ମହିଳା ବିକାଶ ଅଧ୍ୟୟନ କେନ୍ଦ୍ରରେ ଲେଖିକା ଜଣେ ସିନିୟର ଫେଲୋ ଭାବେ କାର୍ଯ୍ୟରତ ।

## ସୁଶ୍ରୀ ପି.ଭି. ସିନ୍ଧୁଙ୍କୁ ୭୫ ଲକ୍ଷ ଟଙ୍କାର ପୁରସ୍କାର

ରିଓ ଅଲମ୍ପିକ୍‌ରେ ରୌପ୍ୟ ପଦକ ପାଇ ଭାରତ ପାଇଁ ଗର୍ବ ଆଣିଥିବା ସୁଶ୍ରୀ ପି.ଭି. ସିନ୍ଧୁଙ୍କୁ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ରାଷ୍ଟ୍ରାୟତ ଉଦ୍ୟୋଗ ବିପିସିଏଲ ତରଫରୁ ୭୫ ଲକ୍ଷ ଟଙ୍କାର ନଗଦ ରାଶି ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବିପିସିଏଲ ତରଫରୁ ଏହି ଘୋଷଣା କରାଯାଇଛି ।

ସୁଶ୍ରୀ ସିନ୍ଧୁ ଭାରତ ପେଟ୍ରୋଲିୟମ କ୍ରୀଡା ବିକାଶପାଇଁ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କମ୍ପାନୀର ହାଇଦ୍ରାବାଦ ଅଫିସରେ କାର୍ଯ୍ୟରତ । ସୁଶ୍ରୀ ସିନ୍ଧୁ ଅଲମ୍ପିକରେ ତାଙ୍କର ଅନନ୍ୟ ସଫଳତା ପୂର୍ବରୁ ଜଣେ ସଫଳ ଖେଳାଳୀ ଭାବେ ୨୦୧୫ରେ ପଦ୍ମଶ୍ରୀ ସମ୍ମାନ ଓ ୨୦୧୩ରେ ଅର୍ଜୁନ ପୁରସ୍କାର ପ୍ରାପ୍ତ କରିସାରିଛନ୍ତି । ୨୦୧୩ ମସିହାରେ ସୁଶ୍ରୀ ସିନ୍ଧୁ ଭାରତର ପ୍ରଥମ ମହିଳା ଭାବେ ବିଶ୍ୱ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ମେଡ଼ାଲ ଲାଭ କରିଥିଲେ ।

ସୁଶ୍ରୀ ସିନ୍ଧୁଙ୍କ ସଫଳତାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସହ ସିନ୍ଧୁ ଭାରତୀୟ ଯୁବ ଗୋଷ୍ଠୀ ପାଇଁ ପ୍ରେରଣା ଉତ୍ସ ବୋଲି କହିଛନ୍ତି ।

# ମହିଳା ସଶକ୍ତିକରଣରେ ସାମାଜିକ ଭିତ୍ତିଭୂମିର ଆବଶ୍ୟକତା

**ଦେବକୀ ଜୈନ**

**ଯେଉଁ**ସବୁ ନୀତି ସାମାଜିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଯାହା ମାଧ୍ୟମରେ ଦରିଦ୍ର ଓ ଅସହାୟ ମହିଳାଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗରେ ସହାୟତା ଯୋଗାଇ ଦିଆଯାଇଥାଏ ସେସବୁର ବାସ୍ତବ ସ୍ଥିତି ସମ୍ପର୍କରେ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି। ତଦନୁସାରେ ଉପସ୍ଥାପିତ ଯୁକ୍ତି ହେଲା ସବୁଠୁ ଅସୁବିଧାରେ ଥିବା, ଆର୍ଥିକ ଦୃଷ୍ଟିରୁ ସର୍ବାଧିକ ପଛୁଆ, ଦୂରଦୂରାନ୍ତ ଇଲାକାର ମହିଳାଙ୍କୁ ପରିବାର ଓ ସମ୍ପୃକ୍ତ ପରିବେଶର ଗୁରୁତ୍ୱପୂର୍ଣ୍ଣ ଉତ୍ପାଦନକ୍ଷମ ସଦସ୍ୟ ଭାବେ ମାନ୍ୟତା ଦେଇ ସେମାନଙ୍କ ସାମାଜିକ ଆବଶ୍ୟକତା ପୂରଣ କରିବା ନୀତିର ପ୍ରଥମ ସର୍ତ୍ତ ହେବା ଆବଶ୍ୟକ। ନିଜର, ନିଜ ପରିବାରର, ନିଜ ଗୋଷ୍ଠୀ ବା ସମୁଦାୟ ଅଥବା ଅନ୍ୟମାନଙ୍କ ଜୀବନର ପରିବର୍ତ୍ତନ ଓ ବିକାଶରେ ମହିଳାମାନେ ଯେ ମୁଖ୍ୟ କର୍ତ୍ତା ଏହାକୁ ସାମାଜିକ ନୀତିରେ ସ୍ୱୀକୃତି ଦେବା ପ୍ରଥମ ଆବଶ୍ୟକତା। ସାମାଜିକ ନୀତିରେ ପ୍ରାୟତଃ ମହିଳାମାନଙ୍କୁ ଦୁର୍ବଳ, ଅଭାବୀ, ନିଜକୁ ନିଜେ ସମ୍ଭାଳିବାରେ ଅସମର୍ଥ, କମ୍ ଦକ୍ଷ ଏବଂ ପୁରୁଷର ଆଜ୍ଞାଧୀନା ବୋଲି ବିଚାର କରାଯାଇ ତଦନୁସାରେ ବିକାଶ ଯୋଜନା ପ୍ରସ୍ତୁତ ହୋଇଥାଏ। ମାତ୍ର ବାସ୍ତବରେ ଦରିଦ୍ର ଓ ଅନଗ୍ରସର ପରିବାରଙ୍କ ଆର୍ଥିକ ସ୍ଥିତିର ସମୀକ୍ଷା କଲେ ଦେଖାଯାଏ ଏହା ଠିକ୍ ଓଲଟା। ସେସବୁ ପରିବାରରେ ମହିଳାମାନଙ୍କର ସାମର୍ଥ୍ୟ, ଶକ୍ତି, ଉତ୍ପାଦନ କ୍ଷମତା ଆଦି ଯଥେଷ୍ଟ ଭଲ । ଏସବୁ ପରିବାରରେ ଖାଦ୍ୟ, ଜଳ, ଇନ୍ଧନ, ରକ୍ଷଣାବେକ୍ଷଣ ଓ ଯତ୍ନ ଆଦି ମୌଳିକ ଆବଶ୍ୟକତା ଗୁଡ଼ିକ ମହିଳାଙ୍କ ଦ୍ୱାରା ମୁଖ୍ୟତଃ ସୁଚାରୁରୂପେ ସଂପନ୍ନ କରାଯାଇଥାଏ। ଏସବୁ ପରିବାରରେ ମହିଳାମାନେ ଉପରୋକ୍ତ ମୌଳିକ ଦାୟିତ୍ୱ ନିର୍ବାହ କରିବା ସହ କିଛି କିଛି ରୋଜଗାର କରି ମଧ୍ୟ ଦୈନିକ ଗୁଜରାଣ ମେଣ୍ଟାଇବାରେ ସହାୟକ ହୋଇଥାନ୍ତି। ଦୁର୍ଭିକ୍ଷ, ଭୟଙ୍କର ମରୁଡ଼ି ଆଦି ସମୟରେ ଯେତେବେଳେ ଚାଷ ଉଜୁଡ଼ି ଯାଏ ଓ ସ୍ୱାଭାବିକ ଖାଦ୍ୟ ଯୋଗାଣ ବ୍ୟବସ୍ଥା ବ୍ୟାହତ ହୁଏ, ସେତେବେଳେ ମହିଳାମାନେ କନ୍ଦା ଖୋଳି, କୋଳି ତୋଳି ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ସଂଗ୍ରହ କରି ନିଜ ପରିବାରର ଲୋକଙ୍କୁ ଖାଦ୍ୟ ଯୋଗାଇବାର ବନ୍ଦୋବସ୍ତ କରିଥାନ୍ତି।

ଅତଏବ ପରିବାର, ଗୋଷ୍ଠୀ ଓ ସମାଜକୁ ସମ୍ଭାଳିବାରେ ମହିଳାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାରୁ ତାହାକୁ ଭିତ୍ତି କରି ସାମାଜିକ ସହାୟତା ନୀତି ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କ ମତରେ 'ମାନବ ଜାତିର ବିକାଶ କଥା ଚିନ୍ତା କଲାବେଳେ ଆମର ଏକ ସ୍ପଷ୍ଟ ଦୂରଦୃଷ୍ଟି ରହିବା କଥା, ଯେଉଁଠି ମଣିଷକୁ ଜଣେ ରୋଗୀ ଭଳି ସେବା ସହାୟତା ଯୋଗାଣ ପରିବର୍ତ୍ତେ ତା'କୁ ପରିବର୍ତ୍ତନର କର୍ମୀ ଓ ବାହକ ଭାବେ ଦେଖିବାକୁ ହେବ।' ତେଣୁ ମଣିଷକୁ କେବଳ ଉପଭୋକ୍ତା ଭାବେ ବିଚାର ନ'କରି ପରିବର୍ତ୍ତନ ପ୍ରକ୍ରିୟାରେ ତାହାର ଭୂମିକାକୁ ବିସ୍ତାରିତ ଭାବେ ଦେଖିବାକୁ ପଡ଼ିବ। ସେ ସୁଯୋଗ ସୁବିଧା ପାଇଲେ ତାହାର ବିଚାର ଶକ୍ତି, ଅନୁମାନ, ବିବେଚନା, ସଂକଳ୍ପ, ପ୍ରେରଣା ଓ କାର୍ଯ୍ୟ ଦ୍ୱାରା ପୃଥିବୀକୁ କେତେ ବଦଳାଇ ପାରିବ ସେ ବିଷୟରେ ବିଚାର କରିବାକୁ ହେବ।

ମହିଳାମାନଙ୍କୁ ଏବେ ଯେଉଁ ସାମାଜିକ ସହାୟତା ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରାଯାଉଛି ସେଥିରେ ଅନେକ ପ୍ରତିବନ୍ଧକ ରହୁଛି। ପ୍ରଥମ ପ୍ରତିବନ୍ଧକ ହେଲା, ଏସବୁ ନୀତି ପ୍ରଣୟନ କ୍ଷେତ୍ରରେ ଥିବା ଧାରଣା ବା ଦୃଷ୍ଟିକୋଣ। ଏଥିପାଇଁ ନୀତି ପ୍ରସ୍ତୁତିରେ ତ୍ରୁଟି ରହୁଛି। ୧୯୭୦ ଦଶକରେ ଘରକୁ ଘର ସର୍ଭେ କରି ଯେଉଁ ସବୁ ପରିସଂଖ୍ୟାନଗତ ତଥ୍ୟ ବା ଡାଟା ସଂଗ୍ରହ କରାଯାଉଥିଲା ସେଥିରେ ମହିଳାଙ୍କୁ ବିଧବା, ନିରାଶ୍ରୟଙ୍କ ତାଲିକାଭୁକ୍ତ କରାଯାଇ କମ୍ ଦକ୍ଷ ଭାବେ ଉପସ୍ଥାପିତ କରାଯାଉଥିଲା। ତେଣୁ ସେମାନେ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ସୁଫଳ ପାଇବାକୁ ଯୋଗ୍ୟ ବୋଲି ଦର୍ଶାଯାଉଥିଲା। ମହିଳା ଆନ୍ଦୋଳନର ସଦସ୍ୟମାନେ ଏହାକୁ ନାପସନ୍ଦ କରି ଏହା ବିରୋଧରେ ସ୍ୱର ଉତ୍ତୋଳନ ପୂର୍ବକ ବିକଳ୍ପ ପ୍ରସ୍ତାବ ଦେଇଥିଲେ। ମହିଳାଙ୍କୁ ନିରାଶ୍ରୟ, ଅଦକ୍ଷ ପ୍ରତିପାଦନ କରି ଦୟାପୂର୍ବକ ସାମାଜିକ

ସୁରକ୍ଷା ବ୍ୟବସ୍ଥା ନ'ଦେଇ ସେମାନଙ୍କୁ ପରିବାର ଓ ସମାଜରେ ପରିବର୍ତ୍ତନର ଦୂତ ଭାବେ ସ୍ୱୀକୃତି ଦେବାକୁ ସେମାନେ ଦାବି କରିଥିଲେ। ସେମାନଙ୍କର ଯୁକ୍ତି ଥିଲା ଯେ ଅର୍ଥନୀତି ପ୍ରତି ମହିଳାମାନଙ୍କର ସ୍ୱତନ୍ତ୍ର ଅବଦାନ ରହିଥିବାରୁ ସେମାନଙ୍କ ଭୂମିକାକୁ ସ୍ୱୀକୃତି ଦେବା ସହ ଆର୍ଥିକ ପୁରସ୍କାର ପ୍ରଦାନ ଏବଂ ସେମାନଙ୍କୁ ଅଧିକ ଉତ୍ପାଦନ କ୍ଷମ କରିବା ପାଇଁ ଆର୍ଥିକ, ସାମାଜିକ ସମର୍ଥନ ଯୋଗାଇଦେବା ଆବଶ୍ୟକ।

ମହିଳାମାନେ ଶିଶୁ ଓ ବୟସ୍କଙ୍କ ଯତ୍ନସେବା କରୁଥିବାରୁ ତାହାକୁ କେବଳ ଏକ ସାଧାରଣ ସ୍ୱୀକୃତି ଭାବେ ଗ୍ରହଣ ନ'କରି ଏବାବଦରେ ମହିଳାଙ୍କୁ ପାରିଶ୍ରମିକ ଦେବାକୁ ବିଶ୍ୱବ୍ୟାପୀ ଦାବି ଜୋର ଧରୁଛି। ନିଜର ଶ୍ରମ ଓ ସମୟ ପାଇଁ ମହିଳାମାନେ ଆବଶ୍ୟକ ଆର୍ଥିକ ଲାଭ ପାଇବା ସପକ୍ଷରେ ଜନମତ ଜାଗ୍ରତ ହେଉଛି। ଯୁକ୍ତି ହେଉଛି ଏଭଳି କାମରେ ନିୟୋଜିତ ମହିଳା ରୋଜଗାର ସୁବିଧାରୁ ବଞ୍ଚିତ ହେଉଛନ୍ତି।

ମହିଳାମାନେ କି କି କାର୍ଯ୍ୟ କରନ୍ତି ଓ କେତେ ବୋଝ ସମ୍ଭାଳନ୍ତି ତାହା ସର୍ବଜନବିଦିତ। ତା'ଭିତରେ ସେମାନଙ୍କର ସ୍ୱାସ୍ଥ୍ୟ ଓ ସୁଖଶାନ୍ତି ସବୁଠୁ ବଡ଼ କଥା। ସେମାନେ କିପରି ସୁସ୍ଥସବଳ ଓ କର୍ମଠ ରହି ନିଜ ଦାୟିତ୍ୱ ସମ୍ପନ୍ନ କରିପାରିବେ ସେଥିପ୍ରତି ଅଗ୍ରାଧିକାର ଦେବାକୁ ପଡ଼ିବ।

ଏ ସମ୍ପର୍କରେ ଭାରତୀୟ ପରିବେଶ ଦର୍ଶାଏ ଯେ ଜଣେ ମହିଳା ଘରର ଯାବତୀୟ ଜଞ୍ଜାଳ ମୁଣ୍ଡାଉଥିବାରୁ ରୋଜଗାର ସୁଯୋଗ ଓ ସୁବିଧାରୁ ବଞ୍ଚିତ ହୁଏ। ଏପରିକି ସାମୟିକ ଭାବେ ବାହାରେ କାମ କରି ରୋଜଗାର କରିବାର ସୁଯୋଗ ଭାରତୀୟ ମହିଳାଙ୍କ ପାଇଁ ସୀମିତ।

ରୀନାନା ଝାବୱାଲ ତାଙ୍କର ଏ ସଂକ୍ରାନ୍ତ ଏକ ଅନୁଧ୍ୟାନ ରିପୋର୍ଟରେ ଦର୍ଶାଇଛନ୍ତି ଯେ 'ଭାରତୀୟ ମହିଳାମାନେ ଘର କାର୍ଯ୍ୟରେ ମୁଖ୍ୟତଃ ବ୍ୟସ୍ତ ହୋଇଥିବାରୁ ଅଣଆନୁଷ୍ଠିକ ଅର୍ଥନୀତିରେ ସେମାନେ ଗଣ୍ୟ ନ'ହୋଇ ହଜିଯାଉଛନ୍ତି। ଅର୍ଥନୀତିରେ ସେମାନଙ୍କର ବାସ୍ତବ ଅବଦାନର ଯଥାର୍ଥ ମୂଲ୍ୟାୟନ ହୋଇପାରୁନାହିଁ। ପରିବାର ନିର୍ମାଣରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହୁଥିବାରୁ ସେମାନଙ୍କୁ ଆର୍ଥିକ ଏଜେଣ୍ଟ ବା ରୋଜଗାରକ୍ଷମ ବିବେଚନା କରି ଆବଶ୍ୟକ ଆର୍ଥିକ ଓ ସାମାଜିକ ନୀତି ପ୍ରସ୍ତୁତ କରାଯିବା ଆବଶ୍ୟକ'। ଏକାଦଶ ପଞ୍ଚବାର୍ଷିକ ଯୋଜନା (୨୦୦୭-୧୨) ପ୍ରସ୍ତୁତି କାଳରେ ଯୋଜନା କମିଶନ କିଛି ମହିଳା ଅର୍ଥନୀତିଜ୍ଞଙ୍କୁ ନେଇ ଏକ କାର୍ଯ୍ୟକାରୀ ଗୋଷ୍ଠୀ (ଡବ୍ଲୁଜିଏଫ୍‌ଇ) ଗଠନ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ମହିଳାଙ୍କ ବିକାଶ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରିବା ଓ ସେମାନଙ୍କ ପାଇଁ ଭିତ୍ତିଭୂମି, ଶିକ୍ଷା, କୃଷି ଆଦି ପ୍ରମୁଖ କ୍ଷେତ୍ରରେ ବିକାଶର ସୁଯୋଗ ଦେବା ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା। ସେହି ଗୋଷ୍ଠୀର ବିଭିନ୍ନ ପ୍ରସ୍ତାବ ମଧ୍ୟରୁ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ନୀତି ଥିଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ସେଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରିବାକୁ ସୁପାରିସ ସହ ସାମାଜିକ ଭିତ୍ତିଭୂମି ଓ କୋମଳ ଭିତ୍ତିଭୂମି ସୃଷ୍ଟିର ବ୍ୟବସ୍ଥା କରାଯାଇଥିଲା।

କୋମଳ (ସଫ୍ଟ) ଭିତ୍ତିଭୂମିରେ ଦରିଦ୍ରତମ ଓ ଅତ୍ୟନ୍ତ ପଛୁଆ ମହିଳାଙ୍କୁ ଆର୍ଥିକ ଓ ସାମାଜିକ ସହାୟତା ପ୍ରଦାନର ବ୍ୟବସ୍ଥା ସହ ଗୋଷ୍ଠୀ ଓ ଅର୍ଥନୀତିକ ବିକାଶ କାର୍ଯ୍ୟରେ ସହଭାଗୀ କରିବାର ନୀତି ଗୃହୀତ ହୋଇଥିଲା। ଉଦାହରଣ ସ୍ୱରୂପ ଏକ ଅଟ୍ଟାଳିକାରେ ଜଳଉତ୍ସ, କ୍ରେଚ୍ (ଶିଶୁପାଳନ), ବାଲବାଡ଼ି, ଶୌଚାଳୟ, ଗାଧୁଆଘର,ରୋଷେଇଘର, ଲୁଗା ସଫା ବ୍ୟବସ୍ଥା ଆଦି କରି ସେସବୁର ସେବା ପାଇଁ ଦେୟ ବ୍ୟବସ୍ଥା ଲାଗୁକରିବାର ପରିକଳ୍ପନା କରାଯାଇଥିଲା। ଏବାବଦ ଆୟରୁ ସେଠାରେ ନିଯୁକ୍ତ ଦରିଦ୍ର ମହିଳା ରୋଜଗାର ପାଇବାର ବ୍ୟବସ୍ଥା ଥିଲା।

ସେହିଭଳି ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ପାଇଁ ପାଣ୍ଠି ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ଦରିଦ୍ର ପରିବାରର ମହିଳା ବାହାରକୁ କାମ କରିବାକୁ ଯିବା ସମୟରେ ସମ୍ମୁଖୀନ ହେଉଥିବା ଅସୁବିଧାର ଦୂରୀକରଣ। ଜଣେ ମହିଳା, ବିଶେଷତଃ କର୍ମଜୀବୀ ଏଭଳି ଏକ କେନ୍ଦ୍ରରେ ଥିବା କ୍ରେଚରେ ତା'ର ଛୋଟ ପିଲାଙ୍କୁ ଛାଡ଼ି, ଗୋଟିଏ ସ୍ଥାନରେ ଗାଧୁଆପାଧୁଆ କରିବା ସହ ରୋଷେଇବାସ କରି ଖାଇ ସହଜରେ କାମକୁ ଯିବାର ସୁବିଧା ରହିବା ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

୧୯୭୦ ଦଶକରେ କର୍ମଜୀବୀ ମହିଳାଙ୍କ ହାର ଓ ମହିଳା ମୃତ୍ୟୁ ହାର ମଧ୍ୟରେ ଥିବା ନିଗୁଢ଼ ସମ୍ପର୍କ ବିଷୟରେ ଆମେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଜନାକାରଙ୍କ ଦୃଷ୍ଟିକୁ ଆଣିଲୁ। ଏହି ତଥ୍ୟ ଅନୁସାରେ ୨୦-୩୫ ବର୍ଷ ବୟସର ମହିଳାଙ୍କ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ ସର୍ବାଧିକ ଥିଲା। ଆଶ୍ଚର୍ଯ୍ୟର କଥା ଥିଲା କାମ କରୁଥିବା ଏହି ବୟସବର୍ଗଙ୍କର ମହିଳାଙ୍କ ମଧ୍ୟରେ ମୃତ୍ୟୁହାର ଅନ୍ୟ ମହିଳା କର୍ମଚାରୀଙ୍କ ତୁଳନାରେ ଯଥେଷ୍ଟ ଅଧିକ ଥିଲା। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଓ ରାଜସ୍ଥାନ ଭଳି ବିମାରୁ ରାଜ୍ୟରେ ଯେଉଁଠି ଗରିବଙ୍କ ସଂଖ୍ୟା ଅଧିକ ସେଠାରେ ଏହି ହାର ସର୍ବାଧିକ ଥିଲା। ଏହାର କାରଣ ଥିଲା ଏହି ବର୍ଗର ଗରିବ ମହିଳା ନିଜ ଘରର ଯାବତୀୟ କାର୍ଯ୍ୟ ସମ୍ପାଦନ କରି ବାହାରକୁ ରୋଜଗାର କରିବାକୁ ଯାଉଥିବାରୁ ଅତ୍ୟଧିକ ଶ୍ରମ ଏବଂ ବିଶ୍ରାମ

ଅଭାବ ଜନିତ ଚାପ ଯୋଗୁଁ ଅସୁସ୍ଥ ହୋଇ ମୃତ୍ୟୁ ମୁଖରେ ପଡୁଥିଲେ । ତେଣୁ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଓ ସାମାଜିକ ନୀତି ପରସ୍ପର ସହିତ ଗଭୀରଭାବେ ସମ୍ପୃକ୍ତ ହୋଇ ମହିଳାଙ୍କ ଆର୍ଥିକ ସବଳିକରଣ ଦିଗରେ କାର୍ଯ୍ୟ କଲେ ଏହା ସଫଳ ହୋଇପାରିବ ।

ମହିଳା, ବିଶେଷ କରି ଗରିବ ଓ ଅନଗ୍ରସର ବର୍ଗର ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ଯୋଜନାରେ ସେମାନଙ୍କର ସ୍ୱାର୍ଥକୁ ଅଗ୍ରାଧିକାର ଦେଲେ ଏବଂ ଏଥିପାଇଁ ଆବଶ୍ୟକ ନୀତି କାର୍ଯ୍ୟକାରୀ କରାଯାଇପାରିଲେ ମହିଳାଙ୍କ ଯଥାର୍ଥ ବିକାଶ ସମ୍ଭବ ହେବ । ଯୋଜନା ବା ନୀତି ପ୍ରଣୟନ ପୂର୍ବରୁ ହେଉଥିବା ସର୍ଭେରେ ମହିଳାଙ୍କ ମତାମତ ଓ ସେମାନଙ୍କ ସମସ୍ୟା ସଂକ୍ରାନ୍ତ ତଥ୍ୟକୁ ସଂଗ୍ରହ କରି ତଦନୁସାରେ ନୀତି ପ୍ରଣୟନର ଆବଶ୍ୟକତା ରହିଛି । ଆବଶ୍ୟକସ୍ଥଳେ ଏହା ଉପରେ ମଧ୍ୟ ଆଲୋଚନାଚକ୍ରମାନ ଆୟୋଜନ କରାଯାଇ ବିଭିନ୍ନ ଦିଗକୁ ଆଲୋକପାତ କରାଯାଇପାରିବ । ସାମାଜିକ ବିକାଶର ଭିତ୍ତିଭୂମି ନିର୍ମାଣ, ସର୍ବସାଧାରଣ ଜମିର ବ୍ୟବହାର, ପ୍ରାକୃତିକ ସମ୍ବଳ ଓ ନିଯୁକ୍ତି କ୍ଷେତ୍ର ପ୍ରସଙ୍ଗ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ମହିଳାଙ୍କୁ କେମିତି ନେତୃତ୍ୱ ଭୂମିକା ଦେଇହେବ ସେଥିପାଇଁ ମହିଳା ଗୋଷ୍ଠୀ ନେତୃତ୍ୱକୁ ଚିହ୍ନଟ କରିବାକୁ ପଡ଼ିବ । ସେମାନଙ୍କ ସହ ଆଲୋଚନା କରି ସେମାନଙ୍କ ଆବଶ୍ୟକତା ଅନୁସାରେ ଯୋଜନା ଓ ନୀତି ପ୍ରସ୍ତୁତ ହେଲେ ମହିଳା ଆର୍ଥିକ ଓ ସାମାଜିକ ଦୃଷ୍ଟିରୁ ସବଳ ହୋଇପାରିବେ ।

ଲେଖିକା ଜଣେ ଗାନ୍ଧିବାଦୀ ଏବଂ ପଦ୍ମଭୂଷଣ ଉପାଧି ପ୍ରାପ୍ତ ।

## ଭାରତ-ଆମେରିକା ଶକ୍ତି କ୍ଷେତ୍ରରେ ସହଯୋଗ

ଗତ ଜୁଲାଇ ମାସରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ଆମେରିକା ଗସ୍ତ ସମୟରେ ଆମେରିକାର ସେକ୍ରେଟାରୀ ଫର ଏନର୍ଜି ଡ଼. ଅର୍ନେଷ୍ଟ ମୋନିଜଙ୍କ ସହ ୱାଶିଙ୍ଗଟନ ଠାରେ ସାକ୍ଷାତ ଆଲୋଚନା କରିବା ସହ ଦୁଇ ଦେଶ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ଉପରେ ଆଲୋଚନା କରିଛନ୍ତି । ଭାରତରେ ସମୁଦ୍ର ଓ ସ୍ଥଳ ଭାଗରେ ଥିବା ପାରମ୍ପରିକ ଓ ଅଣ ପାରମ୍ପରିକ ହାଇଡ୍ରୋକାର୍ବନ ସମ୍ପଦର ଗଚ୍ଛିତ ମାତ୍ରାକୁ ଆମେରିକାର ସହଯୋଗରେ ଆକଳନ କରିବା ପାଇଁ ପଦକ୍ଷେପ ନେବାକୁ ଦୁଇ ନେତା ସହମତି ପ୍ରକାଶ କରିଥିଲେ । ସାରା ବିଶ୍ୱରେ ପରିବେଶ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଉଥିବା କାରଣରୁ ଦ୍ୱିତୀୟ ପିଢ଼ୀ ଇଥାନୋଲ ଓ ବାୟୋଫୁଏଲ ଉତ୍ପାଦନ ବୃଦ୍ଧି ପାଇଁ ଦୁଇ ଦେଶ ମଧ୍ୟରେ ନୂତନ ଜ୍ଞାନକୌଶଳର ଆଦାନ ପ୍ରଦାନ ଉପରେ ତ୍ୱରିତ ପଦକ୍ଷେପ ନେବାକୁ ଉଭୟ ନେତା ଗୁରୁତ୍ୱ ଆରୋପ କରିଥିଲେ । ଭାରତର ଶକ୍ତି ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ ଦେଶରେ ପେଟ୍ରୋଲିୟମ ଜାତ ପଦାର୍ଥର ସଂରକ୍ଷଣ ବ୍ୟବସ୍ଥା ଅଧିକ ସମ୍ପ୍ରସାରିତ କରିବା ପାଇଁ ଆମେରିକା ସହଯୋଗ ଯୋଗାଇ ଦେବ ବୋଲି ସହମତି ପ୍ରକାଶ ପାଇଥିଲା ।

# ଭାରତୀୟ ମୁକ୍ତି ସଂଗ୍ରାମରେ ମହିଳାଙ୍କ ଭୂମିକା

## ଡକ୍ଟର ଜ୍ୟୋତି ଅଟୱାଲ

**ଭା**ରତୀୟ ମୁକ୍ତି ସଂଗ୍ରାମର ପଥ ଅନେକ ଜଟିଳ ବହୁମୁଖୀ ପର୍ଯ୍ୟାୟ ଦେଇ ଗତି କରିଥିଲା। ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ୧୯୪୭ ପର୍ଯ୍ୟନ୍ତ ସମାଜ ସଂସ୍କାର ପ୍ରସଙ୍ଗଟି ଜାତୀୟ ବିତର୍କ ମଧ୍ୟରେ ବଞ୍ଚି ରହିଥିଲା। ଏହି ସମୟରେ ସାମାଜିକ ଓ ଜାତୀୟ ପ୍ରସଙ୍ଗ ଉପରେ ମହିଳାମାନଙ୍କ ସଚେତନତା କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା। ଆଇନଗତ ସଂସ୍କାର ଓ ଇମ୍ପେରିଆଲ ଲେଜିସଲେଟିଭ୍ କାଉନସିଲ୍‌ରେ ଭାରତୀୟଙ୍କ ପ୍ରବେଶ ଆଦି ଦାବି ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ପର୍ଯ୍ୟାୟ ପ୍ରମୁଖ ପ୍ରସଙ୍ଗ ଥିଲା। ୧୮୮୦ ଠାରୁ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦେଶରେ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେବା ଆରମ୍ଭ କରିଥିଲେ। ବଙ୍ଗ ଓ ମହାରାଷ୍ଟ୍ର ସମେତ ଭାରତର ବିଭିନ୍ନ ପ୍ରାନ୍ତରେ ବିଶିଷ୍ଟ ମହିଳାମାନଙ୍କ ଆତ୍ମଜୀବନୀ ଓ ଲେଖାରୁ ସମାଜ ସଂସ୍କାର ଓ ସ୍ୱାଧୀନତାର ବାର୍ତ୍ତା ମିଳିଲା। 'ବ୍ୟକ୍ତିଗତ ହିଁ ରାଜନୀତିକ' ସେଥିମଧ୍ୟରୁ ଥିଲା ଏକ ଅନ୍ୟତମ ସ୍ଲୋଗାନ। ମହିଳାମାନେ ପୁରୁଷ ପ୍ରଧାନ ସମାଜର ସଂସ୍କାର କ୍ଷେତ୍ରରେ ପ୍ରବେଶ କରିବାର ଅର୍ଥ ଥିଲା ଏକ ପୁରୁଣା ପରମ୍ପରାର ଅବସାନ ଘଟାଇ ନୂଆ ଇତିହାସ ସୃଷ୍ଟି କରିବା।

୧୯୨୦ ଦଶକରେ ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ମୁକ୍ତି ସଂଗ୍ରାମରେ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ଉଭୟ ଘରେ ଓ ବାହାରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗାନ୍ଧିଜୀ ବେଶ କୁଶଳତାର ସହ ନିଜର ଭାବନା ଓ ଦୃଷ୍ଟିକୋଣ ଏହି ସମୟର ଲେଖା ତଥା ଭାଷଣ ମାଧ୍ୟମରେ ପ୍ରକାଶ କରି ମହିଳାଙ୍କ ଭୂମିକାକୁ ଦର୍ଶାଇଛନ୍ତି। ୧୯୨୦ ଦଶକରେ ଭାରତୀୟ ମୁକ୍ତି ସଂଗ୍ରାମକୁ ଏକ ସାମାଜିକ ଭିତ୍ତି ମିଳିଯାଇଥିଲା। ବାଲ୍ୟ ବିବାହ, ବିଧବା ବିବାହ ଭଳି ପ୍ରସଙ୍ଗ ସମ୍ପର୍କରେ ଗାନ୍ଧିଜୀ ଏବଂ ଅନ୍ୟାନ୍ୟ ସ୍ଥାନୀୟ ସମାଜ ସଂସ୍କାରକମାନେ ନିଜ ଦୃଷ୍ଟିକୋଣ ସ୍ପଷ୍ଟ କରିବା ସହ ଏ ନେଇ ଥିବା ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାର ମୂଳଦୁଆ ପକାଇଥିଲେ। ମନେହେଉଥିଲା ସତେ ଯେପରି ଏହି ସମୟରେ ଭବିଷ୍ୟତ ଭାରତର ଶୁଭାରମ୍ଭର ବୀଜ ଜାତୀୟ ପରିକଳ୍ପନାରେ ଅଙ୍କୁରୋଦ୍‌ଗମ୍ ହେଲା। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଶିକ୍ଷା ସଂସ୍କାର ଏବଂ ସାମାଜିକ ପରିବର୍ତ୍ତନ ଫଳରେ ଲେଖା, ପଢ଼ା କରୁଥିବା ଏକ ନୂଆ ଶ୍ରେଣୀ ଓ ବର୍ଗ ସୃଷ୍ଟି ହେଲା। ଅବଶ୍ୟ ସେଥିରେ ମହିଳାଙ୍କ ସଂଖ୍ୟା ଥିଲା ନଗଣ୍ୟ। ଶିକ୍ଷା ଏବଂ ସମ୍ବାଦପତ୍ର ପ୍ରଭାବ ଯୋଗୁଁ ଊନବିଂଶ ଶତାବ୍ଦୀର ଶିକ୍ଷିତ ମହିଳା ପ୍ରଭାବିତ ହୋଇ ସାରା ଦେଶରେ ନିଜ ନିଜର ସଂଗଠନମାନ ଗଢ଼ିଲେ। ୧୯୦୮ରେ ବଙ୍ଗର ଜଣେ ଶିକ୍ଷିତା ମହିଳା ଓ ଗାଳ୍ପିକା ରକେୟା ଶଖାବତ୍ ହୁସେନ 'ସୁଲତାନଙ୍କ ସ୍ୱପ୍ନ' ନାମରେ ଏକ କାହାଣୀ ଲେଖିଲେ। ଏହି ଗଳ୍ପରେ ଗାଳ୍ପିକା ପାଠକଙ୍କୁ ସ୍ୱାୟତ୍ତଶାସନ ବ୍ୟବସ୍ଥା ସମ୍ପର୍କରେ ପ୍ରଥମ ଧାରଣା ଦେବାରେ ସମର୍ଥ ହୋଇଥିଲେ। ପରେପରେ ବଙ୍ଗ ପ୍ରଦେଶରେ ଅଧିକରୁ ଅଧିକ ବିପ୍ଳବିନୀଙ୍କ ଆବିର୍ଭାବ ଘଟିଲା। ରବୀନ୍ଦ୍ରନାଥ ଠାକୁରଙ୍କ ଭାଣିଜୀ ସରଳାଦେବୀ ଚୌଧୁରିଣୀ ୧୯୧୦ରେ ଭାରତ ସ୍ତ୍ରୀ ମହାମଣ୍ଡଳ ଗଠନ କଲେ। ରାଜନୈତିକ ପ୍ରତିବାଦ ମାଧ୍ୟମରେ ସେ ହିନ୍ଦୁ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଥିଲେ। ହିନ୍ଦୁପର୍ବ ଅଷ୍ଟମୀକୁ ବୀରାଷ୍ଟମୀ ଭାବେ ପାଳନ କରି ଅତୀତର ହିନ୍ଦୁ ବୀର ଓ ସୁପୁରୁଷମାନଙ୍କ ସ୍ମୃତିଚାରଣ ପୂର୍ବକ ସେମାନଙ୍କ ଆଦର୍ଶ ପ୍ରଚାର କଲେ। ଶତାବ୍ଦୀର ପ୍ରାୟ ଶେଷ ଆଡ଼କୁ ବମ୍ବେ ଭାରତୀୟ ଜାତୀୟ କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମର ପ୍ରାଣକେନ୍ଦ୍ର ସାଜିଥିଲା। ସମଗ୍ର ବେଙ୍ଗଲରେ ଜାତୀୟତାବାଦୀମାନେ ଗୁପ୍ତ ସଂଗଠନମାନ କରି ମୁକ୍ତି ସଂଗ୍ରାମ ଦିଗରେ ଉଦ୍ୟମ ଅବ୍ୟାହତ ରଖିଥିଲେ। ସ୍ୱଦେଶୀ ଆନ୍ଦୋଳନ ଚଳାଇବା ପାଇଁ ମହିଳାମାନଙ୍କୁ ସେମାନଙ୍କ ପରିବାର ପକ୍ଷରୁ ମଧ୍ୟ ଅନୁମତି ମିଳୁଥିଲା। ସେମାନେ ବିଦେଶୀ ବସ୍ତ୍ର ବର୍ଜନ ଓ ମଦ ଦୋକାନ ଆଗରେ ଧାରଣା କାର୍ଯ୍ୟକ୍ରମରେ ମୁଖ୍ୟତଃ ସାମିଲ ହେଉଥିଲେ। ବଙ୍ଗରେ ପ୍ରଥମ ଥର ପାଇଁ ଭାରତମାତାର ପରିକଳ୍ପନା ସହ ତା' ଚାରିପଟେ ଜାତୀୟତାବାଦୀ ଚିନ୍ତାର ପରିପ୍ରକାଶ ଘଟିଲା। ୧୮୮୨ରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ (୧୮୩୮-୧୮୯୪) 'ଆନନ୍ଦ ମଠ' ରଚନା କରି

ସେଥିରେ ମାତୃଭୂମି ପାଇଁ ପ୍ରାଣପାତ କରିଥିବା ବିପ୍ଲବୀମାନଙ୍କ ତ୍ୟାଗ ଓ ବଳୀଦାନ ବିଷୟ ଉପସ୍ଥାପନ କଲେ। ତାଙ୍କର ଲୋକପ୍ରିୟ ଗୀତ 'ବନ୍ଦେ ମାତରମ୍' ଉପନିବେଶବାଦୀ ଶାସକ ବିରୋଧରେ ଲଢ଼େଇ ପାଇଁ ଥିଲା ଏକ ଅଦମନୀୟ ପ୍ରେରଣାଦାୟୀ ଗୀତିକା।

ମୁକ୍ତି ସଂଗ୍ରାମରେ ମହିଳାଙ୍କ ଦ୍ୱିତୀୟ ପର୍ଯ୍ୟାୟ ଅଂଶଗ୍ରହଣରେ ପ୍ରମୁଖ ଥିଲା ହୋମରୁଲ (ସ୍ୱୟଂଶାସନ) ଏବଂ ସମ୍ବିଧାନବାଦ (କନଷ୍ଟିଚୁସନାଲିଜିମ୍)। ଏଥିରେ କିଛି ପାଶ୍ଚାତ୍ୟ ମହିଳା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଧା ଇଂରେଜ, ଅଧା ଆୟରିସ୍ ମହିଳା ଆନି ବେସାନ୍ତ (୧୮୪୭-୧୯୩୩) ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ସଭାପତି ଭାବେ ୧୯୧୭ରେ ନିର୍ବାଚିତ ହୋଇଥିଲେ। ଆନି ବେସାନ୍ତ ବ୍ରହ୍ମବିଦ୍ୟା ଓ ସମାଜବାଦ ପ୍ରତି ଅନୁରକ୍ତ ଥିଲେ। ସାମାଜିକ ଆନ୍ଦୋଳନ ପାଇଁ ସେ ଲଣ୍ଡନରୁ ତାଲିମ ପାଇଥିଲେ। ଆୟରଲାଣ୍ଡ ଢାଞ୍ଚାରେ ଭାରତକୁ ବ୍ରିଟିଶ ସରକାର ସ୍ୱୟଂଶାସନ ବା ହୋମରୁଲ୍ ଅଧିକାର ଦେବାକୁ ସେ ଆନ୍ଦୋଳନ ଗଢ଼ି ତୋଳିଲେ। ତାଙ୍କ ସହଯୋଗୀ ମାର୍ଗାରେଟ କଜିନ୍ସ, ଯେ କି ଆୟାରଲାଣ୍ଡରେ ଜନ୍ମଗ୍ରହଣ କରିଥିଲେ (୧୮୭୮-୧୯୫୪) ଭାରତୀୟ ମହିଳାଙ୍କ ଭୋଟ ଅଧିକାର ବିଲ୍ ପ୍ରଣୟନ କରିଥିଲେ। ସେ ମଧ୍ୟ ଓମେନ୍ସ ଇଣ୍ଡିଆ ଆସୋସିଏସନ୍‌ର ନେତୃତ୍ୱ ନେଇଥିଲେ। ୧୯୧୭ ବେଳକୁ ସରୋଜିନୀ ନାଇଡୁ ଜଣେ ପ୍ରମୁଖ ଜାତୀୟତାବାଦୀ ମହିଳାଭାବେ ଉଭା ହେଲେ। ୧୯୨୫ରେ ସେ ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ମହିଳା ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ୧୯୦୫ର ବଙ୍ଗଭଙ୍ଗ ଆନ୍ଦୋଳନ ସମୟରେ ମୁକ୍ତି ସଂଗ୍ରାମରେ ଝାସ ଦେଇଥିଲେ। ୧୯୧୫ରୁ ୧୮ ମଧ୍ୟରେ ଶ୍ରୀମତି ନାଇଡୁ ଭାରତର ବିଭିନ୍ନ ପ୍ରାନ୍ତକୁ ଯାତ୍ରା କରି ସାଧାରଣ ସଭାରେ ମହିଳା ସଶକ୍ତିକରଣ ଓ ଜାତୀୟତାବାଦର ବାର୍ତ୍ତା ପ୍ରଚାର କରିଥିଲେ। ଓମେନ୍ସ ଇଣ୍ଡିଆ ଆସୋସିଏସନ୍ ଗଠନରେ ସେ ନିବିଡ଼ଭାବେ ସଂପୃକ୍ତ ଥିଲେ। ଭାରତୀୟ ମହିଳାଙ୍କୁ ଭୋଟ ଅଧିକାର ଦେବା ପାଇଁ ବ୍ରିଟିଶ ସରକାରଙ୍କ ସହ ଆଲୋଚନା କରିବାକୁ ଯେଉଁ ପ୍ରତିନିଧି ଦଳ ଯାଇଥିଲେ ସେ ତାହାର ମଧ୍ୟ ସଦସ୍ୟ ଥିଲେ।

ତୃତୀୟ ପର୍ଯ୍ୟାୟରେ, ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତି ଏବଂ ୧୯୧୯ର ଜାଲିଆଁୱାଲାବାଗ୍ ଗଣହତ୍ୟା ଘଟଣା ଦେଶର ନାଗରିକଙ୍କ ମନୋଭାବ ବଦଳାଇ ଦେଲା। ସ୍ୱାଧୀନତା ପ୍ରସଙ୍ଗ ନେଇ ଦେଶବ୍ୟାପୀ ଲୋକେ ସଂଗଠିତ ହେବାକୁ ଲାଗିଲେ। ୧୯୧୯ର ପ୍ରାରମ୍ଭରେ ବ୍ରିଟିଶ ସରକାର ରଓ୍ୱଲାଟ ଆଇନ ପାରିତ କରି ସର୍ବସାଧାରଣରେ ଏକତ୍ର ହେବା, ମିଳିମିଶି ପ୍ରତିବାଦ କରିବା ଆଦିକୁ ନିଷିଦ୍ଧ କରିବା ସହ ଜନସାଧାରଣଙ୍କ ନାଗରିକ ଅଧିକାରକୁ ନିଲମ୍ବନ କରିବାର ବ୍ୟବସ୍ଥା କଲେ। ଏହା ବିରୋଧରେ ଗାନ୍ଧିଜୀ ଏପ୍ରିଲ ୧୩ରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ଡାକରା ଦେଲେ। ଗାନ୍ଧିଜୀଙ୍କ ଆହ୍ୱାନରେ ଉଦ୍‌ବୁଦ୍ଧ ହୋଇ ପଞ୍ଜାବର ବହୁ ସଂଖ୍ୟକ ନରନାରୀ ସେ ଦିନ ଅମୃତସରର ଜାଲିଆଁୱାଲାବାଗ୍‌ରେ ସମବେତ ହୋଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପାଳନ କରୁଥିଲେ। ବ୍ରିଟିଶ ପୁଲିସ ଏକ ହଜାରରୁ ଊର୍ଦ୍ଧ୍ୱ ନିରସ୍ତ୍ର ଜନତାଙ୍କ ଉପରେ ବିନା କାରଣରେ ଆଖିବୁଜା ଗୁଳିମାଡ଼ କରିବାରୁ ଅନେକ ମୃତାହତ ହେଲେ। ବିଦେଶୀ ଶାସନର ଏହି ଲୋମହର୍ଷଣକାରୀ ଗଣହତ୍ୟା ଭାରତୀୟ ମୁକ୍ତି ସଂଗ୍ରାମର ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟସୂଚୀ ତିଆରି କରିଦେଲା। ୧୯୨୦ ରୁ ୨୨ ପର୍ଯ୍ୟନ୍ତ ସାରା ଦେଶରେ ବ୍ରିଟିଶ ସରକାର ବିରୋଧରେ ଅସହଯୋଗ ଆନ୍ଦୋଳନ ମୁଣ୍ଡ ଟେକିଲା। ଏହି ଆନ୍ଦୋଳନର କାର୍ଯ୍ୟକ୍ରମ ଅନୁସାରେ ଭାରତୀୟମାନେ କୋର୍ଟ ଓ ସ୍କୁଲ ବର୍ଜନ କଲେ। ସ୍ୱଦେଶୀ ଉପରେ ଅଗ୍ରାଧିକାର ପ୍ରଦାନ କରାଗଲା।

ଏହି ସମୟରେ ରାଷ୍ଟ୍ରୀୟ ସ୍ତ୍ରୀ ସଂଘ ଭଳି ସ୍ୱାଧୀନ ମହିଳା ସଂଗଠନଗୁଡ଼ିକ ଜିଲା କଂଗ୍ରେସ କମିଟି ସହ ମିଶିଗଲେ। ଅସହଯୋଗ ଆନ୍ଦୋଳନ ବଙ୍ଗର ସୀମା ସରହଦ ଡେଇଁ ସାରା ଦେଶକୁ ବ୍ୟାପିଗଲା। ଏହି ଆନ୍ଦୋଳନରେ ଦେଶର ବିଭିନ୍ନ ପ୍ରାନ୍ତରୁ ମହିଳାମାନେ ବହୁ ସଂଖ୍ୟାରେ ସାମିଲ ହେଲେ। ଅସହଯୋଗ ଆନ୍ଦୋଳନରେ ମଧ୍ୟ ହିନ୍ଦୁ ମୁସଲମାନ ଏକତାର ଏକ ନୂଆ ଅଧ୍ୟାୟ ସୃଷ୍ଟି ହେଲା। ଅହମ୍ମଦାବାଦରେ ବି. ଆମ୍ମା, (ଅଲିଭ୍ରାତାଙ୍କ ମା') ପିକେଟିଂ (ଧାରଣା)ରେ ପୁରୁଷଙ୍କ ସହ ଯୋଗଦେବାକୁ ୬୦୦୦ ମହିଳାଙ୍କୁ ଆହ୍ୱାନ ଦେଇ ସଫଳ ହୋଇଥିଲେ। ବହୁ ସଂଖ୍ୟାରେ ଏଥିରେ ସାମିଲ ହେବାକୁ ଗାନ୍ଧିଜୀ ମଧ୍ୟ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ସାମାଜିକ ଦୁର୍ବଳ ବର୍ଗର ମହିଳାଙ୍କୁ ନିବେଦନ କରିଥିଲେ। ଆନ୍ଧ୍ରପ୍ରଦେଶରେ ଗାନ୍ଧିଜୀଙ୍କ ଭାଷଣ ଶୁଣିବା ପାଇଁ ଏକ ହଜାରରୁ ଊର୍ଦ୍ଧ୍ୱ ଦେବଦାବସୀଙ୍କୁ ନେଇ ଗଠିତ ଶକ୍ତିଶାଳୀ ଦୁର୍ଗାବାହିନୀର ସଦସ୍ୟା ରୁଣ୍ଡ ହୋଇଥିଲେ। ସେମାନେ ଗାନ୍ଧିଜୀଙ୍କୁ ୨୦ହଜାର ଟଙ୍କା ମୂଲ୍ୟର ଗହଣା ମୁକ୍ତି ସଂଗ୍ରାମ ପାଣ୍ଠି ପାଇଁ ପ୍ରଦାନ କରିଥିଲେ। ପରେ ବହୁ ହିନ୍ଦୁ ବିଧବା ଗାନ୍ଧିଜୀଙ୍କୁ ସାକ୍ଷାତ କରି ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇଥିଲେ। ଏମାନଙ୍କ ସ୍ୱେଚ୍ଛାକୃତ ସେବା ମନୋଭାବ ଗାନ୍ଧିଜୀଙ୍କୁ ବିଶେଷ ଅନୁପ୍ରାଣିତ କରିଥିଲା। କାରଣ ଏହି ମହିଳାମାନେ ବିନା ତାଲିମରେ ଚମତ୍କାର ମୁକ୍ତି ସଂଗ୍ରାମୀ ସାଜି ଦେଶର କୋଣ ଅନୁକୋଣରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରିଥିଲେ। ଦେଶର ବିଧବାଙ୍କ ବ୍ୟକ୍ତିଗତ ତ୍ୟାଗକୁ ଏକ ବିରାଟ ରାଜନୈତିକ

ଆଦର୍ଶରେ ପରିଣତ କରାଯାଇ ପାରିଥାନ୍ତା; ମାତ୍ର ଗାନ୍ଧିଜୀ ଏ କ୍ଷେତ୍ରରେ ବିଶେଷ ସଫଳ ହୋଇପାରିନଥିଲେ। ତଥାପି ମୁକ୍ତି ସଂଗ୍ରାମ ଓ ଦେଶ ନିର୍ମାଣରେ ବିଧବାଙ୍କ ଗୁରୁତ୍ୱକୁ ଗାନ୍ଧିଜୀ ସ୍ୱୀକାର କରିବା ସହ ସେମାନଙ୍କ ନିରନ୍ତର ସାହାଯ୍ୟ ସହଯୋଗ କାମନା କରିଥିଲେ। ତେବେ ସେ ଯା' ହେଉ ହିନ୍ଦୁ ବୈଧବ୍ୟର ଉଚ୍ଚ ରାଜନୀତିକ ଓ ଆଦର୍ଶଗତ ବିଚାରକୁ ଗାନ୍ଧିଜୀ ଗ୍ରହଣ କରିବା ପୂର୍ବକ ତାହାକୁ ବିଭିନ୍ନ ସଭା ସମିତିରେ ଉଚ୍ଚ ପ୍ରଶଂସା କରି ଜନତାଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ଏହା ମୁକ୍ତି ସଂଗ୍ରାମକୁ ଏକ ପ୍ରଶାନ୍ତ ଏବଂ ନିରନ୍ତର ରୂପ ଦେବାରେ ସହାୟକ ହୋଇଥିଲା। ଅତଏବ ଏହା ସତ୍ୟ ଯେ ଉପନିବେଶବାଦୀ ଶାସନ ପରବର୍ତ୍ତୀ ଭାରତରେ ସଂଘର୍ଷରତ ସ୍ୱାମୀହରା ମହିଳା ବିଦେଶୀ ଶାସନ ବିରୋଧୀ ଅତୀତ ଓ ସମୃଦ୍ଧ ଭବିଷ୍ୟତ ଭାରତର ଏକ ବାସ୍ତବ ମୂର୍ତ୍ତିମନ୍ତ ମାଆର ପ୍ରତୀକ ପାଲଟିଛନ୍ତି। ଏହି ବିଧବାଙ୍କର ତ୍ୟାଗପୂତ ଚେତନାକୁ ସମ୍ମାନ ଦେଇ ଗାନ୍ଧିଜୀ ନିଜ ଜୀବନରେ ମଧ୍ୟ ଏହାକୁ ପରୀକ୍ଷା କରି ନିଜର ଯୌନଶକ୍ତିକୁ ଆଧ୍ୟାତ୍ମିକ ଶକ୍ତିରେ ପରିଣତ କରିଛନ୍ତି ଏବଂ ବ୍ରହ୍ମଚର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି।

ଜାତୀୟ ଆନ୍ଦୋଳନରେ ପରବର୍ତ୍ତୀ ପର୍ଯ୍ୟାୟରେ ମାତୃଶକ୍ତି ବା ମହିଳାଙ୍କ ଅଂଶଗ୍ରହଣ ବ୍ୟାପକ ଓ ପ୍ରଭାବଶାଳୀ ହୋଇଛି। ୧୯୨୦ ଦଶକର ଏହି ଅତ୍ୟନ୍ତ ଅସ୍ଥିର ଆନ୍ଦୋଳନ କାଳରେ ଆମେରିକୀୟ ଲେଖିକା କ୍ୟାଥେରାଇନ ମେୟୋଙ୍କ ପୁସ୍ତକ 'ମଦର ଇଣ୍ଡିଆ' ଆତ୍ମପ୍ରକାଶ କଲା। ଭାରତରେ ମାତ୍ର ଦୁଇ ବର୍ଷ ଅବସ୍ଥାନ କରିବା ପରେ ସେ ଲେଖିଥିବା ଏହି ପୁସ୍ତକରେ ହିନ୍ଦୁ ପୁରୁଷ ଓ ନିଜ ପରିବାରରେ ମହିଳାମାନଙ୍କ ପ୍ରତି ତାହାର ଦାସୋଚିତ ଆଚରଣ ତଥା ମନୋଭାବକୁ ମେୟୋ ତାଙ୍କ ବହିରେ କଟୁ ସମାଲୋଚନା କରନ୍ତି। ଏହି ପୁସ୍ତକଟିର କଥାବସ୍ତୁ ବିଶେଷତଃ ହିନ୍ଦୁ ନାରୀର ସ୍ଥିତି ସତେଯେପରି ଭବିଷ୍ୟତର ଏକ ଆନ୍ତର୍ଜାତିକ ଘଟଣା ଥିଲା। ଏହି ପୁସ୍ତକ ଭାରତରେ ମହିଳାମାନଙ୍କ ପ୍ରକୃତ ସ୍ଥିତିକୁ ପଦାରେ ପକାଇଦେଇଥିଲା। ପ୍ରଥମ ଥର ପାଇଁ ଊନ୍ନବିଂଶ ଶତାବ୍ଦୀର ହିନ୍ଦୁ ପରିବାରର ମହିଳାଙ୍କ ସ୍ଥିତି ସମ୍ପର୍କରେ ଏହି ପୁସ୍ତକ ମାଧ୍ୟମରେ ଏକ ପ୍ରକାଶ୍ୟ ଗଣଯାଞ୍ଚ ଆରମ୍ଭ ହେଲା। ଫଳରେ ଜାତୀୟତାବାଦୀ ଓ ସଂସ୍କାରକଙ୍କ ନେତୃତ୍ୱରେ ଚାଲିଥିବା ଜାତୀୟ ଅଭିଯାନ ବାଧ୍ୟ ହୋଇ ପରିବାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ପ୍ରଥମେ ଏହାକୁ ହିଂସା ଓ ଶୋଷଣମୁକ୍ତ କରିବାକୁ ଅଗ୍ରାଧିକାର ଦେଲା। ଏହି ପୁସ୍ତକକୁ ଦେଶବ୍ୟାପୀ ପ୍ରଥମେ ସମସ୍ତେ ନିନ୍ଦା କରିଥିଲେ ଓ ଜାତୀୟ ସମ୍ମାନ ରକ୍ଷା ଦୃଷ୍ଟିରୁ ଦେଶର ସବୁ ପୁରୁଷ ଓ ମହିଳାଙ୍କୁ ଏହି ଘଟଣା ଏକତା ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇଥିଲା। ୧୯୩୦ ଦଶକର ଆଇନ ଅମାନ୍ୟ ଆନ୍ଦୋଳନ ଭାରତୀୟ ମୁକ୍ତି ସଂଗ୍ରାମର ଆଉ ଏକ ଉଲ୍ଲେଖନୀୟ ଅଧ୍ୟାୟ। ସ୍ଥାନୀୟ ଭାବେ ଲୋକେ ସମୁଦ୍ର ପାଣିରୁ ପ୍ରସ୍ତୁତ କରୁଥିବା ଲୁଣ ଉପରେ ବ୍ରିଟିଶ ସରକାରଙ୍କ ଟିକସ ଲାଗୁ ବ୍ୟବସ୍ଥାର ପ୍ରତିବାଦରୁ ଏହି ଆନ୍ଦୋଳନ ସୃଷ୍ଟ। ଲୁଣ ମାରି ବ୍ରିଟିଶ ନିୟମକୁ ଅମାନ୍ୟ କରିବାକୁ ଏହି ଆନ୍ଦୋଳନ କାଳରେ ମହାତ୍ମା ଗାନ୍ଧି ଶାବରମତୀରୁ ଦୀର୍ଘ ୨୪ ଦିନର ଦାଣ୍ଡି ଯାତ୍ରା କରିଥିଲେ। ଏହି ଯାତ୍ରାର ନେତୃତ୍ୱ ନେବାକୁ ସେତେବେଳକୁ ମହିଳାମାନେ ଶାରୀରିକ ଭାବେ ତାଲିମପ୍ରାପ୍ତ ହୋଇ ସାରିଥିଲେ। ଏହା ସହିତ ପ୍ରଭାତ ଫେରି ଓ ବିଦେଶୀ ସାମଗ୍ରୀ ବର୍ଜନ କାର୍ଯ୍ୟକ୍ରମର ନେତୃତ୍ୱ ମଧ୍ୟ ମହିଳା ନେଉଥିଲେ। ମହିଳାମାନେ ନିଜ ସଂଗଠନ ମଧ୍ୟରେ ଦେଶପ୍ରେମୀ ଗୋଷ୍ଠୀ ଗଠନ କଲେ। ସେଗୁଡ଼ିକୁ ଦେଶ ସେବିକା ସଂଘ ନାମରେ ନାମିତ କରାଗଲା। ମୁକ୍ତି ଆନ୍ଦୋଳନରେ ସାମିଲ ହୋଇ ମହିଳାମାନେ କାରାବରଣ କଲେ, ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ଧାରଣାର ନେତୃତ୍ୱ ନେଲେ। ଆଉ କିଛି ମହିଳା ପ୍ରତ୍ୟେକ୍ଷ ବୈପ୍ଳବାତ୍ମକ ଗୋଷ୍ଠୀ ଓ ସଂଗଠନରେ ସଂଶ୍ଳିଷ୍ଟ ହୋଇ ବିପ୍ଳବୀମାନଙ୍କୁ ସାହାଯ୍ୟ କରିବା ସହ କେତେକ ଅତ୍ୟାଚାରୀ ବ୍ରିଟିଶ ସରକାରୀ ଅଧିକାରୀଙ୍କୁ ମଧ୍ୟ ହତ୍ୟା କରିଥିଲେ। ୧୯୩୦ ଦଶକରେ ଯେଉଁ କେତେକ ପ୍ରମୁଖ ମହିଳା ମୁକ୍ତି ସଂଗ୍ରାମୀ କାରାବରଣ କରିଥିଲେ ସେମାନଙ୍କ ମଧ୍ୟରେ ସରୋଜିନୀ ନାଇଡୁ, ମୁଥୁଲକ୍ଷ୍ମୀ ରେଡ୍ଡୀ, ମାର୍ଗାରେଟ୍ କଜିନ୍ସ ଓ କମଳାଦେବୀ ଚଟ୍ଟୋପାଧ୍ୟାୟ ଅନ୍ୟତମ। ଉଦାରବାଦୀ ଘର ଠାରୁ ରକ୍ଷଣଶୀଳ ପରିବାର, ସହରାଞ୍ଚଳରୁ ଗ୍ରାମାଞ୍ଚଳ, ଅବିବାହିତ ଓ ବିବାହିତ ମହିଳାମାନେ ଯୁବା, ବୃଦ୍ଧା ନିର୍ବିଶେଷରେ ବହୁ ସଂଖ୍ୟାରେ ଆସି ଉପନିବେଶବାଦୀ ଶାସନ ବିରୋଧରେ ମୁକ୍ତି ସଂଗ୍ରାମରେ ସାମିଲ ହୋଇଥିଲେ।

ପୁରୁଷ ସଂଗ୍ରାମୀମାନେ ଗିରଫ ହେଉଥିବାବେଳେ ମହିଳା ସଂଗ୍ରାମୀମାନେ ସେମାନଙ୍କ ସଂଗଠନ ଜରିଆରେ ଆଇନ ଅମାନ୍ୟ ଆନ୍ଦୋଳନ ଚଳାଇ ଓ ସଭାସମିତିମାନ କରି ସଂଗ୍ରାମକୁ ଜାରି ରଖୁଥିଲେ। ଏଥି ସହିତ ସେମାନେ ସୂତା କାଟିବା, ଲୁଗା ବୁଣିବା ଭଳି ଗାନ୍ଧିବାଦୀ ରଚନାତ୍ମକ କାର୍ଯ୍ୟ କରିବା ସହ ଉପବାସ ରଖି ବିଦେଶୀ ଶାସନ ବିରୋଧରେ ପରୋକ୍ଷ ପ୍ରତିବାଦ କରୁଥିଲେ। ୧୯୩୦ ଦଶକର ଏସବୁ ମହିଳା ମୁକ୍ତି ସଂଗ୍ରାମର କେତେକ ସ୍ମରଣୀୟ ଘଟଣା। ସେମାନଙ୍କ ମଧ୍ୟରୁ କେତେକଙ୍କୁ ସେବିକା ବା ସ୍କାଉଟ୍ କୁହାଯାଉଥିଲା। ଉଦାହରଣ ସ୍ୱରୂପ ୧୯୩୦ ଦଶକରେ ତତ୍କାଳୀନ ବ୍ରିଟିଶ ସରକାର ଲକ୍ଷ୍ନୌରେ କଂଗ୍ରେସକୁ ବେଆଇନ୍ ଘୋଷଣା କଲେ। ଏ ସମ୍ପର୍କରେ ପ୍ରଖ୍ୟାତ ହିନ୍ଦି ସାହିତ୍ୟିକ ପ୍ରେମଚାନ୍ଦଙ୍କ ପତ୍ନୀ

ଶିବରାଣୀ ଦେବୀ ତାଙ୍କ ସ୍ମୃତି ପୁସ୍ତିକାରେ ଲେଖିଛନ୍ତି; "ମହିଳାମାନଙ୍କୁ ପୁଲିସ ଗାଡ଼ିରେ ବସାଇ ନେବା ବେଳେ ସେମାନେ ମହାତ୍ମା ଗାନ୍ଧୀ ଓ ଭାରତମାତା ଜିନ୍ଦାବାଦ୍ ଧ୍ୱନୀ ଦେଲେ। ସେ ଗାଡ଼ିରେ ଜଣେ ଇନ୍ସପେକ୍ଟର ଓ ଛ'ଜଣ କନଷ୍ଟେବଳ ଥିଲେ। ମହିଳାମାନେ ଦେଶାତ୍ମବୋଧକ ସଂଗୀତ ଗାଇ ଚାଲିଥିଲେ। ଗାଡ଼ି ଅଟକିବା ପରେ ଇନ୍ସପେକ୍ଟର ସେଥିରୁ ଓହ୍ଲାଇ ଚାଲିଯିବା ପରେ ଦେଖାଗଲା ଯେ ସେମାନଙ୍କୁ ଜଗି ରହିଥିବା କନ୍ଷ୍ଟେବଳଙ୍କ ଆଖିରୁ ଧାରଧାର ଲୁହ ଝରୁଛି। ଶିବରାଣୀଙ୍କୁ ଗିରଫ କରିବା ପୂର୍ବରୁ ସେହି ଇନ୍ସପେକ୍ଟର ୫୦ଜଣ ମହିଳାଙ୍କୁ ଗିରଫ କରିଥିଲେ; କିନ୍ତୁ ସେମାନଙ୍କୁ ଜେଲ୍‌କୁ ନ'ନେଇ ସହରଠାରୁ ଦୂର ଏକ ଅଜଣା ସ୍ଥାନରେ ଛାଡ଼ି ଦେଇଥିଲେ।" ମହିଳା ଆଶ୍ରମର ଏକ ସାଧାରଣ ସଭାରେ ୧୨ ହଜାର ଲୋକ ଯୋଗଦେଇଥିଲେ। ସେଥିରେ ଶିବରାଣୀ ଦେବୀ ଏକ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ। ଏହି ଭାଷଣ ଦ୍ୱାରା ସେ ଯେ ନିଶ୍ଚିତ ପୁଲିସ ଦ୍ୱାରା ଗିରଫ ହେବେ ଏକଥା ତାଙ୍କୁ ବେଶ୍ ଭଲଭାବେ ଜଣାଥିଲା। ୧୯୩୧ ନଭେମ୍ବରରେ ସାତଜଣ ମହିଳାଙ୍କ ସହିତ ବିଦେଶୀ ଲୁଗା ବିକ୍ରି ବିରୋଧରେ ଧାରଣା ଦେଇ ଶିବରାଣୀ ଗିରଫ ହୋଇଥିଲେ। ସେ ମଧ୍ୟ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ। ଥରେ ମହିଳାଙ୍କ ଜାତୀୟତାବାଦୀ ଚେତନା ଉଦ୍ରେକ ହେବାପରେ ତାହା ଆଉ ଥମି ନଥିଲା। ଏହା କ୍ରମଶଃ ତୀବ୍ର ଏବଂ ବ୍ୟାପକ ଆକାର ଧାରଣ କଲା। ରାଜନୈତିକ ସ୍ୱାଧୀନତା ହାସଲ ପାଇଁ ସେମାନେ ବିଭିନ୍ନ ଆନ୍ଦୋଳନ କୌଶଳ ବାହାର କରି ଲଢ଼େଇ ଜାରି ରଖିଥିଲେ।

ହିନ୍ଦୁସ୍ଥାନ ସମାଜବାଦୀ ସାଧାରଣତାନ୍ତ୍ରିକ ସଂଗଠନ ଭାରତୀୟ ମୁକ୍ତି ଆନ୍ଦୋଳନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ଏହି ଅନୁଷ୍ଠାନର ପରିଚାଳନା ଓ ନେତୃତ୍ୱ କ୍ଷେତ୍ରରେ ଦୁର୍ଗାବତୀ ଦେବୀ ବା ଦୁର୍ଗାଭାବୀଙ୍କ (୧୯୦୭ ରୁ ୧୯୯୯)ର ଅବଦାନ ଉଲ୍ଲେଖନୀୟ ଥିଲା। ସେ ଏବଂ ତାଙ୍କ ସ୍ୱାମୀ ଭଗବତୀ ଚରଣ ବୋହରା ଏହି ସଂଗଠନର ସଦସ୍ୟ ଥିଲେ। ବ୍ରିଟିଶ ଅଧିକାରୀ ସଣ୍ଡରର୍ସଙ୍କୁ ହତ୍ୟା କରିବା ପରେ ଭଗତ ସିଂହ ଛଦ୍ମବେଶରେ ଯେଉଁ ଟ୍ରେନ୍‌ରେ ଖସି ପଳାଇଥିଲେ ସେହି ଟ୍ରେନରେ ଦୁର୍ଗାଭାବୀ ତାଙ୍କ ସହିତ ଯାଇଥିଲେ।

୧୯୩୦ ଦଶକର ଆଉ ଏକ ବୈପ୍ଳବିକ ଘଟଣା ଥିଲା ଚଟଗ୍ରାମ ଅସ୍ତ୍ରାଗାର ଲୁଟ। ସେତେବେଳେ ବଙ୍ଗପ୍ରଦେଶର ଚଟଗ୍ରାମ (ଇଂରାଜୀ ନାମ ଚିଟାଗଙ୍ଗ)ରେ ସୂର୍ଯ୍ୟ ସେନଙ୍କ ନେତୃତ୍ୱରେ ଇଣ୍ଡିଆନ ରିପବ୍ଲିକାନ ଆର୍ମି ବ୍ରିଟିଶ ଶାସକଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଚଳାଇଥିଲା। ଏଥିରେ ୧୯୩୧ ମଇ ମାସରେ ଜଣେ ବିପ୍ଳବିନୀ କଳ୍ପନା ଦତ୍ତ (୧୯୧୩-୧୯୯୫) ସାମିଲ ହୋଇଥିଲେ। ତାଙ୍କ ସହିତ ଆଉ ଜଣେ ମହିଳା ପ୍ରୀତିଲତା ୱାଡ୍ଡେଦାର ମଧ୍ୟ ଯୋଗଦେଇ ସଶସ୍ତ୍ର ସଂଗ୍ରାମ ପଥ ବାଛି ନେଇଥିଲେ। ସେ ବର୍ଷ ସେମାନେ ଚଟଗ୍ରାମରେ ଥିବା ୟୁରୋପିଆନ୍ କ୍ଳବ ଉପରେ ଆକ୍ରମଣ କରିବାର ମସୁଧା କରିଥିଲେ। ଆକ୍ରମଣର ଏକ ସପ୍ତାହ ପୂର୍ବରୁ ନିଜର ସାଥି ସହଯୋଗୀଙ୍କ ପାଇଁ ଖାଦ୍ୟବସ୍ତ୍ରାଦି ନେଇଯାଉଥିବା ଅବସ୍ଥାରେ କଳ୍ପନା ଦତ୍ତ ଧରାପଡ଼ି ଗିରଫ ହେଲେ। ପରେ ଜାମିନରେ ସେ ଜେଲ୍‌ରୁ ମୁକ୍ତ ହୋଇଥିଲେ। ତା'ପରେ ସେ ଆତ୍ମଗୋପନ ଅବସ୍ଥାରେ ରହି ସମସ୍ତ ବିପ୍ଳବକୁ ସାହାଯ୍ୟ ସହଯାଗ କରୁଥିଲେ। ୧୯୩୩ ଫେବୃୟାରୀ ୧୭ରେ ପୁଲିସ ସୂର୍ଯ୍ୟ ସେନ୍‌ଙ୍କ ଗୁପ୍ତ ଆଡ୍ଡାର ସନ୍ଧାନ ପାଇ ତା' ଉପରେ ଚଢ଼ଉ କଲା। ସୂର୍ଯ୍ୟ ସେନ୍ ଗିରଫ ହେଲେ; ମାତ୍ର କଳ୍ପନା ଖସି ଯିବାରେ ସଫଳ ହେଲେ। ଚଟଗ୍ରାମ ଅସ୍ତ୍ରାଗାର ଲୁଟ୍ ମାମଲାର ଦ୍ୱିତୀୟ ଅତିରିକ୍ତ ବିଚାରରେ କଳ୍ପନା ଦୋଷୀ ସାବ୍ୟସ୍ତ ହୋଇ ଜାବଜ୍ଜୀବନ କଳାପାଣିରେ ଜେଲ୍ ଭୋଗିବା ଦଣ୍ଡରେ ଦଣ୍ଡିତ ହେଲେ। ୧୯୩୯ରେ ତାଙ୍କୁ ଖଲାସ କରାଯାଇଥିଲା।

କମଳା ଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) ୧୯୩୦ ଦଶକର ଆଉ ଜଣେ ପ୍ରମୁଖ ମହିଳା ମୁକ୍ତି ଯୋଦ୍ଧା। ଲବଣ ସତ୍ୟାଗ୍ରହରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ ହସ୍ତକଳା, ହସ୍ତତନ୍ତ ସାମଗ୍ରୀ, ଥିଏଟର ଆଦିରେ ତାଙ୍କର ବିଶେଷ ଅନୁରାଗ ଥିଲା ଏବଂ ଏହାର ପ୍ରଚାର, ପ୍ରସାର ପାଇଁ ସେ ବିଶେଷ ଉଦ୍ୟମ କରିଥିଲେ। ଗାନ୍ଧୀ, ନେହେରୁ ଓ ସୋସାଲିଷ୍ଟଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ଥିଲା। ଏହି ଆଦର୍ଶଗତ ତ୍ରିକୋଣୀୟ ସମ୍ପର୍କର ବାଧ୍ୟବାଧକତା ଦୃଷ୍ଟିରୁ ସେ କଂଗ୍ରେସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରି ନଥିଲେ। ଭାରତ ସରକାର ତାଙ୍କୁ ୧୯୫୫ରେ ପଦ୍ମଭୂଷଣ ଓ ୧୯୮୭ରେ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ଭୂଷିତ କରିଥିଲେ। ସେ ମଧ୍ୟ ୧୯୬୬ରେ ରମନ ମାଗ୍‌ସେସେ ସମ୍ମାନ ଲାଭ କରିଥିଲେ। ଗୋଷ୍ଠୀ ନେତୃତ୍ୱ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହା ପ୍ରଦାନ କରାଯାଇଥିଲା। ଏହାଛଡ଼ା ସେ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍, ସଂଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ସମ୍ମାନ ରତ୍ନ ସଦସ୍ୟ ଏବଂ ୧୯୭୪ରେ ଜାତୀୟ ସଂଗୀତ, ନୃତ୍ୟ ଓ ନାଟକ ଏକାଡେମୀର ଜୀବନବ୍ୟାପୀ ସାଧନା ପୁରସ୍କାର ଲାଭ କରିଥିଲେ।

ସରୋଜିନୀ ନାଇଡୁ ଅନ୍ୟ ପକ୍ଷରେ ରାଜନୀତିରେ ଅଧିକ ସମୟ କାଟିଥିଲେ। ୧୯୨୫ରେ ସେ ଭାରତୀୟ ଜାତୀୟ

କଂଗ୍ରେସର ସଭାପତି ପଦ ଅଳଙ୍କୃତ କରିବା ସହ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପୂର୍ବ ଆଫ୍ରିକୀୟ ଭାରତୀୟ କଂଗ୍ରେସ ସମାବେଶରେ ୧୯୨୯ରେ ଅଧ୍ୟକ୍ଷତା କରିଥିଲେ । ଭାରତରେ ପ୍ଲେଗ ମହାମାରୀ ବ୍ୟାପିଥିବା ବେଳେ ଉଲ୍ଲେଖନୀୟ ସେବା କାର୍ଯ୍ୟ କରିଥିବାରୁ ସରୋଜିନୀଙ୍କୁ ବ୍ରିଟିଶ ସରକାର କାଇଜର-ଇ-ହିନ୍ଦ ପଦକରେ ଭୂଷିତ କରିଥିଲେ ।

୧୯୩୦ର ସତ୍ୟାଗ୍ରହ ସମୟରେ ସେ ଗୁଜରାଟର ଧରସଣା ଲୁଣ ମରା ସ୍ଥାନରେ ବ୍ରିଟିଶ ଲବଣ ଆଇନକୁ ଭଙ୍ଗ କରିବାରୁ ପୁଲିସ ମାଡ଼ରେ ଆହତ ହୋଇଥିଲେ । ୧୯୩୧ରେ ସରୋଜିନୀ ବାପୁଜୀ ଓ ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ସହ ଗୋଲଟେବୁଲ୍ ବୈଠକରେ ଯୋଗଦେଇଥିଲେ । ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ସେ ଏଥିରେ ଅଗ୍ରଣୀ ଭୂମିକା ନେଇ ଗାନ୍ଧିଜୀ ଓ ଅନ୍ୟ ନେତାଙ୍କ ସହ ଗିରଫ ହୋଇ ଜେଲ୍ ଯାଇଥିଲେ । ପୁନର୍ବାର ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇ ସେ ମଧ୍ୟ ଗିରଫ ହୋଇଥିଲେ । ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଭାବେ ସଂଯୁକ୍ତ ପ୍ରଦେଶ (ଆଗ୍ରା ଓ ଅବଧ)ର ଦାୟିତ୍ୱ ୧୯୪୭ ରୁ ୧୯୪୯ ପର୍ଯ୍ୟନ୍ତ ନିର୍ବାହ କରିଥିଲେ ।

ଆଉ ଜଣେ ଜାତୀୟତାବାଦୀ ନେତ୍ରୀ ଅରୁଣା ଆସଫ୍ ଅଲି (୧୯୦୯-୧୯୯୬) କଂଗ୍ରେସ ସମେତ ବାହାରେ ବେଶ୍ ନାଁ କରିଥିଲେ । ୧୯୪୨ର ଭାରତଛାଡ଼ ଆନ୍ଦୋଳନ ସମୟରେ ସେ ବମ୍ବେର ଗୋଆଲିଆ ଟ୍ୟାଙ୍କ ମଇଦାନରେ ଜାତୀୟ ପତାକା ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲେ । ୧୯୯୭ରେ ତାଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ, ଦେଶର ସର୍ବଶ୍ରେଷ୍ଠ ବେସାମରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅରୁଣା କଂଗ୍ରେସର ଜଣେ ସକ୍ରୀୟ ସଦସ୍ୟା ଥିଲେ ଏବଂ ଆସଫ ଅଲିଙ୍କୁ ବିବାହ କରିଥିଲେ । ସେ ଲବଣ ସତ୍ୟାଗ୍ରହରେ ଭାଗ ନେଇ ଗିରଫ ହୋଇଥିଲେ । ୧୯୩୧ର ଗାନ୍ଧୀ-ଇରୱିନ ଚୁକ୍ତି ଅନୁସାରେ ସବୁ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଯାଇଥିଲେ ମଧ୍ୟ ସେ ଜଣେ ବାସ୍ତୁହରା ବାରବୁଲା ବୋଲି ତାଙ୍କ ଉପରେ ଅଭିଯୋଗ ଆରୋପ କରାଯାଇ ତାଙ୍କୁ ଜେଲ୍‌ରୁ ଖଲାସ କରାଯାଇ ନଥିଲା । ଅରୁଣାଙ୍କୁ ମୁକ୍ତ କରା ନ ଗଲେ ସେମାନେ ମଧ୍ୟ ଜେଲ୍ ଛାଡ଼ିବେ ନାହିଁ ବୋଲି ଅନ୍ୟ ମହିଳା ରାଜନୈତିକ ବନ୍ଦୀମାନେ ଜିଦ୍ ଧରିବାରୁ ଏଥିରେ ଗାନ୍ଧୀଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା । ତା'ପରେ ଯାଇ ଅନ୍ୟ ମହିଳା ବନ୍ଦୀମାନେ ଜେଲ୍ ଛାଡ଼ିଥିଲେ । ଏହାପରେ ପ୍ରବଳ ଜନ ଆନ୍ଦୋଳନ ମୁଣ୍ଡ ଟେକିବାରୁ ଅରୁଣାଙ୍କୁ ୧୯୩୨ରେ ବ୍ରିଟିଶ ସରକାର ବାଧ୍ୟ ହୋଇ ଜେଲ୍‌ରୁ ଖଲାସ କରିଥିଲେ । ତିହାର ଜେଲ୍‌ରେ ବନ୍ଦୀ ଥିବା ବେଳେ ଅରୁଣାଙ୍କ ଯୋଗୁଁ ସେଠାରେ ରାଜନୈତିକ ବନ୍ଦୀଙ୍କ ପ୍ରତି ଜେଲ୍ କର୍ତ୍ତୃପକ୍ଷଙ୍କ ଆଚରଣରେ ପରିବର୍ତ୍ତନ ଘଟିଲା ସତ ଅରୁଣାଙ୍କୁ ଅମ୍ବାଲା ଜେଲ୍‌କୁ କର୍ତ୍ତୃପକ୍ଷ ପଠାଇ ସେଠାରେ ତାଙ୍କୁ ଗୋଟିଏ କାରାକୋଠରୀରେ ଏକାକି ରଖିଲେ । ଜେଲ୍‌ରୁ ମୁକ୍ତ ହେବା ପରେ ସେ ଆଉ ରାଜନୈତିକ କାର୍ଯ୍ୟକଳାପରେ ବିଶେଷ ସକ୍ରିୟ ଭୂମିକା ଗ୍ରହଣ କରି ନଥିଲେ ।

ସଂକ୍ଷେପରେ କୁହାଯାଇପାରେ ଯେ ଜାତୀୟ ଆନ୍ଦୋଳନରେ ମହିଳାଙ୍କ ଅଂଶଗ୍ରହଣର ବ୍ୟାପକତା ଓ ପରିସର ଭାରତ ମାତାର ବହୁ ସ୍ତରୀୟ ବିଚାରବୋଧ ଏବଂ ଭିକ୍ଟୋରୀୟ ନୈତିକତା ଦ୍ୱାରା ପ୍ରଭାବିତ ହୋଇଥିଲା । ସେତେବେଳେ ଯେଉଁ ମହିଳାମାନେ ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀରୁ ଆସିଥିଲେ । ଏବେ ଦଳିତ ଓ ଜନଜାତିର ମହିଳାମାନେ ଜାତିର ଇତିହାସରେ ସାମିଲ ହେବାକୁ ପ୍ରୟାସ କରୁଛନ୍ତି । ଏଭଳି ଅନେକ ଇତିହାସ ଲେଖାଯିବାକୁ ବାକି ଅଛି ।

ଲେଖିକା ନୂଆଦିଲ୍ଲୀସ୍ଥିତ ଜବାହାର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଜଣେ ସହଯୋଗୀ ପ୍ରଫେସର ।


# ଭାରତୀୟ ବିଦ୍ୟାଳୟ ଶିକ୍ଷାରେ ଲିଂଗଗତ ପ୍ରସଂଗ

ଶୈଳେନ୍ଦ୍ର ଶର୍ମା ଏବଂ ଡଃ. ଶଶି ରଂଜନ ଝା

**ବି**କାଶ ସମ୍ବନ୍ଧୀୟ ବିଚାର ବିମର୍ଷରେ ନାରୀ ସଶକ୍ତିକରଣ ଏକ ପ୍ରମୁଖ ପ୍ରସଂଗ । କାରଣ ଏହାଦ୍ୱାରା ମହିଳାଙ୍କ ପାଇଁ ସମାନ ସୁଯୋଗ ଆସିଥାଏ । ତେବେ, ବାସ୍ତବରେ ନାରୀ ସଶକ୍ତିକରଣ ଏବେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ହାସଲ କରାଯାଇ ପାରିନାହିଁ । ମହିଳାଙ୍କ ଅବହେଳା ଘଟଣା ବହୁମାତ୍ରାରେ ଘଟୁଛି । କାରଣ ଏହାକୁ ପ୍ରତିହତ କରିବା ପାଇଁ ରହିଥିବା ନୀତି ଓ ପଦକ୍ଷେପ ପର୍ଯ୍ୟାପ୍ତ ହୋଇ ପାରୁନାହିଁ । ବିକାଶ ପ୍ରକ୍ରିୟାର ଅନ୍ୟ ଦିଗଟିରେ ମହିଳାଙ୍କୁ ସାମାଜିକ ନିଷ୍ପତ୍ତି ନେବା ଅଧିକାରରୁ ବଞ୍ଚିତ କରାଯାଉଛି ଏବଂ ସେମାନଙ୍କୁ କେବଳ ପୋଥି ପୂରାଣର ଦେବୀର ଗତାନୁଗତିକ ସ୍ଥାନରେ ସିମିତ ରଖିଦିଆଯାଇଛି । ଇତିହାସ ମଧ୍ୟ ଏଭଳି ଦୋମୁହାଁ ବିକାଶ ପ୍ରକ୍ରିୟାର ମୁକସାକ୍ଷୀ ।

ସାମାଜିକ ନ୍ୟାୟ ପୃଷ୍ଠଭୂମିରେ ହିଁ ଲିଂଗଗତ ପ୍ରଭେଦ ଓ ଅବହେଳାକୁ ବିଚାର କରାଯିବା ଉଚିତ୍ । ଅର୍ଥନୈତିକ ବ୍ୟବସ୍ଥା କେବଳ ଲିଂଗଗତ ଅବହେଳାର ପ୍ରକୃତି ଓ ପ୍ରକାରଭେଦ ସୃଷ୍ଟି କରିଥାଏ । କିନ୍ତୁ ଲିଂଗଗତ ଅବହେଳାର ଅବସ୍ଥିତି ପାଇଁ ଅର୍ଥନୈତିକ ବ୍ୟବସ୍ଥା ଦାୟି ନୁହେଁ । ଉଦାହରଣ ସ୍ୱରୂପ ଏଥିପାଇଁ ଏଭଳି କିଛି ବ୍ୟବସ୍ଥା ଦାୟି ଯାହାଦ୍ୱାରା ମହିଳାମାନେ ସମାନ ସୁଯୋଗ ହାସଲ କରିବାରୁ ବଞ୍ଚିତ ହୋଇଛନ୍ତି । ଉଚ୍ଚଶିକ୍ଷା ପ୍ରାପ୍ତିରୁ ବଞ୍ଚିତ ହେବା ହେଉଛି ଏହିଭଳି ଏକ ବ୍ୟବସ୍ଥା । ଏହା ଦ୍ୱାରା ମହିଳା, ବିଶେଷ ଭାବେ ଅବହେଳିତ ସଂପ୍ରଦାୟର ମହିଳାମାନଙ୍କ ପାଇଁ ଏକ ପ୍ରକାର ସାମାଜିକ ପୃଥକୀକରଣ ସୃଷ୍ଟି ହୋଇଥାଏ ।

ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ପଛୁଆପଣ ଏବଂ ସେମାନଙ୍କ ସାମାଜିକ ଗୌଣପଣ ଯୋଗୁଁ ନିତୀ ନିର୍ଣ୍ଣୟ କ୍ଷେତ୍ରରେ ଲିଂଗଗତ ବୈଷମ୍ୟ ପ୍ରସଙ୍ଗ ଉଠିଥାଏ । ଅବଶ୍ୟ, ସ୍ଥାନ ସଂରକ୍ଷଣ ବା ବିଶେଷ ବ୍ୟବସ୍ଥା ଦ୍ୱାରା ମହିଳାଙ୍କ କୌଳିକ ଦକ୍ଷତା ବୃଦ୍ଧି କରାଯିବା ପାଇଁ ପଦକ୍ଷେପମାନ ଗ୍ରହଣ କରାଯାଉଛି । ତେବେ କେବଳ ଅଂଶଗ୍ରହଣ ନୁହେଁ, ବରଂ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ କେବଳ ବାଳକ ଓ ବାଳିକାଙ୍କ ଶିକ୍ଷା ସମାନତା ଉପରେ ଗୁରୁତ୍ୱ ଦିଆଯାଇନଥିଲା । ଅପିତୁ, ୧୯୮୬ ମସିହାର ଜାତୀୟ ଶିକ୍ଷାନିତିର ଆଦର୍ଶକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଏହି ନୀତି ଅନୁସାରେ ଶିକ୍ଷାକୁ ଏକ ପରିବର୍ତ୍ତନକାରୀ ଶକ୍ତି ଭାବେ ଗଣନା କରାଯିବା ସହିତ, ମହିଳାଙ୍କ ଆତ୍ମପ୍ରତ୍ୟୟ ଓ ସାମାଜିକ ସଶକ୍ତିକରଣର ଏକ ମାଧ୍ୟମ ଭାବରେ ବିବେଚନା କରାଯାଇଛି । ତଥାପି




ଅସ୍ତିତ୍ୱ, ସମ୍ମାନ ଏବଂ ମହିଳାଙ୍କ ଅବହେଳାର ସ୍ୱରୂପ ଆଦିକୁ ମଧ୍ୟ ବିଚାରକୁ ନିଆଯିବା ଉଚିତ୍ ।

ଦେଶରେ ନାରୀ ଶିକ୍ଷାକୁ ନେଇ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇଛି । ଉଦାହରଣ ସ୍ୱରୂପ, ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ବାଳିକା ଶିକ୍ଷାକୁ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ନାରୀ ଶିକ୍ଷାକୁ ନେଇ ବିଶେଷ ଅଗ୍ରଗତି ହୋଇ ପାରିଲା ନାହିଁ । ତେଣୁ, ଶିକ୍ଷା କ୍ଷେତ୍ରରେ ଲିଂଗଗତ ପ୍ରସଂଗକୁ ଉଭୟ ଗୁଣାତ୍ମକ ଓ ସମାନତା ଦୃଷ୍ଟିରୁ ଦେଖାଯିବା ବାଞ୍ଛନୀୟ । କେବଳ ଲିଂଗ ସମ୍ବେଦୀ ପାଠ୍ୟକ୍ରମ ପ୍ରଚଳନ, ଶିକ୍ଷକ ପ୍ରଶିକ୍ଷଣ ଓ ମୂଲ୍ୟାୟନ


ଯଥେଷ୍ଟ ନୁହେଁ । ନାରୀ ଶିକ୍ଷାର ଅଗ୍ରଗତି ପାଇଁ କିଛିଟା ଅଧିକ ପଦକ୍ଷେପ ଆବଶ୍ୟକ।


**ନିତୀର ଶକ୍ତି :** ଶିକ୍ଷା କ୍ଷେତ୍ରରେ ପାରମ୍ପାରିକ ଭାବେ ପ୍ରତ୍ୟେକ ସମାଜରେ ନାରୀଶିକ୍ଷା ଅପେକ୍ଷା ପୁରୁଷ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି। କାରଣ ଅତୀତରେ ନିର୍ଦ୍ଧାରୀତ ହୋଇଥିବା ନିତୀ ଓ ଆଚାରଣର ପ୍ରତିଫଳନ ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳୁଛି । ତେଣୁ, ପ୍ରତ୍ୟେକ ଦେଶରେ କୌଣସି ନା କୌଣସି ପ୍ରକାରର ଲିଂଗଗତ ବୈଷମ୍ୟ ଦେଖା ଯାଉଛି। ସକଳ ଘରୋଇ ଉତ୍ପାଦନ ଏବଂ ଶିକ୍ଷା ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିଥିବାରୁ, ପ୍ରତ୍ୟେକ ଦେଶ ନିଜନିଜ ମାନବ ସମ୍ବଳର ପ୍ରକୃଷ୍ଟ ଉପଯୋଗ କରିବାକୁ ଇଚ୍ଛୁକ ଥାଆନ୍ତି। ତେଣୁ ନାରୀ ଶିକ୍ଷାରେ ଲିଙ୍ଗଗତ ପ୍ରସଙ୍ଗ ଆଲୋଚନା କଲାବେଳେ ଆମକୁ ଉଭୟ ସମାନତା ଓ ସମତୁଲତାକୁ ବିଚାରକୁ ନେବାକୁ ପଡ଼ିବ ।

**ଜାତୀୟ ଶିକ୍ଷା ନୀତି - ୧୯୮୬:** ଐତିହାସିକ ଦୃଷ୍ଟିକୋଣରୁ, ଦେଶର ପ୍ରତ୍ୟେକ ଶିକ୍ଷା ନୀତିରେ ଲିଙ୍ଗଗତ ପ୍ରଭେଦ ଦୂର କରିବା ଉପରେ ପ୍ରାଧାନ୍ୟ ଦିଆଯାଉଛି । ସ୍ଥିତିର ପରିବର୍ତ୍ତନ ପାଇଁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ପୂର୍ବରୁ ମହିଳାଙ୍କ ପ୍ରତି କରାଯାଇଥିବା ଅବିଚାରକୁ ଦୂର କରି ସେମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ପାଠ୍ୟକ୍ରମ, ପ୍ରଶିକ୍ଷଣ ଏବଂ ମହିଳା ଶିକ୍ଷାକୁ ନେଇ ଶୈକ୍ଷିକ ଅନୁଷ୍ଠାନଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏଗୁଡ଼ିକରେ ଆଉ ମଧ୍ୟ ରହିଛି ପ୍ରାଥମିକ ବିଦ୍ୟାଳୟରେ ବାଳିକା ଶିକ୍ଷା ପାଇଁ ବିଶେଷ ସହାୟକ ବ୍ୟବସ୍ଥା,ଲକ୍ଷ୍ୟ ଧାର୍ଯ୍ୟ ଏବଂ ତଦାରଖ ବ୍ୟବସ୍ଥା । ଏହାସହିତ ଏହି ନିତୀରେ ଲିଂଗଗତ ବୈଷମ୍ୟ ଦୂରୀକରଣ ସମେତ ଉଭୟ ବୃତ୍ତିଗତ ଓ ଜୀବିକା ଉପାର୍ଜନ ସମ୍ପର୍କୀତ ଶିକ୍ଷାରେ ମହିଳାଙ୍କ ପାଇଁ ପ୍ରୋତ୍ସାହନ ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସେହିପରି ଅଣ ପାରମ୍ପାରିକ ବୃତ୍ତି ପ୍ରତି ମହିଳାଙ୍କୁ ପ୍ରୋତ୍ସାହିତ କରିବା କଥା ମଧ୍ୟ ରହିଛି । ଏ ଦୃଷ୍ଟିରୁ, ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ୨୦୦୯ ମସିହାର ଶିକ୍ଷା ଅଧିକାର ଆଇନ୍ ଏକ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇଛି।

**୨୦୧୬ ଜାତୀୟ ଚିଠାଶିକ୍ଷା ନୀତି :** ଯୁବ ଓ ପୌଢ଼ ଶିକ୍ଷା କ୍ଷେତ୍ରରେ ଲିଂଗଗତ ବୈଷମ୍ୟ ଯଥେଷ୍ଟ ପରିମାଣରେ ରହିଛି । ଭାରତରେ ଏବେ ମଧ୍ୟ ଶିକ୍ଷାକ୍ଷେତ୍ରରେ ୮.୨ ପ୍ରତିଶତ ଲିଂଗଗତ ପ୍ରଭେଦ ରହିଛି । ୨୦୧୧ରେ ୧୫-୨୪ ବର୍ଷ ବୟସ୍କ ଗୋଷ୍ଠୀରେ ପୁରୁଷ ସାକ୍ଷରତା ୯୦ ପ୍ରତିଶତ ଥିବା ବେଳକୁ ମହିଳା ସାକ୍ଷରତା ୮୧.୮ ପ୍ରତିଶତ ରହିଛି। ସେହିପରି ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏହି ବ୍ୟବଧାନ ୧୯.୫ ପ୍ରତିଶତ ରହିଛି । ଏଥିରୁ ସ୍ପଷ୍ଟ ଯେ ଉଭୟ ବାଳିକା ଓ ନାରୀଶିକ୍ଷା ପାଇଁ ଅଧିକ ପଦକ୍ଷେପର ଆବଶ୍ୟକତା ରହିଛି । ଏଥିପ୍ରତି ନୂତନ ଜାତୀୟ ଶିକ୍ଷା ନୀତିରେ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ ।


**ବାଳିକା ଶିକ୍ଷା :** ବାଳିକାଙ୍କ ପାଇଁ ଶିକ୍ଷା ସୁଯୋଗର ସଂପ୍ରସାରଣ ସକାଶେ ଭାରତ ସରକାର ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ପ୍ରାଥମିକ ଶିକ୍ଷାରେ ବାଳିକା ଶିକ୍ଷା ପାଇଁ ଜାତୀୟ କାର୍ଯ୍ୟକ୍ରମ (ଏନ୍.ପି.ଇ.ଜି.ଇ.ଏଲ୍), ମହିଳା ସମକ୍ଷ (ଏମ୍.ଏସ୍) ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେ.ଜି.ବି.ଭି) ଅନ୍ୟତମ । ସଦ୍ୟତମ ଭାବେ ଭାଜପା ସରକାର ବେଟିବଚାଓ-ବେଟି ପଢ଼ାଓ ଏବଂ 'ସଜଳା' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ଏପ୍ରିଲ୍ ୧ ତାରିଖ, ୨୦୧୧ ମସିହାରେ ଆରମ୍ଭ ହୋଇଛି 'ସଜଳା' କାର୍ଯ୍ୟକ୍ରମ । ଦେଶର ୨୦୦ଟି ଚିହ୍ନିତ ଜିଲ୍ଲାରେ ଥିବା ପ୍ରତ୍ୟେକ ସମନ୍ୱିତ ମହିଳା ଓ ଶିଶୁ ବିକାଶ



ପ୍ରକଳ୍ପଗୁଡ଼ିକରେ ୧୧-୧୮ ବର୍ଷ ବୟସ୍କା କିଶୋରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି । ଏହାର ଲକ୍ଷ୍ୟ ହେଉଛି କିଶୋରୀଙ୍କ ସଶକ୍ତିକରଣ, ସେମାନଙ୍କ ସ୍ୱାସ୍ଥ୍ୟ ଓ ପୌଷ୍ଟିକତାରେ ଉନ୍ନତି, ପ୍ରଜନନ ସମ୍ବନ୍ଧୀୟ ଶିକ୍ଷା, ପରିମଳ, ପରିବାର ଓ ଶିଶୁ ଯତ୍ନ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି । ଏତଦ୍ ବ୍ୟତୀତ, ଘରୋଇ କୌଶଳ ବିକାଶ ଏବଂ ବୃତ୍ତିଗତ କୌଶଳ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବିଦ୍ୟାଳୟ ଯାଉନଥିବା ବାଳିକାଙ୍କୁ ଉଭୟ ଔପଚାରିକ ଓ ଅନୌପଚାରିକ ଶିକ୍ଷା ବ୍ୟବସ୍ଥାରେ ସାମିଲ୍ କରିବା ମଧ୍ୟ ହେଉଛି ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ । ସେମାନଙ୍କୁ ବିଭିନ୍ନ ସେବା ଯଥା ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଡାକଘର, ବ୍ୟାଙ୍କ୍, ପୁଲିସ୍ ଷ୍ଟେସନ୍ ଆଦି ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀ ପ୍ରତି ସଚେତନ କରିବା ମଧ୍ୟ ଏହି ଯୋଜନାର ଉଦ୍ଦେଶ୍ୟ ।

ସେହିପରି ବେଟୀ ବଚାଓ-ବେଟୀ ପଢ଼ାଓ କାର୍ଯ୍ୟକ୍ରମ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ବାବଦରେ ସଚେତନତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ । ୧୦୦କୋଟି ଟଙ୍କାର ପ୍ରାରମ୍ଭିକ ପାଣ୍ଠି ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଶେଷ ଭାବେ ଶିଶୁ ଲିଂଗ ଅନୁପାତର ଉନ୍ନତି ପାଇଁ ୨୦୧୪ ମସିହା ଅକ୍ଟୋବର ମାସରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ତେଣୁ ୧୦୦ଟି ସ୍ୱଳ୍ପ ଶିଶୁ ଲିଂଗ ଅନୁପାତ ଥିବା ଜିଲ୍ଲାଗୁଡ଼ିକରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି । ଏହା ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏକ ଯୁଗ୍ମ ପ୍ରୟାସ ।




| Level | % Girls (2014-15)[1] | | | | |
|---|---|---|---|---|---|
| | Overall | SC | ST | OBC | Muslim |
| Elementary | 48.34 | 48.5 | 48.37 | 48.6 | 49.79 |
| Secondary | 47.46 | 47.6 | 48.4 | 47.17 | 51.74 |
| Higher Secondary | 47.06 | 47.51 | 47.09 | 47.08 | 50.85 |

**ସାକ୍ଷରତା ହାର :** ବିଶ୍ୱର ୭୭୪ ନିୟୁତ ପ୍ରାପ୍ତବୟସ୍କ ନିରକ୍ଷରଙ୍କ ଏକ ତୃତୀୟାଂଶ, ଅର୍ଥାତ୍ ୨୮୭ ନିୟୁତ ନିରକ୍ଷରଙ୍କ ଦେଶ ହେଉଛି ଭାରତ । ବିଶ୍ୱର ସମସ୍ତ ନିରକ୍ଷରଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ହେଉଛନ୍ତି ମହିଳା । ଏକ ଆକଳନରୁ ଜଣାଯାଇଛି ଯେ ୫୦ପ୍ରତିଶତ ନିରକ୍ଷର କେବେ ମଧ୍ୟ ବିଦ୍ୟାଳୟ ପରିସରଭୁକ୍ତ ହୋଇନାହାନ୍ତି ଏବଂ ଅବଶିଷ୍ଟ ୫୦ ପ୍ରତିଶତ ବିଳମ୍ବରେ ବିଦ୍ୟାଳୟରେ ନାମ ଲେଖାଇଛନ୍ତି, ନତୁବା ଅଧାରୁ ପାଠ ଛାଡ଼ିଛନ୍ତି ।

ତେବେ ଉଭୟ ପୁରୁଷ ଓ ନାରୀ ସାକ୍ଷରତାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇଛି । ୧୯୧୧ ଏବଂ ୨୦୧୧- ଏହି ଏକ ଶତାବ୍ଦୀ ମଧ୍ୟରେ ପୁରୁଷ ସାକ୍ଷରତା ହାର ୧୦.୧ ପ୍ରତିଶତରୁ ୮୨.୧ ପ୍ରତିଶତ (୭୧.୫ ପ୍ରତିଶତ ବୃଦ୍ଧି)କୁ ବୃଦ୍ଧି ପାଇଛି । ସେହିପରି ମହିଳା ସାକ୍ଷରତା ୧.୧ ପ୍ରତିଶତରୁ ୬୫.୫ ପ୍ରତିଶତ (୬୪.୫ ପ୍ରତିଶତ ବୃଦ୍ଧି)କୁ ବୃଦ୍ଧି ପାଇଛି । ତେବେ ଏହି ସମୟ ମଧ୍ୟରେ ପୁରୁଷ ଓ ନାରୀ ସାକ୍ଷରତା ମଧ୍ୟରେ ଥିବା ବ୍ୟବଧାନ (୧୯୧୧ ମସିହାରେ ୯.୫ ପ୍ରତିଶତ) ମଧ୍ୟ ବୃଦ୍ଧି ପାଇଛି (୨୦୧୧ ମସିହାରେ ୧୬.୬ ପ୍ରତିଶତ)। ସେହିପରି ଅନୁସୂଚୀତ ଜାତି/ଜନଜାତି ବର୍ଗ ମହିଳାଙ୍କ କ୍ଷେତ୍ରରେ ସାକ୍ଷରତା ହାର ଯଥାକ୍ରମେ ୫୬.୫ ପ୍ରତିଶତ ଓ ୪୯.୪ ପ୍ରତିଶତ ରହିଛି ଯାହା ମୋଟାମୋଟି ମହିଳା ସାକ୍ଷରତା ହାର ୬୫.୫ ପ୍ରତିଶତରୁ କମ୍ । ୨୦୧୧ ଜନଗଣନା ଅନୁଯାୟୀ, କେରଳର ସାକ୍ଷରତା ହାର ଦେଶରେ ସର୍ବାଧିକ ଅର୍ଥାତ୍ ୯୪ ପ୍ରତିଶତ । (ପୁରୁଷ- ୯୬.୧, ମହିଳା ୯୨.୧) । ଏହା ପଛକୁ ରହିଛି ଲାକ୍ଷାଦ୍ୱିପ, ମିଜୋରାମ, ଗୋଆ ଓ ତ୍ରିପୁରା । ସାକ୍ଷରତା ହାର କ୍ଷେତ୍ରରେ ପ୍ରଥମ ୧୦ଟି ରାଜ୍ୟ ମଧ୍ୟରେ ୪ଟି ରାଜ୍ୟ (କେରଳ, ମିଜୋରାମ, ଗୋଆ ଓ ତ୍ରିପୁରା) ଥିବା ବେଳେ ଅନ୍ୟ ଛ'ଟି ହେଉଛି କେନ୍ଦ୍ର

ଶାସିତ ଅଞ୍ଚଳ । ଏହି ଚାରୋଟି ରାଜ୍ୟ, ମହିଳା ସାକ୍ଷରତା ହାର କ୍ଷେତ୍ରରେ ମଧ୍ୟ ଆଗୁଆ ଅଛନ୍ତି । ଅନ୍ୟ ପକ୍ଷରେ ମହିଳା ସାକ୍ଷରତା କ୍ଷେତ୍ରରେ ବିହାର ରହିଛି ସବା ତଳେ (୫୧.୫) । ତା'ପଛକୁ ରହିଛନ୍ତି ରାଜସ୍ଥାନ, ଝାରଖଣ୍ଡ, ଜମ୍ମୁ ଓ କାଶ୍ମୀର । ମହିଳା ସାକ୍ଷରତାର ସ୍ୱଳ୍ପ ହାର ବିଶିଷ୍ଟ ରାଜ୍ୟଗୁଡ଼ିକ ମଧ୍ୟରେ ଅନୁସୂଚୀତ ଜାତି ବହୁଳ ବିହାର, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଥିବାବେଳେ ଅନୁସୂଚୀତ ଜନଜାତି ବହୁଳ ମଧ୍ୟପ୍ରଦେଶ, ଓଡ଼ିଶା, ଛତିଶଗଡ଼ ଓ ଅରୁଣାଚଳ ପ୍ରଦେଶ ରହିଛି । ସେହିପରି ମୁସଲମାନ ବହୁଳ ଜମ୍ମୁ ଓ କାଶ୍ମୀର ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ତଥାପି ଏହି ରାଜ୍ୟଗୁଡ଼ିକରେ ମଧ୍ୟ ମହିଳା ସାକ୍ଷରତା ହାରରେ ଉନ୍ନତି ପରିଲକ୍ଷିତ ହୋଇଛି । ଗତ ଏକ ଦଶନ୍ଧୀ ମଧ୍ୟରେ ୨୧୭ ନିୟୁତ ବ୍ୟକ୍ତି ସାକ୍ଷର ହୋଇଛନ୍ତି ଯେଉଁମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା (୧୧୦ ନିୟୁତ), ପୁରୁଷଙ୍କ ସଂଖ୍ୟା (୧୦୭ ନିୟୁତ) ଠାରୁ ଅଧିକ ।




Figure 4: % Girls in Govt and Private Schools (UDISE- 2014-15)




Figure 5: Percentage girls - Class-wise





Figure 6: Average annual dropout rates (UDISE 2014-15)

**ଲିଂଗ ହାର:** ମୋଟାମୋଟି ଲିଂଗହାର କ୍ଷେତ୍ରରେ ଭାରତ ବିଶ୍ୱର ଶେଷ ୨୦ଟି ଦେଶ ମଧ୍ୟରେ ରହିଛି । ଭାରତରେ ଏହା ୧୯୦୧ ମସିହାରେ ୯୭୨ ଥିବାବେଳେ, ୧୯୫୧ରେ ୯୪୧କୁ ଏବଂ ୨୦୧୧ରେ ୯୪୦କୁ ଖସି ଆସିଛି । ଅବଶ୍ୟ ୨୦୦୧ ମସିହା (୯୩୩) ତୁଳନାରେ ଏଥିରେ କିଛିଟା ବୃଦ୍ଧି ଘଟିଛି । ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ୦-୬ ବର୍ଷ ବୟସ୍କଙ୍କ ମଧ୍ୟରେ ଏହି ହାର ୨୦୧୧ ମସିହାରେ ସର୍ବାପେକ୍ଷା (୯୧୪) କମ୍ ରହିଥିଲା । ଏହା ଅର୍ଥ ହେଉଛି ଆଗାମୀ ଦିନଗୁଡ଼ିକରେ ବିଦ୍ୟାଳୟରେ ପୁଅଙ୍କ ଅପେକ୍ଷା ଝିଅଙ୍କ ଉପସ୍ଥିତି କମ୍ ଦେଖିବାକୁ ମିଳିବ । ଏହି ହାର ମିଜୋରାମ୍‌ରେ ୯୭୧, ମେଘାଳୟରେ ୯୭୦ ଥିବାବେଳେ ଦୁଇଟି ପ୍ରଗତିଶୀଳ ରାଜ୍ୟ ହରିଆଣା ଓ ପଞ୍ଜାବରେ ଯଥାକ୍ରମେ ୮୩୦ ଓ ୮୪୬ ରହିଛି ।

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଏକ ଅଧ୍ୟୟନରୁ ଜଣାପଡ଼େ ଯେ ୬.୦୧ ନିୟୁତ ପିଲା ଏବେ ମଧ୍ୟ ବିଦ୍ୟାଳୟ ପରିସରଭୁକ୍ତ ନୁହନ୍ତି । ଏହା ହେଉଛି ଦେଶର ଜନସଂଖ୍ୟାର ୩ପ୍ରତିଶତ । ୨୦୦୬ରେ ଏହା ୭% ଥିବା ବେଳେ, ୨୦୦୯ରେ ଏହା ୪.୬% ରହିଥିଲା । ଏଥିରେ ପୁଣି ବାଳକ (୨.୭୭%)ଙ୍କ ଅପେକ୍ଷା ବାଳିକା (୩.୨୩%)ଙ୍କ ସଂଖ୍ୟା ଅଧିକ । ତେବେ ବିଦ୍ୟାଳୟ ଯାଉନଥିବା ବାଳିକାମାନଙ୍କ ସର୍ବାଧିକ ସଂଖ୍ୟା ରହିଛି ରାଜସ୍ଥାନ (୭.୫%), ଉତ୍ତରାଖଣ୍ଡ (୫.୨%) ଏବଂ ଉତ୍ତରପ୍ରଦେଶ (୪.୫%)ରେ । ମିଜୋରାମ ଓ କେରଳରେ ଏହା କମ୍ ଅଛି । ବିଦ୍ୟାଳୟ ବାହାରେ ଥିବା ଏଭଳି ବାଳିକାଙ୍କୁ ସାଧାରଣତଃ ଘରକାମ କିମ୍ବା ସାନ ଭାଇଭଉଣୀଙ୍କ ଯତ୍ନ ନେବା କାର୍ଯ୍ୟରେ




| | Primary 2007 | | | Primary 2014 | | | Upper Primary 2007 | | | Upper Primary 2014 | | |
|---|---|---|---|---|---|---|---|---|---|---|---|---|
| Wealth Group | M | F | Difference (Male-Female) | M | F | Difference (Male-Female) | M | F | Difference (Male-Female) | M | F | Difference (Male-Female) |
| Q1 | 72 | 54 | 18 | 77 | 67 | 10 | 46 | 27 | 19 | 77 | 65 | 12 |
| Q2 | 77 | 64 | 13 | 85 | 79 | 6 | 54 | 39 | 15 | 86 | 78 | 8 |
| Q3 | 81 | 71 | 11 | 88 | 83 | 5 | 60 | 48 | 12 | 89 | 83 | 6 |
| Q4 | 85 | 78 | 7 | 90 | 87 | 3 | 68 | 58 | 10 | 92 | 88 | 4 |
| Q5 | 92 | 87 | 5 | 95 | 94 | 1 | 81 | 76 | 5 | 96 | 94 | 2 |
| Overall | 83 | 73 | 10 | 87 | 82 | 5 | 64 | 53 | 11 | 88 | 82 | 6 |
| Difference (Q5-Q1) | 20 | 33 | | 18 | 27 | | 35 | 49 | | 19 | 29 | |


ନିୟୋଜିତ କରାଯାଉଥିବା ଏହି ରିପୋର୍ଟରେ ଉଲ୍ଲେଖ ଅଛି । ବିଦ୍ୟାଳୟ ପରିସରଭୁକ୍ତ ହୋଇନଥିବା ବାଳିକାଙ୍କ ହାର ଗ୍ରାମାଞ୍ଚଳରେ ୩.୩୬% ଥିବା ବେଳେ ସହରାଞ୍ଚଳରେ ଏହା ୨.୮୬% ଅଛି ।


ବିଭିନ୍ନ ଜାତୀୟ କାର୍ଯ୍ୟକ୍ରମର ସୁଫଳ ସ୍ୱରୂପ, ପ୍ରତ୍ୟେକ ସ୍ତରରେ ବାଳିକାଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ସର୍ବଶିକ୍ଷା ଅଭିଯାନ ଯୋଗୁଁ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ସ୍ତରରେ ବାଳିକାଙ୍କ ସଂଖ୍ୟା ୪୫.୮% (୨୦୦୫-୦୬)ରୁ ୪୮.୨%କୁ ବୃଦ୍ଧି ପାଇଛି । ୟୁ.ଡି.ଆଇ.ଏସ୍.ଇ. ୨୦୧୪-୧୫ର ତଥ୍ୟ ଅନୁଯାୟୀ ସରକାରୀ ଓ ଘରୋଇ ବିଦ୍ୟାଳୟରେ ନାମ ଲେଖାଇଥିବା ବାଳିକାଙ୍କ ପ୍ରତିଶତରେ ଘୋର ପ୍ରଭେଦ ରହିଛି । ଏହି ପ୍ରଭେଦ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସବୁ ସ୍ତରରେ ରହିଛି । ତେବେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି ପ୍ରଭେଦ ହ୍ରାସ ପାଇଥାଏ । ଏକଥା ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ, ଉଚ୍ଚ ଶ୍ରେଣୀରେ ବାଳିକାଙ୍କ ପ୍ରତିଶତରେ ବୃଦ୍ଧି ଘଟିଛି । ଉଦାହରଣ ସ୍ୱରୂପ, ଅଷ୍ଟମ ଶ୍ରେଣୀରେ ୨୦୦୫-୦୬ ମସିହାରେ ୪୫ପ୍ରତିଶତ ବାଳିକା ଥିବାବେଳେ ତାହା ୨୦୧୩-୧୪ ବେଳକୁ ୪୯%କୁ ବୃଦ୍ଧି ପାଇଥିଲା । ତେବେ ଗତ ଦଶନ୍ଧୀରେ ଆରମ୍ଭ କରାଯାଇଥିବା କେତେକ ଯୋଜନା ଯୋଗୁଁ ଏଭଳି ହୋଇଥାଇପାରେ ।

ବାଳିକା ଶିକ୍ଷା ପାଇଁ ଯାବତୀୟ ପଦକ୍ଷେପ ସତ୍ତ୍ୱେ, ସେମାନଙ୍କ ବିଦ୍ୟାଳୟ ଉପସ୍ଥାନରେ କ୍ରମାଗତ ହ୍ରାସ ଏକ ଉଦ୍‌ବେଗର ବିଷୟ । ଏ ସମ୍ପର୍କିତ ମାନବସମ୍ବଳ ବିକାଶ ମନ୍ତ୍ରାଣାଳୟର ଏକ ରିପୋର୍ଟ ଅନୁଯାୟୀ, ବିଦ୍ୟାଳୟ ଯାଉନଥିବା ସମଗ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୬.୫% ହେଉଛନ୍ତି ପୁଅ ଓ ୩୭.୫% ହେଉଛନ୍ତି ଝିଅ । ଝିଅମାନେ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ପାଇଁ ପ୍ରମୁଖ କାରଣଗୁଡ଼ିକ ହେଲା :

୧. ଦାରିଦ୍ର୍ୟ/ଆର୍ଥିକ କାରଣ- ୨୩.୯%
୨. ପାଠପଢ଼ା ପ୍ରତି ବିମୁଖ- ୧୭.୫%
୩. ଘରୋଇ ଆୟ ବୃଦ୍ଧି - ୧୧.୫%
୪. ଭିନ୍ନକ୍ଷମ/ଅନୁନ୍ନତ ସ୍ୱାସ୍ଥ୍ୟ - ୧୦.୮%
୫. ଘର କାମରେ ସାହାଯ୍ୟ - ୮.୭%

ୟୁ.ଡି.ଆଇ.ଏସ୍.ଇ- ୨୦୧୪-୧୫ ତଥ୍ୟ ଅନୁଯାୟୀ ଉଚ୍ଚପ୍ରାଥମିକ ଶ୍ରେଣୀରେ ବିଦ୍ୟାଳୟ ଛାଡୁଥିବା ହାର ବହୁ ଅଧିକ । (ଛାତ୍ର ୩.୧%-ଛାତ୍ରୀ ୪.୫%) । ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ପଡ଼ିବ । କାରଣ ଉଚ୍ଚ ପ୍ରାଥମିକ ସ୍ତରରେ ହିଁ ବାଳିକାମାନଙ୍କ ଉପରେ ବୟସର ପ୍ରଭାବ ପଡ଼ିବା ଆରମ୍ଭ କରେ ଏବଂ ଘରଠାରୁ ବିଦ୍ୟାଳୟର ଦୂରତା ବଢ଼େ । ଏଭଳି ପ୍ରସଙ୍ଗଗୁଡ଼ିକ ପାଇଁ ଉପଯୁକ୍ତ ପଦକ୍ଷେପ ଆବଶ୍ୟକ । ସେହିପରି ବିଦ୍ୟାଳୟରେ ଆବଶ୍ୟକ ସର୍ବନିମ୍ନ ସୁବିଧା ସୁଯୋଗ ସୃଷ୍ଟି କରି ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବା ଉଚିତ୍ । ଏହି ପରିପ୍ରେକ୍ଷୀରେ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଯେଉଁସବୁ ସର୍ବନିମ୍ନ ଭିତ୍ତିଭୂମି ରହିବା ଉଚିତ୍ ସେଗୁଡ଼ିକ ହେଲା ପାନୀୟଜଳ, ପୁଅ ଓ ଝିଅଙ୍କ ପାଇଁ ଅଲଗା ଶୌଚାଳୟ, ପର୍ଯ୍ୟାପ୍ତ ଶ୍ରେଣୀ ଗୃହ ଓ ଶିକ୍ଷକ, ଖେଳପଡ଼ିଆ, ପାଠାଗାର, ର୍‍ୟାମ୍ପ ଇତ୍ୟାଦି । ଛାତ୍ରୀମାନଙ୍କ ପାଇଁ ଅଲଗା ଶୌଚାଳୟ ଏବଂ ଶିକ୍ଷୟତ୍ରୀ ନିଯୁକ୍ତି ମଧ୍ୟ ସେମାନଙ୍କୁ ଅଧାରୁ ପାଠଛାଡ଼ିବା ବିପକ୍ଷରେ ପ୍ରବର୍ତ୍ତାଇବାରେ ସହାୟକ ହେବ । ୟୁ.ଡି.ଆଇ.ଏସ୍.ଇ. ୨୦୧୪-୧୫ ତଥ୍ୟ ଅନୁଯାୟୀ ବିଦ୍ୟାଳୟ ଗୁଡ଼ିକରେ ପ୍ରାୟ




୪୬.୭% ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ତେବେ ସେମାନଙ୍କୁ ଉପଯୁକ୍ତ ଭାବେ ବିଭିନ୍ନ ବିଦ୍ୟାଳୟରେ ପଦାସୀନ କରିବା ଜରୁରୀ । Figer-୮/୯ :୮ ଓ ୯ ନମ୍ବର ଚିତ୍ରରେ ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପର୍କୀତ ଅସମାନତାର ପ୍ରଭାବ ବିଦ୍ୟାଳୟ ଉପସ୍ଥାନ ଉପରେ ପଡୁଥିବା ଜଣାପଡ଼ିଛି । ତେବେ ଭିନ୍ନ ଭିନ୍ନ ପରିସ୍ଥିତିରେ ମଧ୍ୟ ବାଳିକାଙ୍କ ବିଦ୍ୟାଳୟ ଉପସ୍ଥାନ, ବାଳକଙ୍କ ଅପେକ୍ଷା କମ୍ । ଏ କ୍ଷେତ୍ରରେ ଦାରିଦ୍ର୍ୟର ଏକ ପ୍ରମୁଖ ଭୂମିକା ରହିଛି ।

ଏହି ଆଲେଖ୍ୟରେ ପ୍ରଦତ୍ତ ସାରଣୀ ଅନୁଯାୟୀ ୨୦୦୭ ଓ ୨୦୧୪ ମସିହାରେ, ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ କରିବା ଦିଗରେ ଅଗ୍ରଗତି ପରିଲକ୍ଷିତ ହୋଇଛି । ଏହି ପ୍ରଗତି, ବାଳିକାଙ୍କ କ୍ଷେତ୍ରରେ ମଧ୍ୟ ପରିଦୃଶ୍ୟ ହୋଇଛି। ୨୦୦୭ରୁ ୨୦୧୪ ମସିହା ଭିତରେ ପାଠପଢ଼ା ସମ୍ପୂର୍ଣ୍ଣ କରିବା ଦିଗରେ ଦେଖା ଦେଉଥିବା ଅସମାନତାରେ ପ୍ରାୟ ୫ପ୍ରତିଶତ ହ୍ରାସ ଘଟିଛି । ତେବେ ଦାରିଦ୍ର୍ୟର ପ୍ରଭାବ ଏ ଦିଗରେ ଅଧିକ ରହିଛି।

ଏଭଳି ଅସମାନତା କେବଳ ପ୍ରାଥମିକ ନୁହଁ ବରଂ ମାଧ୍ୟମିକ ଶ୍ରେଣୀରେ ମଧ୍ୟ ଦେଖିବାକୁ ମିଳେ । ଆଉ ମଧ୍ୟ ରାଜ୍ୟରାଜ୍ୟ ମଧ୍ୟରେ ଏଭଳି ଅସମାନତାର ହାର ଭିନ୍ନଭିନ୍ନ। ୧୦ ଶ୍ରେଣୀ ପାସ୍ କରିଥିବା ଆସାମର ପୁଅ ଓ ଝିଅଙ୍କ ସଫଳତା ହାରରେ ବ୍ୟବଧାନ ସବୁ ରାଜ୍ୟଠାରୁ ଅଧିକ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ବିକାଶର ସୂର୍ଯ୍ୟୋଦୟ ଦେଖିନଥିବା ରାଜ୍ୟଗୁଡ଼ିକରେ ଏଭଳି ବ୍ୟବଧାନ ଅଧିକ ।

ଅନ୍ୟ ପକ୍ଷରେ ଶିକ୍ଷା ଆହରଣ ଦକ୍ଷତାରେ ଝିଅମାନେ ପୁଅଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି । ଏନ୍.ସି.ଇ.ଆର୍.ଟି.ର ଏକ ଅଧ୍ୟୟନ ଅନୁଯାୟୀ ଇଂରାଜୀ ଭାଷାରେ ଝିଅମାନଙ୍କ ହାରାହାରୀ ସ୍କୋର ୨୫୨ ଥିବାବେଳେ ପୁଅଙ୍କ ପାଇଁ ଏହା ରହିଛି ୨୪୮ । ସେହିଭଳି ଆଧୁନିକ ଭାରତୀୟ ଭାଷାରେ ଝିଅମାନେ ୨୫୪ ଓ ପୁଅମାନେ ୨୪୬ ସ୍କୋର ପାଇଥିବା ଜଣାପଡ଼ିଥିଲା । ତେବେ ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟରେ ଉଭୟଙ୍କ ମାର୍କ ସମାନ ଥିଲା । ଗତ ଦୁଇ ଦଶନ୍ଧି ଭିତରେ ସର୍ବନିମ୍ନ ଶିକ୍ଷାଗତ ସୂଚକଗୁଡ଼ିକର ଉନ୍ନତି ପାଇଁ ଭାରତ ଅନେକ ପଦକ୍ଷେପ ନେଇଛି । ଫଳ ସ୍ୱରୂପ, ଜନ ସଂଖ୍ୟାର ଅଧିକରୁ ଅଧିକ ବ୍ୟକ୍ତି ଶିକ୍ଷାଗତ ଯୋଗ୍ୟତା ହାସଲ କରୁଛନ୍ତି । ପ୍ରାଥମିକ ଶିକ୍ଷା ପରେ ମାଧ୍ୟମିକ ଶିକ୍ଷା ହାସଲ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ତେବେ, ଶିକ୍ଷାରେ ସମାନ ସୁଯୋଗ ପାଇଁ ବିଭିନ୍ନ ଆହ୍ୱାନ ରହିଛି । ଏଠାରେ ମନେ ରଖିବାକୁ ହେବ ଯେ, ସକଳ ସାର୍ବଜନୀନ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀ ପଂଜିକରଣ ହାରକୁ ଦେଖିଲେ କେତେକ ତଥ୍ୟ ପଦାକୁ ଆସେ ନାହିଁ । ଉଦାହରଣ ସ୍ୱରୂପ :


(କ) ନାମ ଲେଖାଇବା ହାର ବଢ଼ିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ନିଜ ବୟସ ଅନୁଯାୟୀ ଝିଅମାନେ ଉପଯୁକ୍ତ ଶ୍ରେଣୀର ନିମ୍ନ ଶ୍ରେଣୀରେ ନାମ ଲେଖାଇଥାନ୍ତି ।

(ଖ) ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବାରେ ବାଳିକାମାନେ ଅଧିକ ସମୟ କାଟିଥାନ୍ତି ।

(ଗ) ପ୍ରାଥମିକ ଶିକ୍ଷା ସ୍ତରରେ ବହୁ ସ୍ୱଳ୍ପ ବୟସ୍କା ଓ ଅଧିକ ବୟସ୍କା (ବୟସ ଓ ଶ୍ରେଣୀ ଅନୁପାତରେ) ବାଳିକା ଦୃଷ୍ଟିଗୋଚର ହୁଅନ୍ତି।

(ଘ) ବିଦ୍ୟାଳୟରେ ଏବେ ମଧ୍ୟ ପୁଅ ଓ ଝିଅଙ୍କ ମଧ୍ୟରେ ଅସମାନତା ରହିଛି ।

ଏହି ଆଲେଖ୍ୟରେ ଆମେ ଆଲୋଚନା କରିଛୁ କିପରି ପୁଅଙ୍କ ଅପେକ୍ଷା ଝିଅଙ୍କ ବିଦ୍ୟାଳୟ ଉପସ୍ଥାନ କମ୍ ରହୁଛି । ସାମାଜିକ ଭାବେ ଅନଗ୍ରସର ପରିବାରର ଝିଅଙ୍କ କ୍ଷେତ୍ରରେ ଏହା ଆହୁରି ଅଧିକ । ତେଣୁ ଶିକ୍ଷା କ୍ଷେତ୍ରରେ ଏଭଳି ଅସମାନତାକୁ ଦୂର କରିବା ପାଇଁ ଆମକୁ ସାମାଜିକ ଓ ଜାତିଗତ ଆଧାରରେ ଝିଅମାନଙ୍କ ଶିକ୍ଷାଗତ ଅଂଶଗ୍ରହଣର ସ୍ୱରୂପ ଚିହ୍ନଟ କରିବା ଉଚିତ୍। ଏହା ସହିତ ଦେଖିବାକୁ ମିଳିଛି ଯେ ଭୌଗଳିକ ଅବସ୍ଥିତି ମଧ୍ୟ ଏଭଳି ଅସମାନତା ସୃଷ୍ଟିର ଅନ୍ୟ ଏକ କାରଣ । ସହରାଞ୍ଚଳ ଝିଅମାନେ ଗ୍ରାମାଞ୍ଚଳ ଝିଅଙ୍କ ଅପେକ୍ଷା ଶିକ୍ଷା କ୍ଷେତ୍ରରେ ଆଗୁଆ ରୁହନ୍ତି । ଆହୁରି ମଧ୍ୟ ଦେଖା ଯାଉଛି ଯେ, ବିଦ୍ୟାଳୟ ଉପସ୍ଥାନ କ୍ଷେତ୍ରରେ ଅନ୍ୟ ଅପେକ୍ଷାକୃତ ଉନ୍ନତ ଜାତି ପରିବାରର ଝିଅଙ୍କ ଅପେକ୍ଷା, ଅନୁସୂଚୀତ ଜାତିର ଧନୀକ ପରିବାରର ଝିଅଙ୍କ ଉପସ୍ଥାନ ପ୍ରାୟ ୨୦ ପ୍ରତିଶତ ଅଧିକ । ଏତଦ୍ ବ୍ୟତୀତ ଶିକ୍ଷାର ବିଭିନ୍ନ ପର୍ଯ୍ୟାୟରେ ପୁଅ




ଓ ଝିଅଙ୍କ ସଫଳତା ହାର ମଧ୍ୟରେ ପାର୍ଥକ୍ୟ ରହିଛି । ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ଶିକ୍ଷା ସମାପ୍ତିରେ ଅର୍ଥର ଭୂମିକା । ଶିକ୍ଷାରେ ସମାନ ସୁଯୋଗ ସୃଷ୍ଟି ପାଇଁ ପ୍ରବଳ ଉଦ୍ୟମ ଦ୍ୱାରା ହିଁ ମହିଳା ସଶକ୍ତିକରଣ ସମ୍ଭବ । ଲିଙ୍ଗଗତ ପ୍ରଭେଦ ଦୂର କରିବା ସହ ସମାଜରେ ମହିଳାଙ୍କ ସ୍ଥିତିର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇ ଆସୁଛନ୍ତି । ଏଭଳି ଏକ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହେଉଛି ଓଡ଼ିଶା ବାଳିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ (୨୦୧୩-୨୦୧୬), ଯାହା ଆଇ.ପି.ଇ. ଗ୍ଲୋବାଲ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ହେବାର ମାତ୍ର ୨ବର୍ଷ ଭିତରେ ମାଧ୍ୟମିକ ସ୍ତରରେ ବାଳିକାଙ୍କ ଉପସ୍ଥାନ ୭୫%ରୁ ୮୪%କୁ ବୃଦ୍ଧି ପାଇଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉପସ୍ଥାନ ବୃଦ୍ଧି ଓ ଶିକ୍ଷାଗତ ଉପଲବ୍ଧି ସୁନିଶ୍ଚିତ କରିବା । ଓଡ଼ିଶା ବାଳିକା ପ୍ରୋତ୍ସାହନ ଯୋଜନା (ଓ.ଜି.ଆଇ.ପି.) ହେଉଛି ୟୁ.କେ. ସରକାରଙ୍କ ଆନ୍ତର୍ଜାତୀୟ ବିକାଶ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏକ କାର୍ଯ୍ୟକ୍ରମ । ଏହା ମାଧ୍ୟମରେ ଓଡ଼ିଶାର ଅନୁସୂଚିତ ଜାତି/ ଜନଜାତି ବର୍ଗର ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ପ୍ରାକ୍ ମେଟ୍ରିକ୍ ମେଧାବୃତ୍ତି ଯୋଜନା କାର୍ଯ୍ୟକାରୀ ହେଉଛି ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଶିକ୍ଷା ସୁଯୋଗର ବିସ୍ତାର ଦ୍ୱାରା ସର୍ବପ୍ରଥମେ ଧନୀକ ବର୍ଗ ହିଁ ଉପକୃତ ହେବେ । ତେଣୁ, ଲିଙ୍ଗଗତ ବୈଷମ୍ୟ ହ୍ରାସ ପାଇଁ ଅଧିକ ଦରିଦ୍ର-ଅନୁକୂଳ ନିତୀ ନିର୍ଦ୍ଧାରଣ ହେବା ଉଚିତ୍ ।

ଶ୍ରୀ ଶର୍ମା ହେଉଛନ୍ତି ଆ.ପି.ଇ. ଗ୍ଲୋବାଲ ଅଧିନସ୍ଥ ଶିକ୍ଷା ଏବଂ କୌଶଳ ବିକାଶ ବିଭାଗର ଉପସଭାପତି । ଶ୍ରୀ ଝା ହେଉଛନ୍ତି ଏହି ବିଭାଗର ପରିଚାଳକ ।

## ତ୍ରିରଂଗା ଯାତ୍ରା

ଦେଶର ୭୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ-୨୦୧୬ରେ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରାମାନ ଅନୁôଠିତ ହୋଇଛି । ଏଥିରେ ଦେଶର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ସହ ଜଡ଼ିତ ପୁଣ୍ୟସ୍ଥଳୀକୁ ଯାଇ, କେନ୍ଦ୍ରମନ୍ତ୍ରୀମାନଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି କ୍ରମରେ, ଓଡ଼ିଶାରେ ମଧ୍ୟ ଏଭଳି ତ୍ରିରଂଗା ଯାତ୍ରାମାନ ଅନୁଷ୍ଠିତ ହୋଇଛି ।

ଗତ ୧୭ ତାରିଖ ଦିନ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ୍ ଓରାମ ସମ୍ବଲପୁର ଜିଲ୍ଲା ରେଂଗାଲୀଠାରୁ ଖିଣ୍ଡା ପର୍ଯ୍ୟନ୍ତ ଅନୁôଠିତ ତ୍ରିରଂଗା ଯାତ୍ରାରେ ଅଂଶଗ୍ରହଣ କରିଥିଲେ । ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଗ୍ରାମ ଖିଣ୍ଡାଠାରେ ଶ୍ରୀ ଓରାମ, ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ଉଜ୍ଜ୍ୱଳ ତାରକା ସୁରେନ୍ଦ୍ର ସାଏଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୧୮୫୭ ମସିହାର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ବହୁ ପୂର୍ବରୁ ଇଂରେଜମାନଙ୍କ ବିରୋଧରେ ବୀର ସୁରେନ୍ଦ୍ର ସାଏ ସ୍ୱର ଉତ୍ତୋଳନ କରିଥିଲେ ।

ସେହିପରି ଗତ ୨୦ ତାରିଖ ଦିନ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୁରୀ ଜିଲ୍ଲା ବ୍ରହ୍ମଗିରିର ଗଡ଼ରୋଡଙ୍ଗଠାରେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିବା ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଶ୍ରୀ ପ୍ରଧାନ ଏଥିପାଇଁ ପୁରୀଠାରୁ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ଯୋଗଦେଇ, ବ୍ରହ୍ମଗିରିର ଗଡ଼ରୋଡଙ୍ଗଠାରେ ପହଞ୍ଚିଥିଲେ । ବକ୍ସି ଜଗବନ୍ଧୁ ୧୮୧୭ ମସିହାର ପାଇକ ବିଦ୍ରୋହର ସେନାପତି ଭାବେ ପରିଚିତ ।

# ମହିଳା ସଶକ୍ତିକରଣ : ଏକ ସୂକ୍ଷ୍ମ ଅନୁଶୀଳନ

## ଡକ୍ଟର ସୁଭାଷ ଶର୍ମା

**୧**୭୮୯ ଫରାସୀ ରାଷ୍ଟ୍ର ବିପ୍ଳବ ମାନବ ସମାଜର ମୁକ୍ତିଦାତା ଭାବେ ବିବେଚିତ ହୁଏ; କିନ୍ତୁ ଏହା ମହିଳା ଓ କ୍ରୀତଦାସଙ୍କୁ ମୁକ୍ତ କରିପାରି ନଥିଲା, କାରଣ ଏହାର ଘୋଷଣାନାମା କେବଳ ମଣିଷ ଓ ନାଗରିକଙ୍କ ଅଧିକାରକୁ ଗୁରୁତ୍ୱ ଦେଇଥିଲା। ସେତେବେଳେ ମହିଳା ଓ କ୍ରୀତଦାସମାନେ ନାଗରିକ ସଂଜ୍ଞାର ପରିସରଭୁକ୍ତ ନ ଥିଲେ ଏବଂ ସେମାନଙ୍କୁ ମଣିଷ ଭାବେ ଗଣାଯାଉନଥିଲା। ଜୀବ ବିଜ୍ଞାନ, ସାମାଜିକ-ସାଂସ୍କୃତିକ, ଆର୍ଥିକ, ରାଜନୈତିକ ଓ ସ୍ଥାନୀୟ ଦୃଷ୍ଟିକୋଣରୁ ଆମେ ଯଦି ନାରୀ-ପୁରୁଷର ସହାବସ୍ଥାନ କଥା ବିଚାର କରିବା ତେବେ ଉଭୟଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ, ଦୂରତ୍ୱ, ପାତରଅନ୍ତର ଆଦି ନାନା ବୈଷମ୍ୟ ଦେଖାଯିବ। ଭାରତୀୟ ଗ୍ରାମାଞ୍ଚଳରେ ଏହି ପାତରଅନ୍ତର ଓ ପ୍ରଭେଦ ବ୍ୟାପକ।

ଭାରତରେ ଦୈନନ୍ଦିନ ଜୀବନରେ ବିଭିନ୍ନ କ୍ଷେତ୍ରରେ ନାରୀ-ପୁରୁଷ ସମ୍ପର୍କ ଅସମ ଏବଂ ଏଥିରେ ଅନେକ ବ୍ୟବଧାନ ରହିଛି। ପୁରୁଷମାନେ ପାରିବାରିକ ନିଷ୍ପତ୍ତିରେ ସର୍ବେସର୍ବା ବୋଲାନ୍ତି। ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରରେ ଝିଅମାନେ ସ୍କୁଲରେ ପୁଅଙ୍କ ତୁଳନାରେ ପଛରେ। ଛ'ରୁ ନ' ବର୍ଷ ବୟସ ମଧ୍ୟରେ ଥିବା ପୁଅଙ୍କ ନାମ ଲେଖା ହାର ୯୫.୪%, ୧୦-୧୪ବର୍ଷ ବୟସର ପୁଅଙ୍କ ୯୩.୭ ଏବଂ ୧୫-୧୭ ବର୍ଷ ବୟସର ପୁଅଙ୍କ ହାର ୮୩.୮% ଥିବାବେଳେ ସେହି ବୟସ ବର୍ଗର ଝିଅଙ୍କ ନାମ ଲେଖା ହାର କମ୍। ଝିଅ ଶିକ୍ଷା କ୍ଷେତ୍ରରେ କେରଳ, ମହାରାଷ୍ଟ୍ର, ତାମିଲନାଡୁ, ତେଲଙ୍ଗାନା ଓ ଜମ୍ମୁକାଶ୍ମୀର ପ୍ରଥମ ପାଞ୍ଚଟି ସ୍ଥାନରେ ଚାଲିଥିବା ବେଳେ ରାଜସ୍ଥାନ, ଗୁଜରାଟ, ଓଡ଼ିଶା, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ କ୍ରମାନ୍ୱୟରେ ଶେଷ ଆଡ଼କୁ ଅଛନ୍ତି। ୧୯୪୮ର ସମାନ କାମ ପାଇଁ ସମାନ ମଜୁରି ଆଇନ ସତ୍ତ୍ୱେ ମହିଳାଙ୍କୁ ପୁରୁଷଙ୍କ ତୁଳନାରେ ୨୦ରୁ ୨୫ ଶତାଂଶ କମ୍ ମଜୁରି ଦିଆଯାଉଛି। ଏହି ବାଛବିଚାର ଉଭୟ ଗ୍ରାମ ଓ ସହରାଞ୍ଚଳରେ ରହିଛି। ତେବେ ଯେଉଁଠି ମହିଳା ଶ୍ରମିକ ଶିକ୍ଷିତ ଓ ସଚେତନ ସେଠାରେ ମଜୁରିରେ ଏହି ବ୍ୟତିକ୍ରମ ଓ ବ୍ୟବଧାନ କ୍ରମଶଃ ହ୍ରାସ ପାଉଛି। ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାର ନିଯୁକ୍ତି ବ୍ୟବସ୍ଥା ଅନେକ ସ୍ଥାନରେ ଚାଲିଛି। ତା'ମଧ୍ୟରେ ବିଭିନ୍ନ ପ୍ରକାର ଶୋଷଣ ମଧ୍ୟ ଅବ୍ୟାହତ ରହିଛି। ସେଗୁଡ଼ିକ ହେଲା ମହିଳାଙ୍କ ଦାରିଦ୍ର୍ୟରୁ ଫାଇଦା ଉଠାଇବା, ସେମାନଙ୍କୁ ସାମୟିକ, ଅଣଆନୁଷ୍ଠାନିକ ଓ ଚୁକ୍ତିଭିତ୍ତିରେ ନିଯୁକ୍ତି ଦେବା, ସେମାନଙ୍କୁ ଯୌନଗତ ଶୋଷଣ କରିବା ଏବଂ ବେଶ୍ୟାବୃତ୍ତିରେ ଲିପ୍ତ କରାଇବା କିମ୍ବା ଅର୍ଥ ପାଇଁ ବିକିବା ଭଳି କାର୍ଯ୍ୟ କରିବା।

ସାରା ଦେଶରେ ମହିଳାଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନୁହେଁ। ଅବଶ୍ୟ ସରକାରୀ ପ୍ରୟାସ ଓ ହସ୍ତକ୍ଷେପ ଫଳରେ ମାତୃ ମୃତ୍ୟୁହାର କମିଛି। ୨୦୦୦ ମସିହାରେ ଏକ ଲକ୍ଷ ପ୍ରସୂତିଙ୍କ ମଧ୍ୟରେ ୩୦୧ଜଣ ପ୍ରାଣ ହରାଉଥିବାବେଳେ ୨୦୧୩ରେ ଏହା ୧୬୭କୁ ହ୍ରାସ ପାଇଛି। ଏହା ସତ୍ତ୍ୱେ ଦେଶରେ ଏବେ ମଧ୍ୟ ହଜାର ହଜାର ମହିଳା ପ୍ରସବ ଜନିତ ଜଟିଳତାରୁ ପ୍ରାଣ ହରାଉଛନ୍ତି। ଏହି ଜଟିଳତା ମଧ୍ୟରୁ ରକ୍ତସ୍ରାବରେ ୧୭%, ରକ୍ତହୀନତାରେ ୧୯%, ପେଟରେ ଶିଶୁ ମୃତ୍ୟୁ ଜନିତ ଜଟିଳତାରେ ୧୬%, ସ୍ୱାଭାବିକ ପ୍ରସବଜନିତ ବାଧାରେ ୧୦%, ଗର୍ଭ ବିଷାଣ ଜନିତ କାରଣରୁ ୮% ଏବଂ ଅନ୍ୟାନ୍ୟ ଜଟିଳତାରୁ ୧୭ ଶତାଂଶ ମହିଳାଙ୍କର ଅକାଳ ମୃତ୍ୟୁ ଘଟୁଛି। ଏହା ପଛରେ ପ୍ରମୁଖ କାରଣମାନ ହେଲା ଦାରିଦ୍ର୍ୟ, ବେକାରୀ, ସଚେତନତା ଓ ସ୍ୱାସ୍ଥ୍ୟସେବାର ଅଭାବ। ଅଳ୍ପ ସଂଖ୍ୟକ ହସିପିଟାଲ, ଆବଶ୍ୟକତାଠାରୁ କମ୍ ଶଯ୍ୟା, ଚିକିତ୍ସକ, ଚିକିତ୍ସାକର୍ମୀ ଓ ଔଷଧପତ୍ର ପ୍ରସୂତି ମୃତ୍ୟୁହାର ବୃଦ୍ଧିର ପ୍ରମୁଖ କାରଣ। ସରକାର ସୁରକ୍ଷିତ ଆନୁଷ୍ଠାନିକ ପ୍ରସବ ଉପରେ ଗୁରୁତ୍ୱ ଦେବାପରେ ଲୋକେ ଅବଶ୍ୟ ସଚେତନ ହେଉଛନ୍ତି। ୨୦୦୬ରୁ ୧୧ ମଧ୍ୟରେ ସାରା ଦେଶରେ ଆନୁଷ୍ଠାନିକ ପ୍ରସବ ଅନୁପାତ ୪୨% ରୁ ୮୪%କୁ ବୃଦ୍ଧି ପାଇଛି। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଭାରତରେ ମହିଳା ବିରୋଧୀ ଅପରାଧ ଓ ହିଂସା ଏକ ବଡ଼ ପ୍ରସଙ୍ଗ। ଧର୍ଷଣ, ଅପହରଣ, ଶାରୀରିକ ଦୁର୍ବ୍ୟବହାର, ବାଚନିକ ଆକ୍ଷେପ ଏବଂ ଯୌତୁକ ଜନିତ ନିର୍ଯାତନା ଓ ମୃତ୍ୟୁ ଘଟଣା କ୍ରମଶଃ ବୃଦ୍ଧି ପାଉଛି। ୨୦୧୩ରେ ମହିଳାଙ୍କ ବିରୋଧରେ ୩୦୯୫ ଲକ୍ଷ ଅପରାଧ ଘଟଣା ପଞ୍ଜିକୃତ ହୋଇଥିବାବେଳେ ପ୍ରତି ୨୦ ମିନିଟରେ ଗୋଟିଏ ଧର୍ଷଣ ହେଉଥିଲା। ତଥ୍ୟମୁତାବକ

୬୫% ଧର୍ଷଣ ଘଟଣା ମହିଳା / ଯୁବତୀ ରାତିରେ ବାହାରକୁ ଶୌଚହେବାକୁ ଯିବା ସମୟରେ ଘଟୁଛି। ଏବେ ମଧ୍ୟ ଭାରତରେ ୫୦ ଶତାଂଶ ମହିଳା ଅସୁରକ୍ଷିତ ଖୋଲାସ୍ଥାନରେ ମଳମୂତ୍ର ତ୍ୟାଗ କରିବାକୁ ବାଧ୍ୟ ହୋଇଥାନ୍ତି। ଏହା ବ୍ୟତୀତ ମହିଳାଙ୍କ ସହିତ ହେଉଥିବା ବିଭିନ୍ନ ଅପକର୍ମ ସମ୍ପର୍କରେ ଥାନାରେ ମଧ୍ୟ ଅଭିଯୋଗ ହୁଏନାହିଁ। ସଚେତନତାର ଅଭାବ, ବଦନାମର ଭୟ, ପୁଲିସର ଅସହଯୋଗ, ପରିବାର ଓ ଗୋଷ୍ଠୀର ସାମାଜିକ ମର୍ଯ୍ୟାଦା ଏବଂ ଅପରାଧୀ ବା ଅଭିଯୁକ୍ତଙ୍କ ଧମକଚମକ ଯୋଗୁଁ ପୀଡ଼ିତା ଚୁପ୍ ରହିବାକୁ ବାଧ୍ୟ ହୁଅନ୍ତି। ଯୁବତୀ / ମହିଳାଙ୍କୁ ଗଣବଳାତ୍କାର ପରେ ନିର୍ମମ ଭାବେ ହତ୍ୟା କରିବା ଘଟଣା ମଧ୍ୟ କ୍ରମଶଃ ବଢୁଛି। ୨୦୧୨ରେ ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଓ ହତ୍ୟାଘଟଣା ପରେ ଏକ ବ୍ୟାପକ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଜନତାଙ୍କ ପ୍ରବଳ ଚାପ ପରେ ଅଭିଯୁକ୍ତଙ୍କ ତ୍ୱରିତ ବିଚାର କରାଯାଇ ଜଣେ ବାଳ ଅପରାଧୀ ବ୍ୟତୀତ ଅନ୍ୟ ସବୁ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା। ସମ୍ପୃକ୍ତ ଅପରାଧୀଙ୍କ କ୍ଷମା ଯାଚନା ଏବେ ମଧ୍ୟ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ।

ମହିଳା ନିଯୁକ୍ତି ସଂକ୍ରାନ୍ତ ଜାତୀୟ ନୀତିରେ (୨୦୦୧) -ମହିଳାଙ୍କ ପାଇଁ ଉତ୍ତମ ଯୋଜନା, କାର୍ଯ୍ୟକ୍ରମ, ଆବଶ୍ୟକ ସମ୍ବଳ, ଅର୍ଥବରାଦ ଏବଂ ତଥ୍ୟାବଳୀ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ଏକ ଲିଙ୍ଗଗତ ବିକାଶ ସୂଚି (ଜିଡିଆଇ) ପ୍ରସ୍ତୁତି ଅଗ୍ରାଧିକାର ପାଇଥିଲା, ଏଥିପାଇଁ ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀ ଓ ପ୍ରାଦେଶିକ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ପ୍ରସ୍ତାବ ସହ ସମାଜ ମଙ୍ଗଳ ବୋର୍ଡ, ମହିଳା କମିଶନ, ମହିଳା ବିକାଶ ମନ୍ତ୍ରଣାଳୟ/ ବିଭାଗ, ଶ୍ରମିକ ସଂଗଠନ, ମହିଳା ସଂଗଠନ, ଶିକ୍ଷାବିତ, ଏନ୍‌ଜିଓ ଆଦିର ପ୍ରତିନିଧି ଏଥିରେ ସଭ୍ୟ ଥିଲେ। ଏଥିରେ ମହିଳା ସଶକ୍ତିକରଣ, ମହିଳାଙ୍କ ପାଇଁ ଆଇନଗତ ସହାୟତା ବ୍ୟବସ୍ଥା, କ୍ଷମତାରେ ମହିଳାଙ୍କୁ ସମଭାଗୀ କରିବା, ବିକାଶ ପ୍ରକ୍ରିୟାରେ ଥିବା ଲିଙ୍ଗଗତ ବୈଷମ୍ୟର ଅବସାନ, ମହିଳାଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆବଶ୍ୟକ ଅନୁଷ୍ଠାନିକ ବ୍ୟବସ୍ଥା ଗ୍ରହଣ ଏବଂ ମହିଳାଙ୍କ ସ୍ୱାର୍ଥ ଜଡ଼ିତ ଆନ୍ତର୍ଜାତିକ ନୀତି ନିୟମକୁ ପାଳନ କରିବା ଉପରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା।

ମିଳିତ ଜାତିସଂଘ ପକ୍ଷରୁ ଯେଉଁ ଆଠଟି ସହସ୍ରାବ୍ଦ ଲକ୍ଷ୍ୟ ଘୋଷଣା କରାଯାଇଛି ସେଥିମଧ୍ୟରୁ ତୃତୀୟଟି ହେଲା ମହିଳାଙ୍କ ବିକାଶ ସମ୍ପର୍କିତ। ଏଥିରେ ମହିଳା ସଶକ୍ତିକରଣ ଏବଂ ୨୦୧୫ ସୁଦ୍ଧା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାକ୍ଷେତ୍ରରେ ଲିଙ୍ଗଗତ ବାଛବିଚାରର ଅବସାନ ଅନ୍ୟତମ। ତେବେ ୨୦୧୫ ସୁଦ୍ଧା ସବୁ ଝିଅଙ୍କୁ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପୁଅଙ୍କ ସହ ସମାନ ସୁବିଧା ସୁଯୋଗ ପ୍ରଦାନ ସଂକ୍ରାନ୍ତ ଲକ୍ଷ୍ୟଟି ଆମେ ପୂରଣ କରିପାରିନାହୁଁ। ତେବେ ଦେଶର ସବୁ ଅଞ୍ଚଳ ଓ ସବୁ ସଂପ୍ରଦାୟ କ୍ଷେତ୍ରରେ ଝିଅଙ୍କ ନାମ ଲେଖା ହାର ଉଲ୍ଲେଖନୀୟ ଭାବେ ଏହି ସମୟ ମଧ୍ୟରେ ବୃଦ୍ଧି ପାଉଛି। ସେହିଭଳି ନବଜାତକ, ଶିଶୁ ଓ ମାତୃମୃତ୍ୟୁ ହାର କମିଥିଲେ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏହା ବ୍ୟତୀତ ନିଯୁକ୍ତି ଓ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ସନ୍ତୋଷଜନକ ହୋଇନାହିଁ। ଏବେ ନୂଆ ଉଦାରବାଦୀ ଶିଳ୍ପାୟନ ବ୍ୟବସ୍ଥା ଫଳରେ ଭାରତରେ ନିଯୁକ୍ତି ପରିସର ବଢ଼ିଥିଲେ ମଧ୍ୟ ମହିଳାଙ୍କ ନିଯୁକ୍ତି ଓ ରୋଜଗାରରେ ସେପରି କିଛି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଦାରିଦ୍ର୍ୟ ସୀମାରେଖା ସଂକ୍ରାନ୍ତ ତେନ୍ଦୁଲକର କମିଟି ରିପୋର୍ଟ ଅନୁସାରେ ଦେଶର ଜନସଂଖ୍ୟାର ୨୯.୮% (୩୫ କୋଟି) ୨୦୦୯-୧୦ରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିଲେ। ୨୦୦୨ ରୁ ୨୦୧୫ ସୁଦ୍ଧା ୭.୫% ଉଚ୍ଚ ଅଭିବୃଦ୍ଧି ହାର ସତ୍ତ୍ୱେ ପରିସ୍ଥିତି ମୋଟାମୋଟି ଅପରିବର୍ତ୍ତିତ ରହିଛି।

୨୦୩୦ ସୁଦ୍ଧା ନିରନ୍ତର ବିକାଶ ହାସଲ ଲକ୍ଷ୍ୟ କାର୍ଯ୍ୟକ୍ରମରେ ମାତୃମୃତ୍ୟୁହାର ୭୦କୁ, ନବଜାତ ମୃତ୍ୟୁହାର ୧୨ ଏବଂ ଶିଶୁ ମୃତ୍ୟୁ ହାର ୨୫କୁ ହ୍ରାସ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ସହିତ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ, ସମସ୍ତଙ୍କୁ ସମାନ ଶିକ୍ଷା ସୁଯୋଗ, ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା ତାରତମ୍ୟର ଅବସାନ ଏବଂ ମହିଳା ଓ ଝିଅଙ୍କ ଉପରେ ହେଉଥିବା ସମସ୍ତ ପ୍ରକାର ହିଂସା, ଜୁଲମର ଅବସାନ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ।

ଏକଥା ସତ ଯେ ଶିକ୍ଷିତ କର୍ମଜୀବୀ ମହିଳା ବିଳମ୍ବିତ ବିବାହ ଓ ଛୋଟ ପରିବାରକୁ ପସନ୍ଦ କରନ୍ତି। ସେମାନେ ସନ୍ତାନ ସନ୍ତାନ ମଧ୍ୟରେ ଜନ୍ମ ବ୍ୟବଧାନ ଓ ଗର୍ଭ ନିରୋଧ ବ୍ୟବସ୍ଥା ସପକ୍ଷରେ। ତେଣୁ ମହିଳା ଶିକ୍ଷାର ପ୍ରସାର ବ୍ୟାପକ ଭାବେ କରି ଅଧିକରୁ ଅଧିକ ଛାତ୍ରୀଙ୍କୁ ଶିକ୍ଷିତ, ସଚେତନ ଓ ଆତ୍ମନିର୍ଭରଶୀଳ କରାଇଲେ ମହିଳା ସଶକ୍ତିକରଣ ପ୍ରୟାସ ସଫଳ ହେବ ଏବଂ ଶିଶୁ ଓ ମାତୃ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପ୍ରୟାସ ସହଜ ହୋଇପାରିବ। ସ୍କୁଲ କଲେଜଗୁଡ଼ିକରେ ମଧ୍ୟ ସମୟର ଆବଶ୍ୟକତାକୁ ଚାହିଁ, ମଲଟି ଟାସ୍କିଂ, କୁଶଳ ବିକାଶ, ବୈଷୟିକ ଓ ଧନ୍ଦାଗତ ଶିକ୍ଷା, ତାଲିମ ପାଇଁ ଆବଶ୍ୟକ ପାଠ୍ୟକ୍ରମ ଓ ଭିତ୍ତିଭୂମି ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ମହିଳାଙ୍କ ଦକ୍ଷତା ବିକାଶ କାର୍ଯ୍ୟ ସମ୍ପାଦନ ଓ ତଦାରଖ କରିବା ପାଇଁ ଦକ୍ଷତା ବା କୁଶଳ ବିକାଶ ନାମରେ ସରକାର କେନ୍ଦ୍ରରେ ଏକ ନୂଆ ମନ୍ତ୍ରଣାଳୟ ଖୋଲିଛନ୍ତି।

**ମହିଳାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା:** ଦେଶର ବଛାବଛା ୨୦୫ ଜିଲ୍ଲାରେ କିଶୋରୀ କନ୍ୟାଙ୍କୁ ସଶକ୍ତ ଓ ରୋଜଗାରକ୍ଷମ କରିବା ପାଇଁ ଜାତୀୟ

ସବଳା ଯୋଜନା, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ମଧ୍ୟରେ କାର୍ଯ୍ୟକାରୀ ହେଉଛି। ସମ୍ପୃକ୍ତ କିଶୋରୀଙ୍କ ପୁଷ୍ଟି ସାଧନ ଆବଶ୍ୟକତା ବାହାରେ ଏହି ଯୋଜନାରେ କେନ୍ଦ୍ର ସରକାର ଶତପ୍ରତିଶତ ସହାୟତା ଯୋଗାଇ ଦେଉଛନ୍ତି। ପୁଷ୍ଟି ସାଧନ କାର୍ଯ୍ୟକ୍ରମରେ ଝିଅମାନଙ୍କୁ ଆଇରନ, ଫୋଲିକ୍ ଏସିଡ୍ ଟାବଲେଟ ମାଗଣା ଯୋଗାଣ ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯାଉଛି। ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ସେବା, ପରିବାର କଲ୍ୟାଣ ସଂକ୍ରାନ୍ତ ପରାମର୍ଶ ଏବଂ ଅନ୍ୟାନ୍ୟ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଛି। ଏଗାରରୁ ଅଠର ବର୍ଷ ବୟସର ଝିଅମାନଙ୍କୁ ଏହି ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପୁଷ୍ଟିସାଧନ ବାବଦ ବ୍ୟୟର ୫୦ ଶତାଂଶ କେନ୍ଦ୍ର ଓ ବାକି ଅଂଶ ରାଜ୍ୟ ସରକାର ବହନ କରୁଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରେ ପ୍ରଥମ ନ'ମାସ ମଧ୍ୟରେ ୯୮ ଲକ୍ଷରୁ ଅଧିକ କିଶୋରୀ ଏହି ପୁଷ୍ଟିସାଧନ ଯୋଜନାରେ ଉପକୃତ ହୋଇଥିବାବେଳେ ୪୨ ହଜାର ଝିଅ ତାଲିମ ପାଇଛନ୍ତି। ଏହି ଯୋଜନାର ସଫଳତାର ଏକ ଉଦାହରଣ ପଶ୍ଚିମବଙ୍ଗ ମାଲଦା ଜିଲାର କାଜଲ ଭଗତ। ସେ ୧୮ବର୍ଷ ପୂର୍ବରୁ ବିବାହ କରିବାକୁ ପରିବାରର ପ୍ରସ୍ତାବକୁ ବିରୋଧ କରି ପାଠ ପଢ଼ିବା ସହିତ ଅଙ୍ଗନବାଡ଼ିରେ ଯୋଗଦେଇ ନିଜେ ଏକ ଆଦର୍ଶ ସ୍ଥାପନ କରିଥିଲେ।

ଦେଶର ବଛାବଛା ୫୩ଟି ଜିଲାରେ ମାତୃତ୍ୱ ସହାୟ ଯୋଜନା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଅନୁଦାନରେ ଆଇସିଡିଏସ୍ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ୧୯ବର୍ଷ ବୟସ୍କ ଗର୍ଭବତୀଙ୍କୁ ପ୍ରଥମ ଦୁଇଟି ଜୀବନ୍ତ ଶିଶୁ ଜନ୍ମ ପାଇଁ ୬୦୦୦ ଟଙ୍କାର ସହାୟତା ଦୁଇ ସମାନ କିସ୍ତିରେ ଯୋଗାଇ ଦିଆଯାଇଛି। ୨୦୧୦-୧୧ରୁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ସଫଳତା ଦେଖି ପରେ ଏହି ଯୋଜନାକୁ ଆଉ ୨୦୦ ଜିଲାକୁ ସଂପ୍ରସାରିତ କରାଯାଇଥିଲା। ୨୦୧୬-୧୭ ବର୍ଷରୁ ସମଗ୍ର ଦେଶରେ ସବୁ ଜିଲାରେ ଏହା କାର୍ଯ୍ୟକାରୀ ହେଉଛି।

ଏହାଛଡ଼ା କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ପ୍ରବର୍ତ୍ତନ କରି ଅଭାବୀ ଲୋକଙ୍କୁ ଖାଦ୍ୟର ଯେଉଁ ସୁରକ୍ଷା ଦେଇଛନ୍ତି ସେଥିରେ ଅଧା ମହିଳା ଉପକୃତ ହେବେ। ଏଥି ସହିତ ପ୍ରତିକୂଳ ପରିସ୍ଥିତିରେ ପଡ଼ି ଆର୍ଥିକ ଅଭାବର ସମ୍ମୁଖୀନ ମହିଳା, ବିଧବା, ସ୍ୱାମୀ ପରିତ୍ୟକ୍ତା, ଜେଲ ଫେରନ୍ତା, ଉଦ୍ଧାର ହୋଇଥିବା ପୀଡ଼ିତା, ବାସହୀନାଙ୍କ ଭଳି ମହିଳାଙ୍କ ପାଇଁ ସରକାର ସ୍ୱଧାର ଯୋଜନା ପ୍ରବର୍ତ୍ତନ କରିଛନ୍ତି। ସେମାନଙ୍କୁ ଖାଦ୍ୟ, ବାସ ଓ ବସ୍ତ୍ରର ସର୍ବନିମ୍ନ ସୁବିଧା ଯୋଗାଇ ଦିଆଯାଉଛି। ଏବେ ସାରା ଦେଶରେ ୩୧୧ ସ୍ୱଧାର ଗୃହ କାର୍ଯ୍ୟ କରୁଛି। ମହିଳା ବିକାଶ ଟ୍ରଷ୍ଟ ବା ନିଗମ ଅଧୀନରେ ଏସବୁ ଗୃହ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ୨୦୧୪-୧୫ ବଜେଟରେ କେନ୍ଦ୍ର ସରକାର ଏଥିପାଇଁ ୧୧୫କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଥିଲେ।

ମହିଳାଙ୍କ ଶିକ୍ଷା, ତାଲିମ ଏବଂ ଆତ୍ମନିଯୁକ୍ତି ପାଇଁ ମଧ୍ୟ କେନ୍ଦ୍ର ସରକାର ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି। ଏ କ୍ଷେତ୍ରରେ ରାଜ୍ୟଗୁଡ଼ିକୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ୨୦୧୪-୧୫ରେ ମହିଳା ହଷ୍ଟେଲ ନିର୍ମାଣ ପାଇଁ କେନ୍ଦ୍ର ସରକାର ୨୫କୋଟି ଟଙ୍କା ଯୋଗାଇ ଦେଇଥିଲେ। ଏବେ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା କେନ୍ଦ୍ର ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମର ମାନ୍ୟତା ଲାଭ କରିଛି। ଏହା ଛଡ଼ା କେନ୍ଦ୍ର ସରକାର ମହିଳାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସ୍ତ୍ରୀ ଶକ୍ତି ପୁରସ୍କାର, ରାଜ୍ୟ ମହିଳା ସମ୍ମାନ ଆଦି ପ୍ରବର୍ତ୍ତନ କରି ଏଥିପାଇଁ ଅର୍ଥରାଶୀର ବ୍ୟବସ୍ଥା କରିଛନ୍ତି।

ସନ୍ତାନ ଧାରଣ ଓ ଜନ୍ମ ସମ୍ପର୍କରେ ମହିଳାମାନଙ୍କର ଛ'ଟି ସର୍ବନିମ୍ନ ଅଧିକାର ରହିବା ଉଚିତ ବୋଲି ବିଶେଷଜ୍ଞ ଭାନ୍ ଷ୍ଟାଭରେନ ମତଦେଇଛନ୍ତି। ସେ ସବୁ ହେଲା- ଗର୍ଭନିରୋଧକ ବ୍ୟବହାରର ସୁଯୋଗ, ସନ୍ତାନ ଧାରଣ ସଂକ୍ରାନ୍ତ ନିଷ୍ପତ୍ତି, ଯୌନ ଶିକ୍ଷା ଓ ଯୌନାଚାର ବିଷୟରେ ଅବଗତ ହେବା, ଶିଶୁ ଓ ତାହାର ପିତାମାତାଙ୍କ ପାଇଁ ସ୍ୱାସ୍ଥ୍ୟଗତ ସୁବିଧାସୁଯୋଗ, ମାତୃତ୍ୱ ବ୍ୟତୀତ ଅନ୍ୟ ଭୂମିକା ସମ୍ପର୍କରେ ଜ୍ଞାନ ଓ ଅନୁଭୂତି ଅର୍ଜନ ଏବଂ ଆର୍ଥିକ ସମ୍ବଳ ସହ ସମ୍ପର୍କ। ଆଜିକାଲି ପରିବାର କଲ୍ୟାଣ ଓ ନିୟୋଜନ ସଂକ୍ରାନ୍ତ ପ୍ରଚାର ଆଗଭଳି ହେଉନାହିଁ। ଏଥିପ୍ରତି ନଜର ଦେବାକୁ ପଡ଼ିବ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମାଜର ତଳସ୍ତରରେ ରହୁଥିବା ମହିଳାଙ୍କ ପାଇଁ ୩୦ ଶତାଂଶ ପାଣ୍ଠି ଯୋଗାଣ ନିଶ୍ଚିତ କରିବାର ଆବଶ୍ୟକତା ରହିଛି। ସଂଗଠିତ କ୍ଷେତ୍ରରେ ମହିଳାଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ନିଶ୍ଚିତ କରିବାର ଅଛି। ଏଥିପାଇଁ ସରକାରୀ ଓ ବେସରକାରୀ ଉଦ୍ୟୋଗରେ ଆବଶ୍ୟକ ବୈଧାନିକ ବ୍ୟବସ୍ଥା କରି ଅଧିକରୁ ଅଧିକ ମହିଳାଙ୍କ ପାଇଁ ଆନୁପାତିକ ନିଯୁକ୍ତି ବ୍ୟବସ୍ଥା ପୂର୍ବକ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବାକୁ ହେବ। କମ୍ପାନୀମାନେ ନିଜର ସାମାଜିକ ଦାୟିତ୍ୱରେ ଏହାକୁ ସାମିଲ କରିବା ଉଚିତ। ବ୍ୟାଙ୍କ ଓ ଅନ୍ୟାନ୍ୟ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କ ଅସହଯୋଗ ଫଳରେ ଆତ୍ମ ସହାୟକ ଗୋଷ୍ଠୀମାନେ ଅର୍ଥାଭାବରୁ ବିଶେଷ ସଫଳ ହୋଇପାରୁନାହାନ୍ତି। ଏ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ପଞ୍ଚାୟତିରାଜ ଭଳି ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ଭାଗ ସ୍ଥାନ ସଂରକ୍ଷଣ କରି ସେମାନଙ୍କୁ ନିଷ୍ପତ୍ତିଗ୍ରହଣରେ ଉପଯୁକ୍ତ ଅଂଶୀଦାର କରିବା ସକାଶେ ଉଦ୍ଦିଷ୍ଟ ମହିଳା ସ୍ଥାନ ସଂରକ୍ଷଣ ଆଇନ ଅନେକ ରାଜ୍ୟରେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ବୃନ୍ଦାବନରେ ଦୟନୀୟ ଜୀବନ କାଟୁଥିବା ହଜାର ହଜାର

ବିଧବାଙ୍କ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ସେପରି କୌଣସି ଉଲ୍ଲେଖନୀୟ ବ୍ୟବସ୍ଥା ଏଯାଏ ହୋଇନାହିଁ । ଅନୁରୂପ ଭାବେ ୩୦ ଲକ୍ଷ ଦେହଜୀବୀ ଏବେ ମଧ୍ୟ ଦୟନୀୟ ଜୀବନ କାଟୁଛନ୍ତି । ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ଥଇଥାନ କରିବାର ଆବଶ୍ୟକତା ରହିଛି ।

ପ୍ରାକୃତିକ ବିପର୍ଯ୍ୟୟରେ ମହିଳାଚାଷୀ, କୃଷି ଶ୍ରମିକ ଓ ଶ୍ରମଜୀବୀ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ସେମାନଙ୍କର ଉପାର୍ଜନ ଗୁରୁତର ଭାବେ ପ୍ରଭାବିତ ହୁଏ । ମହଙ୍ଗା ବଜାରରେ ବିନା ରୋଜଗାରରେ ବଞ୍ଚିବା ସେମାନଙ୍କ ପାଇଁ ଦୁର୍ବିସହ ହୋଇପଡ଼େ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ବର୍ଗର ମହିଳାମାନେ କିପରି ସୁରକ୍ଷିତ ରହିପାରିବେ ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣର ଆବଶ୍ୟକତା ରହିଛି । ଏବେ ମଧ୍ୟ ଅନେକ ରାଜ୍ୟରେ ପ୍ରସବ ସମୟରେ ଜଟିଳତା ଯୋଗୁଁ ଅନେକ ମହିଳାଙ୍କର ଅକାଳମୃତ୍ୟୁ ଘଟୁଛି । ବିହାରରେ ଏହି ହାର ଅତି ଅଧିକ । ନିରାପଦ ପ୍ରସବ ଓ ମାତୃ ମୃତ୍ୟୁ ରୋକିବା ପାଇଁ ଆମ ଅଭିଯାନକୁ ଆହୁରି ବ୍ୟାପକ ଓ ସୁସଂହତ କରିବାକୁ ପଡ଼ିବ । ଏହି ପ୍ରସଙ୍ଗରେ ଏକ କାହାଣୀ ମନେପଡ଼େ । ପ୍ରସବ ଜନିତ ଜଟିଳତାରୁ ଶାହାଜାହାନଙ୍କ ପତ୍ନୀ ମମତାଜ ମହଲଙ୍କର ମୃତ୍ୟୁ ଘଟିଥିଲା । ପ୍ରାଣପ୍ରିୟା ପତ୍ନୀଙ୍କ ସ୍ମୃତିରେ ସେ ତାଜମହଲ ନିର୍ମାଣ କରିଥିଲେ । ଠିକ୍ ସେହି ସମୟରେ ସୁଇଡେନ ରାଣୀଙ୍କୁ ପ୍ରସବଜନିତ ଗୁରୁତର ଜଟିଳତାରୁ ରକ୍ଷା କରିବା ପାଇଁ ସେଠାର ରାଜା ଫରାସୀ ଡାକ୍ତରଙ୍କୁ ଡକାଇ ନିଜ ପ୍ରୟାସରେ ସଫଳ ହୋଇଥିଲେ । ପରେ ରାଜା ନିଜ ଦେଶରେ ଏକ ନର୍ସିଂ ସ୍କୁଲ ପ୍ରତିଷ୍ଠା କରି ଗ୍ରାମାଞ୍ଚଳ ମହିଳାଙ୍କୁ ପ୍ରସବ ଜନିତ ଜଟିଳତାରୁ ରକ୍ଷା କରିବାକୁ ମହିଳାମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରିଥିଲେ । ଏବେ ସୁଇଡେନରେ ଶିଶୁ ଓ ମାତୃମୃତ୍ୟୁ ହାର ବିଶ୍ୱରେ ସବୁଠୁ କମ୍, ଏକ ହଜାରରେ ଯଥାକ୍ରମେ ୫ ଓ ୮ । ଭାରତରେ ମାତୃ ମୃତ୍ୟୁ ହାର ୩୮ । ବାଂଲାଦେଶ, ନେପାଳଠାରୁ ମଧ୍ୟ ଏ କ୍ଷେତ୍ରରେ ପଛୁଆ । ଭାରତ ତା'ର ମୋଟ ଜାତୀୟ ଆୟର ମାତ୍ର ୧.୩ ଶତାଂଶ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଥିବାବେଳେ ଆମେରିକାରେ ଏହା ୮.୧ ଶତାଂଶ । ଭାରତରେ ସ୍ୱାସ୍ଥ୍ୟ ବାବଦ ମୁଣ୍ଡପିଛା ବ୍ୟୟ ମାତ୍ର ୬୧ ଡଲାର ଥିଲାବେଳେ ଶ୍ରୀଲଙ୍କାରେ ଏହା ୧୦୨, ବ୍ରିଟେନରେ ୩୫୯୮ ଓ ଆମେରିକାରେ ୯୧୪୬ ଡଲାର । ସ୍ୱାସ୍ଥ୍ୟ ବୀମାରେ ଭାରତର ମାତ୍ର ୧୮ ଶତାଂଶ ଲୋକ ଅନ୍ତର୍ଭୁକ୍ତ । ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଏକ ଉତ୍ତମ ପଦକ୍ଷେପ । ସେହିଭଳି ପିଲାଙ୍କୁ ସାତପ୍ରକାର ପ୍ରତିଷେଧକ ଟିକା ଦେବା ପାଇଁ ଉଦ୍ଦିଷ୍ଟ ଇନ୍ଦ୍ରଧନୁଷ୍ ଅଭିଯାନ ଏକ ଭଲ କାର୍ଯ୍ୟକ୍ରମ । ସ୍ୱଚ୍ଛ ଭାରତ ଅଭିଯାନ ମଧ୍ୟ ଆଉ ଏକ ଉତ୍ତମ ପଦକ୍ଷେପ । କାରଣ ଗୋଟିଏ ଟଙ୍କା ଏଭଳି କାର୍ଯ୍ୟକ୍ରମରେ ଖର୍ଚ୍ଚ କରି ସ୍ୱାସ୍ଥ୍ୟ, ଶିକ୍ଷା, ଅର୍ଥନୈତିକ ବିକାଶ କ୍ଷେତ୍ରରେ ପରିଣାମ ସ୍ୱରୂପ ୯ଟଙ୍କା ବଞ୍ଚାଇବା ଏକ ପ୍ରଶଂସନୀୟ ଉଦ୍ୟମ ।

ଭାରତର ୬୪୦ ଜିଲା ମଧ୍ୟରୁ ମାତ୍ର ୧୯୩ଟିରେ ମେଡିକାଲ କଲେଜ ଓ ହସ୍ପିଟାଲ ବ୍ୟବସ୍ଥା ଅଛି । ଦେଶରେ ୭୦ରୁ ୮୦ ଶତାଂଶ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଘରୋଇ କ୍ଷେତ୍ର ଦ୍ୱାରା ଯୋଗାଇଦିଆଯାଉଛି । ତେଣୁ ସରକାର ଏ ଦିଗରେ ଅଧିକ ଯତ୍ନବାନ ହେବା ସହ ମୋଟ ଜାତୀୟ ଆୟର ୨.୫ରୁ ୩ ଭାଗ ପର୍ଯ୍ୟନ୍ତ ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକ । ଦେଶର ବିଭିନ୍ନ ଯୋଜନା କାଳରେ ମହିଳାଙ୍କର ବିଭିନ୍ନ ପ୍ରସଙ୍ଗକୁ ଅଗ୍ରାଧିକାର ପ୍ରଦାନ କରାଯାଇ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ପ୍ରଚଳିତ ଦ୍ୱାଦଶ ଯୋଜନା କାଳରେ (୨୦୧୨-୧୭) ଲିଙ୍ଗଗତ ସମତା ହାସଲ ଗୁରୁତ୍ୱ ପାଇଛି ।

ମହିଳା ବିରୋଧୀ ହିଂସାରେ ଲିପ୍ତ ଅଭିଯୁକ୍ତମାନଙ୍କ ବିଚାର ପାଇଁ ୧୬ଟି ରାଜ୍ୟରେ ୨୧୨ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଛି । ଏହାଦ୍ୱାରା ମାମଲାର ତ୍ୱରିତ ବିଚାର ସମ୍ଭବ ହେଉଥିବା ବେଳେ ଗୁଜରାଟ, ଉତ୍ତରପ୍ରଦେଶ ଓ ବିହାର ଆଦି ରାଜରେ ଏହି ଅଦାଲତ ଏଯାଏ ସ୍ଥାପନ କରାଯାଇନାହିଁ । ରାଜ୍ୟଗୁଡ଼ିକୁ ଏବାବଦ ଖର୍ଚ୍ଚରେ ସହାୟତା କରିବାକୁ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରଣାଳୟ ବାର୍ଷିକ ୮୦କୋଟି ଟଙ୍କା ଯୋଗାଇ ଦେଉଛନ୍ତି । ଆଗରୁ କେନ୍ଦ୍ର ସରକାର ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକର ପରିଚାଳନା ଖର୍ଚ୍ଚ ପୂରା ବହନ କରୁଥିଲେ । ସେତେବେଳେ (୨୦୧୧) ଦେଶରେ ୫୦୦ ଫାଷ୍ଟଟ୍ରାକ୍ କୋର୍ଟ କାର୍ଯ୍ୟକରୁଥିଲା । ଅତଏବ ଏଥିପାଇଁ କେନ୍ଦ୍ର ସରକାର ୮୦ଭାଗ ଆର୍ଥିକ ସହାୟତା ରାଜ୍ୟଗୁଡ଼ିକୁ ଯୋଗାଇଦେବା ଉଚିତ । ଯୌତୁକ ମୃତ୍ୟୁ, ଯୌତୁକ ନିର୍ଯାତନା ଏବଂ ମହିଳାଙ୍କ ଉପରେ ହେଉଥିବା ନାନାଦି ଅତ୍ୟାଚାର ଘଟଣା ବଢୁଥିବାବେଳେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହେବା ହାର କମ୍ ହେଉଛି । ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

ଦେଶର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମହିଳା । ସେମାନଙ୍କର କଲ୍ୟାଣ ପାଇଁ ସବୁ ବିଭାଗ ଓ ସମ୍ପୃକ୍ତ କ୍ଷେତ୍ର ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ । ମହିଳାଙ୍କ ନିରାପତ୍ତା, ବିକାଶ ଏବଂ ସବୁ କାର୍ଯ୍ୟରେ ସେମାନଙ୍କୁ ସଂପୃକ୍ତ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ମହିଳା ମୁକ୍ତି ଓ ସବଳିକରଣ ପ୍ରକ୍ରିୟାକୁ ବିଶ୍ୱ ଦୃଷ୍ଟିରେ ବିଚାର କରିବା ସମୟରେ ଆମକୁ ସ୍ଥାନୀୟ ଭାବେ କାର୍ଯ୍ୟ କରି ଏହାକୁ ହାସଲ କରିବାକୁ ହେବ ।

ଲେଖକ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ବିଭାଗର ଅତିରିକ୍ତ ସଚିବ ଏବଂ ଅର୍ଥନୈତିକ ପରାମର୍ଶଦାତା ।

# କୃଷିକ୍ଷେତ୍ରରେ ମହିଳାଙ୍କ ଯୋଗଦାନ

ନଟବର ଖୁଣ୍ଟିଆ

**ଗୋ**ଟିଏ ଦେଶ ବା ରାଜ୍ୟର ଚାଷଜମି କେବଳ ସୀମିତ ନୁହେଁ ବରଂ ବର୍ଷ ପରେ ବର୍ଷ ଏହା ହ୍ରାସ ପାଇବାରେ ଲାଗିଛି । ଜନସଂଖ୍ୟା ବୃଦ୍ଧି ହେତୁ ବାସସ୍ଥାନ, ରାସ୍ତାଘାଟ, ସ୍କୁଲ୍ କଲେଜ, ଡାକ୍ତରଖାନା, କଳକାରଖାନା ଆଦି ନିର୍ମାଣ ପାଇଁ ଅଧିକ ଜମିର ଆବଶ୍ୟକତା ପଡୁଛି । ଚାଷ ଜମି ସବୁ ଅଣଚାଷ କାମରେ ଲାଗୁଛି । ଚାଷଜମି ହ୍ରାସ ପାଉଛି । କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ଯୋଗାଇବାକୁ ପଡୁଛି । ଏହା ସମ୍ଭବ ହେଉଛି ଉନ୍ନତ ପ୍ରଣାଳୀରେ ଚାଷ କରିବା ହେତୁ । ଉନ୍ନତ ପ୍ରଣାଳୀରେ ଚାଷ କଲେ ଉନ୍ନତ ଯନ୍ତ୍ରପାତି ବ୍ୟବହାର କରିବା ସହିତ ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର, ରୋଗ ପୋକମରା ଔଷଧ ଓ ମୂଲ ମଜୁରି ପାଇଁ ଅଧିକ ଖର୍ଚ୍ଚ ହେଉଛି । ଯଦିଓ ଉତ୍ପାଦନ ବଢୁଛି, କିନ୍ତୁ ଚାଷୀର ଖର୍ଚ୍ଚ ଗଲା ପରେ କୃଷିଜାତ ଦ୍ରବ୍ୟର ବିକ୍ରିରୁ ଯାହା ଲାଭ ମିଳୁଛି ତାହା ତୁଳନାତ୍ମକ ଭାବେ କମ୍ । ସେହି ଆୟରେ ଚାଷୀଟି ତା'ର ପରିବାରର ଭରଣ ପୋଷଣ ସୁରୁଖୁରୁରେ କରି ପାରୁନାହିଁ ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦିରେ ଅନ୍ୟୂନ ଅର୍ଥ ଖର୍ଚ୍ଚ କରିପାରୁ ନାହିଁ । ଆମ ଦେଶରେ ଗୋଟିଏ ଚାଷୀ ପରିବାରର ହାରାହାରି ମାସିକ ଆୟ ୬ ହଜାର ୫ ଶହ ଟଙ୍କା ପାଖା ପାଖି । ଏତିକି ଆୟରେ ଆମ ଦେଶର ଗୋଟିଏ ଚାଷୀ ପରିବାର ତା'ର ସର୍ବନିମ୍ନ ଅତ୍ୟାବଶ୍ୟକ ଖର୍ଚ୍ଚ ମେଣ୍ଟାଇ ପରିବାରକୁ ସୁସ୍ଥ ସବଳ ଜୀବନ ଯାପନ କରାଇବାରେ ସମର୍ଥ ହେଉନାହିଁ । ଆମ ଦେଶର ଦୁଇତୃତୀୟାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କୃଷି ଓ କୃଷି ଆନୁସଙ୍ଗିକ ବୃତ୍ତି ଉପରେ ନିର୍ଭର କରିଥାନ୍ତି । ଏତେ ସୁସ୍ଥ ସବଳ ଜୀବନ ଯାପନ କରି ପାରୁ ନଥିବାରୁ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହୋଇ ଅଶାନ୍ତି ସୃଷ୍ଟି ହେଉଛି । ଏହାକୁ ଲକ୍ଷ୍ୟ କରି ଆମ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ୨୦୨୨ ମସିହା ସୁଦ୍ଧା କୃଷି ପରିବାରର ଆୟକୁ ଦ୍ୱିଗୁଣିତ କରିବାକୁ ପଡ଼ିବ । ଏହି ଲକ୍ଷ୍ୟକୁ ଘୋଷଣା ମଧ୍ୟରେ ସୀମିତ ନରଖି ପ୍ରଧାନମନ୍ତ୍ରୀ ଚାଷୀ ପରିବାରର ଆୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବା ଆରମ୍ଭ କରି ଦେଇଛନ୍ତି । ବିଭିନ୍ନ ପଦକ୍ଷେପ ମଧ୍ୟରୁ ମୁଖ୍ୟ ପଦକ୍ଷେପଗୁଡ଼ିକ ହେଲା ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ମାଧ୍ୟମରେ ଅଧିକ ଜମିରେ ଜଳସେଚନ କରିବା, ଫସଲ ବୀମା ଯୋଜନାକୁ ନୂତନ ରୂପ ଦେବା, ବିହନ ଓ ରାସାୟନିକ ସାର ଉଚିତ ମୂଲ୍ୟରେ ଚାଷୀ ପାଖରେ ଉପଲବ୍ଧ କରାଇବା, ଖାଦ୍ୟଶସ୍ୟ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ନିର୍ମାଣ କରିବା, କୃଷିଜାତ ଦ୍ରବ୍ୟର ବିକ୍ରୟ ପାଇଁ କୃଷି ସାମଗ୍ରୀ ବିପଣନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା, କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ କରି ମୂଲ୍ୟଯୁକ୍ତ କରିବା ଇତ୍ୟାଦି । କୃଷି ହେଉଛି ରାଜ୍ୟ ସରକାରଙ୍କର ଅଧୀନ । କୃଷି ବିକାଶକୁ ରାଜ୍ୟ ସରକାରମାନେ କିପରି ତ୍ୱରାନ୍ୱିତ କରିବେ ସେଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ପ୍ରକାର ପରାମର୍ଶ ଦେବା ସହିତ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି । ରାଜ୍ୟ ସରକାରମାନେ ମଧ୍ୟ କୃଷି ବିକାଶକୁ ତ୍ୱରାନ୍ୱିତ କରି କୃଷକ ପରିବାରର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଯତ୍ନବାନ ହେଉଛନ୍ତି ।

ଉପରୋକ୍ତ ପଦକ୍ଷେପ ସହିତ ଯଦି କୃଷିକ୍ଷେତ୍ରରେ ମହିଳାମାନେ ସକ୍ରିୟ ଯୋଗଦାନ କରନ୍ତେ ତା'ହେଲେ କୃଷକ ପରିବାର ଆୟ ବୃଦ୍ଧି ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇ ପାରନ୍ତା । କୃଷିକ୍ଷେତ୍ରରେ ଯେ ମହିଳାମାନେ କାର୍ଯ୍ୟ କରୁନାହାନ୍ତି, ତାହା ନୁହେଁ । କୃଷି ଉତ୍ପାଦନ ପାଇଁ ମହିଳାମାନଙ୍କୁ ଉତ୍ପାଦନର ପରିଚାଳନା ଭାର ଦିଆଯାଉ ନାହିଁ । କିନ୍ତୁ ଏହି ଧାରଣା ଅମୂଳକ ଓ ବିଭ୍ରାନ୍ତିକର । ମହିଳାମାନଙ୍କୁ ଦାୟିତ୍ୱ ଦେଲେ ସେମାନେ କୃଷିକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରି ସଫଳତା ଅର୍ଜନ କରି ପାରିବେ । ଚୀନ ଦେଶରେ ଚାଷ ପରିଚାଳନା କରନ୍ତି ମୁଖ୍ୟତଃ ମହିଳାମାନେ । ସେ ଦେଶରେ ଅର୍ଥନୈତିକ ସଂସ୍କାର କାର୍ଯ୍ୟକାରୀ ହେବା ପରେ ଯୁବକମାନେ ଗାଁ ଛାଡ଼ି ଆସି ସହରମାନଙ୍କର ଶିଳ୍ପ ଓ ସେବା ସଂସ୍ଥାମାନଙ୍କରେ କାମ କରୁଛନ୍ତି । ଗାଁରେ ରହିଯାଇଛନ୍ତି ବୃଦ୍ଧ ପିତାମାତା ଓ ପତ୍ନୀମାନେ । ତେଣୁ ଚାଷ କାମ ପରିଚାଳନା କରୁଥିବା ଲୋକଙ୍କ ମଧ୍ୟରୁ ୭୨ ଭାଗ ହେଉଛନ୍ତି ମହିଳା । ସେମାନେ ସଫଳତାର ସହ ଚାଷ କାମ ପରିଚାଳନା କରୁଥିବାରୁ ପରିବାରର ଆୟ ବଢୁଛି । ଆମ ଦେଶରେ ମଧ୍ୟ ସେହି ସ୍ଥିତି ଧୀରେଧୀରେ ସୃଷ୍ଟି ହେଉଛି । ଯୁବକମାନେ ଗାଁ ଛାଡ଼ି ସହରମୁହାଁ ହେଲେଣି,

ତେଣୁ ଗାଁରେ ଚାଷ କାମ ପରିଚାଳନା ପାଇଁ ମହିଳାମାନଙ୍କର ସକ୍ରିୟ ଯୋଗଦାନ ଅପରିହାର୍ଯ୍ୟ ହୋଇପଡ଼ିଲାଣି ।

ମହିଳାମାନେ ଯେ ଚାଷ ପରିଚାଳନରେ ସଫଳ ହୋଇପାରିବେ ତାହାର କେତୋଟି ଉଦାହରଣ ଏଠି ଉପସ୍ଥାପନ କରାଯାଇପାରେ। ଆମ ରାଜ୍ୟ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ଜଣେ ମହିଳା ବାଲ୍ୟ ବିବାହ କରିଥିଲେ । ପାଠ କିଛି ପଢ଼ିନଥିଲେ। ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଗଲା ତାଙ୍କୁ ଯେତେବେଳେ ମାତ୍ର ୨୩ ବର୍ଷ । ସେତେବେଳକୁ ତାଙ୍କ କୋଳରେ ଦୁଇଟି ସନ୍ତାନ-ପୁଅଟିଏ ଝିଅଟିଏ। ସେ ଥିଲେ ଭୂମିହୀନ । ସ୍ୱାମୀ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ମହିଳା ଜଣକ କ'ଣ କରିବେ ହଠାତ୍ କିଛି ଠିକ୍ କରି ପାରିଲେ ନାହିଁ । ତାଙ୍କ ବାପଘରର ଆର୍ଥିକ ସ୍ଥିତି ମଧ୍ୟ ଭଲ ନଥିଲା। ଏପରି ସ୍ଥିତିରେ ପରିବାର ଭରଣପୋଷଣ ପାଇଁ ଭିକ୍ଷା ମାଗିବା ଛଡ଼ା ଅନ୍ୟ ବାଟ ନଥିଲା ବୋଲି ସମସ୍ତେ ଭାବିଲେ । କିନ୍ତୁ ସେ ମନରେ ସାହସ ବାନ୍ଧିଲେ । ଚାଉଳ କିଣି ମୁଢ଼ି ଭାଜି ଗାଁ ଗାଁରେ ବିକ୍ରୟ କଲେ। ସେଥିରୁ ଯାହା ଆୟ କଲେ ପରିବାରର ଭରଣପୋଷଣ କଲେ । କିନ୍ତୁ ମୁଢ଼ି ବିକ୍ରିରୁ ଯଥେଷ୍ଟ ଆୟ ନ ହେବାରୁ ବେଳେବେଳେ ଚାଷ କ୍ଷେତରେ ଶ୍ରମିକ ଭାବରେ କାମ କଲେ। ଚାଷ କାମ କରିବାରୁ ଚାଷ କରିବା ପାଇଁ ସାହସ ଓ ଆତ୍ମବିଶ୍ୱାସ ବଢ଼ିଗଲା । ସେ ଠିକ୍ କଲେ କିଛି ଜମି ଭାଗରେ ଆଣି ଚାଷ କରିବେ । ପ୍ରଥମେ ଅଳ୍ପ ଜମି ଆଣି ଚାଷ କଲେ । ନିଜେ ହଳବଳଦ କିଣି ହଳ ବୁଲାଇଲେ । ଅନ୍ୟାନ୍ୟ କାମ କଲେ । ଏଥିରେ ସଫଳ ହେବାରୁ ଅଧିକ ଜମି ଭାଗରେ ଆଣିଲେ । କଠିନ ପରିଶ୍ରମ କରି ଚାଷରେ ସଫଳ ହେଲେ । ତାଙ୍କ ନାମ ଚାରିଆଡ଼େ ବ୍ୟାପିଗଲା । ସେ ତାଙ୍କ ଅଞ୍ଚଳର ମହିଳାମାନଙ୍କ ପାଇଁ ଆଦର୍ଶ ପାଲଟିଗଲେ । ରାଜ୍ୟ ସାରା ତାଙ୍କର ସଫଳତାର କାହାଣୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲା । ଓଡ଼ିଶାର ଏକ ପ୍ରତିଷ୍ଠିତ ସମ୍ବାଦପତ୍ରର ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଜଧାନୀ ଭୁବନେଶ୍ୱରରେ ସେହି ମହିଳାଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନିତ କଲା । ସେହି ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସେହି ମହିଳାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ତାଙ୍କ ନାମ ଶାନ୍ତିଲତା ବାରିକ । ତାଙ୍କର ଗୋଟିଏ ପାୱାର ଟିଲର୍ ଚଲାଇ ଚାଷ କରିବାକୁ ମନ ଅଛି ବୋଲି କହିବାରୁ ଓଡ଼ିଶାର ଜଣେ ପୂର୍ବତନ ମନ୍ତ୍ରୀ ପାୱାର ଟିଲର କିଣିବାକୁ ଏକଲକ୍ଷ ଟଙ୍କା ତାଙ୍କୁଦାନ କଲେ। ପାୱାର ଟିଲର କିଣିବା ପାଇଁ ଅବଶିଷ୍ଟ ଟଙ୍କା ରାଜ୍ୟ ସରକାରଙ୍କ କୃଷି ବିଭାଗ ସବ୍‌ସିଡି ହିସାବରେ ଦେଲେ ଶାନ୍ତିଲତା ପାୱାର ଟିଲର୍ କିଣିବେ। ଶାନ୍ତିଲତା ଆଜି ରାଜ୍ୟର ମହିଳାମାନଙ୍କ ଆଦର୍ଶ ହୋଇ ଯାଇଛନ୍ତି ଆଉ ଅନେକ ମହିଳାଙ୍କୁ କୃଷିକ୍ଷେତ୍ରରେ ପ୍ରବେଶ କରିବାକୁ ଉତ୍ସାହିତ କରୁଛନ୍ତି ।

ଦ୍ୱିତୀୟ ଉଦାହରଣଟି ହେଲା କଟକ ଜିଲ୍ଲାର କଣ୍ଟାପଡ଼ା ବ୍ଲକର ଭୋଦଳ ଗାଁର ଗୋଟିଏ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଫଳତା । ଦିନମଜୁରିଆ ଓ ଭାଗଚାଷୀ ପରିବାରର କେତେଜଣ ମହିଳା ଏକ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ପ୍ରତିମାସରେ ନିଜ ନିଜର ସ୍ୱାମୀମାନଙ୍କ ଠାରୁ କିଛି କିଛି ଅର୍ଥ ଆଣି ସଂଚୟ କଲେ । ସେସବୁ ଟଙ୍କାକୁ ବ୍ୟାଂକରେ ରଖିଲେ। ସେମାନେ ଆତ୍ମନିଯୁକ୍ତି ଜରିଆରେ ନିଜ ନିଜର ପରିବାରର ଆୟ ବୃଦ୍ଧି ପାଇଁ ଚିନ୍ତାକଲେ । ଠିକ୍ କଲେ ଛେଳି ପାଳିବେ। ନିଜ ସଂଚିତ ଅର୍ଥରୁ ଛେଳି କିଣିଲେ । ଘରେ ଛେଳି ରଖିଲେ ସେମାନଙ୍କୁ ଖାଦ୍ୟ ପାଇଁ ଦାନା କିଣିବାକୁ ପଡ଼ିବ । ଯଦି ପଡ଼ିଆ ଦଣ୍ଡାରେ ଚରିବାକୁ ପଠାଇବେ ତେବେ ଦାନା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ନିଜ ନିଜ ଛେଳିଙ୍କୁ ଯଦି ପ୍ରତ୍ୟେକ ମହିଳା ଚରାଇବାକୁ ନେବେ ତେବେ ତାହା ହେଲେ ଘରର ଅନ୍ୟାନ୍ୟ କାମ କରିବ କିଏ ? ଘରେ ପିଲାମାନଙ୍କର ଖବର ବୁଝିବ କିଏ ? ସେମାନେ ସ୍ଥିର କଲେ ସମସ୍ତଙ୍କର ଛେଳିକୁ ଗୋଠ କରି ପାଳିକରି ଚରାଇବାକୁ ନେବେ। ଜଣେ ସକାଳବେଳା ଗଲେ ଅନ୍ୟ ଜଣେ ଉପରବେଳା ଯିବ । ଯଦି କୌଣସି ଦିନ କାହାର ଅସୁବିଧା ଥାଏ, ତେବେ ତାଙ୍କ ବଦଳରେ ଅନ୍ୟ ଜଣେ ଯିବ । ଏହି ଉପାୟରେ ସେମାନେ ଛେଳି ପାଳିଲେ । ଛେଳି ବଡ଼ ହୋଇଗଲେ ମଝିରେ ମଝିରେ ଛେଳି ବିକି ଭଲ ପଇସା ପାଇଲେ । ସେହି ଅର୍ଥରେ ସେମାନେ ନିଜ ନିଜର ବସ୍ତ୍ର ଆଦି କିଣିବା ସହିତ ପିଲାମାନଙ୍କ ପାଇଁ ପୋଷାକ କିଣିଲେ । ପର୍ବପର୍ବାଣୀ ଖର୍ଚ୍ଚ ମଧ୍ୟ ତୁଲାଇଲେ। ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଅଣ୍ଡା, ମାଛ, ମାଂସ ମଧ୍ୟ ମଝିରେ ମଝିରେ କିଣିଲେ, ପୂର୍ବରୁ ଯାହା ସେମାନେ କରିପାରୁନଥିଲେ ।

ପିଲାମାନଙ୍କର ପାଠପଢ଼ା ଖର୍ଚ୍ଚ ମଧ୍ୟ ନିଜ ଛେଳି ବିକା ଆୟରୁ ମେଣ୍ଟାଇ ପାରିଲେ। ସେମାନଙ୍କର ସ୍ୱାମୀମାନଙ୍କୁ ପୂର୍ବ ପରି ଆଉ ପଇସା ମାଗିଲେ ନାହିଁ ଏ ସବୁ ଖର୍ଚ୍ଚ ପାଇଁ । ଏମାନେ ପରିବାରର ଆୟ ବଢ଼ାଇ ପାରିଥିବାରୁ ସମାଜରେ ଏମାନଙ୍କ ସମ୍ମାନ ବଢ଼ିଗଲା । ସେମାନେ ଏବେ ଆତ୍ମବିଶ୍ୱାସର ସହ ଜୀବନଯାପନ କଲାବେଳେ ଆଉ କିଛି ନୂଆ କାମ କରିବାକୁ ବାଟ ଖୋଜୁଛନ୍ତି ।

ତୃତୀୟ ଉଦାହରଣଟି ହେଲା ଜଣେ ଆଦିବାସୀ ମହିଳାଙ୍କର ସଫଳତାର କାହାଣୀ। ନୂଆପଡ଼ା ଜିଲ୍ଲାର ଖରିଆର ବ୍ଲକ ଗଡ଼ରାମୁଣ୍ଡା ଗାଁର ଶ୍ରୀମତୀ ଜୁର ପରୁଆଙ୍କ ଯୋଗୁଁ ତାଙ୍କ ଅଂଚଳ ଆଜି ପରିବା ଚାଷ କ୍ଷେତ୍ରରେ ଏକ ଆଦର୍ଶ ପରିବା ଚାଷ ଅଞ୍ଚଳରେ ପରିଣତ ହୋଇଛି । ଜୁର ପରୁଆଙ୍କ ପରିବାର ଭୂମିହୀନ । ସେ ଓ ତାଙ୍କ

ସ୍ୱାମୀ କ୍ଷେତ ମଜୁରିଆ ରୂପେ କାମ କରୁଥିଲେ । ଜୁର ସ୍ୱାମୀଙ୍କଠାରୁ କିଛି ପଇସା ଆଣି ଘରେ ଛେଳି, କୁକୁଡ଼ା ପାଳି କିଛି ଅର୍ଥ ରୋଜଗାର କଲେ । ପରେ ସେ ଚିନ୍ତା କଲେ କିଛି ଜମି ଭାଗରେ ଆଣି ପରିବା ଚାଷ କରିବେ । ପରିବା ଚାଷରେ ସଫଳ ହେଲାପରେ ଗାଁର ଅନ୍ୟାନ୍ୟ ମହିଳା ମଧ୍ୟ ପରିବା ଚାଷ ପାଇଁ ଆଗେଇ ଆସିଲେ । ଜୁର ସେମାନଙ୍କୁ ସଂଗଠିତ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ କଲେ । ଏହି ଗୋଷ୍ଠୀ ମାଧମରେ ବ୍ୟାଙ୍କରୁ ଋଣ ଆଣି ସ୍ୱୟଂସହାୟକ ଗୋଷ୍ଠୀ ସଫଳତାର ସହ ପରିବା ଚାଷ କରି ଅର୍ଥ ଉପାର୍ଜନ କରି ପରିବାରର ଆୟ ବଢ଼ାଇଲେ । ଗଡ଼ରାମୁଣ୍ଡା ଗାଁର ସ୍ୱୟଂସହାୟକ ଗୋଷ୍ଠୀର ସଫଳତା ଦେଖି ଆଖପାଖ ଗାଁର ମହିଳାମାନେ ଗୋଷ୍ଠୀ ଗଠନ କରି ପରିବା ଚାଷ କଲେ । ସେ ଅଞ୍ଚଳ ଆଜି ପରିବାଚାଷ ପାଇଁ ଖ୍ୟାତି ଅର୍ଜନ କରିପାରିଛି ।

ଏହି ତିନିଗୋଟି ଉଦାହରଣ ଆଜି ସ୍ପଷ୍ଟ କରିଦେଇଛି ଯେ, ମହିଳାମାନଙ୍କର ଅସୀମ ଶକ୍ତି ଅଛି ଆଉ ସେମାନଙ୍କୁ ସାମାନ୍ୟ ସାହାଯ୍ୟ କରି ଆଗକୁ ବଢ଼ିବାକୁ ସୁଯୋଗ ଦେଲେ ସେମାନେ ପୁରୁଷଙ୍କ ଭଳି କୃଷି ଓ କୃଷି ଆନୁସଙ୍ଗିକ କ୍ଷେତ୍ରରେ ପ୍ରବେଶ କରି ଉତ୍ପାଦନ ବଢ଼ାଇବା ସହିତ ପରିବାରର ଆୟ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ।

ଆମ ରାଜ୍ୟରେ କେବଳ ନୁହେଁ ଦେଶ ସାରା ବିଭିନ୍ନ ରାଜ୍ୟରେ ବହୁ ସଂଖ୍ୟାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏଥିପାଇଁ ସରକାରୀ ଅନୁଦାନ ଓ ପ୍ରୋତ୍ସାହନ ମଧ ଦିଆଯାଉଛି । ବ୍ୟାଙ୍କରୁ ଏହି ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ମଧ ଆତ୍ମନିଯୁକ୍ତି ପାଇଁ ଋଣ ଆଣିବାର ବ୍ୟବସ୍ଥା ହୋଇଛି । ଏହି ଗୋଷ୍ଠୀ ଗଠନର ମୌଳିକ ଉଦ୍ଦେଶ୍ୟ ହେଲା ମହିଳାମାନେ ବିଭିନ୍ନ ପ୍ରକାର କୃଷି ଓ କୃଷି ଆନୁସଙ୍ଗିକ ବୃତ୍ତି ସହିତ ଗ୍ରାମ୍ୟ ଓ କୁଟୀର ଶିଳ୍ପ ଆଦି ମାଧମରେ ଆତ୍ମନିଯୁକ୍ତି କରି ପରିବାରର ଆୟ ବୃଦ୍ଧି କରିବେ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଏହି ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜ ନିଜର ସଞ୍ଚୟକୁ ବ୍ୟାଙ୍କରେ ଜମା କରୁଛନ୍ତି । ବ୍ୟାଙ୍କରେ କିଛି ଆଖିଦୃଶିଆ ଅର୍ଥ ଜମା ହୋଇଗଲେ ସେହି ଜମାକୁ ଭିତ୍ତିକରି ବ୍ୟାଙ୍କରୁ ଋଣ ଆଣୁଛନ୍ତି । ରିହାତି ସୁଧରେ । ସେହି ଋଣକୁ ଆତ୍ମନିଯୁକ୍ତି କ୍ଷେତ୍ରରେ ବିନିଯୋଗ ନ କରି ପରସ୍ପର ମଧ୍ୟରେ ଋଣ ଆକାରରେ ବାଣ୍ଟି ନେଉଛନ୍ତି ଅବା ସଦସ୍ୟାମାନଙ୍କ ମଧ୍ୟରେ ଅନ୍ୟମାନଙ୍କୁ ଋଣଦେଉଛନ୍ତି । ଏହି ଋଣ ପାଇଁ ଅଧିକ ସୁଧ ଆଦାୟ କରୁଛନ୍ତି । ଶହେ ଟଙ୍କା ଋଣରେ ମାସକୁ ତିନିଟଙ୍କାଠାରୁ ପାଞ୍ଚଟଙ୍କା ସୁଧ ଆଦାୟ କରୁଛନ୍ତି । ଏହି ଋଣ କିନ୍ତୁ ଅଧିକାଂଶ ସ୍ଥଳେ ଉତ୍ପାଦନମୂଳକ କାମରେ ନ ଲାଗି ଅଣଉତ୍ପାଦନ କାମରେ ଲାଗୁଛି । ଉତ୍ପାଦନ ବୃଦ୍ଧି ହେଉନାହିଁ ବା ପରିବାରର ଆୟ ବଢୁନାହିଁ । ଏହା ଫଳରେ ଅସଲ ଉଦ୍ଦେଶ୍ୟ ସାଧିତ ହେଉନାହିଁ ।

ଉପରୋକ୍ତ ପରିପ୍ରେକ୍ଷୀରେ ଏହି ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ଯେପରି ଋଣ ଦାନ କାର୍ଯ୍ୟରୁ ବିରତ ରହି ବିଭିନ୍ନ ପ୍ରକାର ଆତ୍ମନିଯୁକ୍ତି ଉଦ୍ୟୋଗରେ ଅର୍ଥ ବିନିଯୋଗ କରି ଆୟ ବୃଦ୍ଧି କରିପାରିବେ ସେଥିପାଇଁ ସରକାରଙ୍କ ସଂପୃକ୍ତ ବିଭାଗର ସଂପ୍ରସାରଣ କର୍ମୀ ଓ ବ୍ୟାଙ୍କମାନେ ସଜାଗ ଦୃଷ୍ଟି ଦେବା କଥା । ମହିଳାମାନେ ଚାଷକାମ କରି ପାରିବେ, ପରିବା ଉତ୍ପାଦନ କରିପାରିବେ ଏବଂ କୃଷି ଆନୁଷଙ୍ଗିକ ବୃତ୍ତି- ଦୁଗ୍ଧ ଉତ୍ପାଦନ, ଛେଳି ମେଣ୍ଢା ପାଳନ, ଛୋଟଛୋଟ କୃଷିଭିତ୍ତିକ କୁଟୀରଶିଳ୍ପ ସ୍ଥାପନ, ମହୁଚାଷ, ଛତୁ ଚାଷ ଆଦି ସଫଳତାର ସହ କରି ପାରିବେ । ଏହା ଫଳରେ ଉତ୍ପାଦନ ବୃଦ୍ଧି ପାଇବା ସହିତ ଆୟ ବୃଦ୍ଧି ହେବ । କେତେକ ଅଞ୍ଚଳର ମହିଳାମାନେ ଏସବୁ କାମରେ ସଫଳତା ହାସଲ କରିଥିବାର ଉଦାହରଣ ତ ପୂର୍ବରୁ ଦିଆଯାଇଛି । ଆହୁରି ଅନେକ ଉଦାହରଣ ମଧ ଅଛି । ବାଲେଶ୍ୱର ଜିଲ୍ଲାରେ ଓମ୍‌ଫେଡ୍ ଦୁଗ୍ଧ ସଂଗ୍ରହାଳୟ ଜିଲ୍ଲା ଦୁଗ୍ଧ ସଂଘ ମାଧମରେ, ଗ୍ରାମାଞ୍ଚଳରେ ଦୁଗ୍ଧ ଉତ୍ପାଦନ ପ୍ରାଥମିକ ସମବାୟ ସମିତି ଗଠନ କରି ସଦସ୍ୟମାନଙ୍କଠାରୁ ଦୁଗ୍ଧ ଆଣି ଓମ୍‌ଫେଡ୍‌କୁ ଦେଇଥାନ୍ତି । ଶୁଣିଲେ ଆଶ୍ଚର୍ଯ୍ୟ ହେବେ ବାଲେଶ୍ୱର ଜିଲ୍ଲାରେ ଯେତେ ପ୍ରାଥମିକ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଅଛି ସେସବୁ ମହିଳା ଦୁଗ୍ଧ ଚାଷୀଙ୍କ ଦ୍ୱାରା ପରିଚାଳିତ । ସମସ୍ତ ଦୁଗ୍ଧ ଚାଷୀ ମହିଳା । ବାଲେଶ୍ୱର ଜିଲ୍ଲା ଦୁଗ୍ଧ ସଂଘର ପରିଚାଳନା ବୋର୍ଡର ସମସ୍ତ ସଦସ୍ୟା ହେଉଛନ୍ତି ମହିଳା । ମହିଳାମାନେ କିପରି ଦୁଗ୍ଧ ଚାଷରେ ଆଗୁଆ ରହି ପରିବାରର ଆୟ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ଏହା ହେଉଛି ଏକ ଜ୍ୱଳନ୍ତ ଉଦାହରଣ ।

କନ୍ଧମାଳ, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲ୍ଲାର ସ୍ୱୟଂସହାୟକ ଗୋଷ୍ଠୀମାନେ ସିଆଳି ପତ୍ର ଓ ଶାଳପତ୍ର ସଂଗ୍ରହ କରି ଖଲିପତ୍ର ପ୍ରସ୍ତୁତ କରୁଛନ୍ତି । ଏହି ଖଲିପତ୍ରକୁ ରାଜ୍ୟ ମଧ୍ୟରେ ବିକିବା ପରେ ଏବେ ଜର୍ମାନୀ ଦେଶକୁ ରପ୍ତାନି କରୁଛନ୍ତି । ଜର୍ମାନୀରେ ଏହି ଖଲିପତ୍ରର ଚାହିଦା ବେଶ୍ ଅଛି । ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ପ୍ଲାଷ୍ଟିକ୍ ଥାଳିରେ ଖାଇବା ପରେ ତାକୁ ନଷ୍ଟ କରିବା ସହଜ ହେଉ ନାହିଁ ଓ ତାହା ପରିବେଶକୁ ଦୂଷିତ କରୁଛି । କିନ୍ତୁ ସିଆଳିପତ୍ର ଓ ଶାଳପତ୍ରରେ ପ୍ରସ୍ତୁତ ଖଲିରେ ଖାଇବା ପରେ ତାକୁ ଫୋପାଡ଼ି ଦେଲେ ତାହା ଜୈବିକ ପ୍ରକ୍ରିୟାରେ ଆପଣା ଛାଏଁ ପଚି ନଷ୍ଟ ହୋଇଯାଉଚି ଯାହା ପରିବେଶକୁ ଦୂଷିତ କରୁନାହିଁ । ଏଥିପାଇଁ ଖଲିପତ୍ରର ଚାହିଦା ଦିନକୁ ଦିନ ବିଦେଶରେ ବୃଦ୍ଧି ପାଉଛି । ଏହିପରି ଅନେକ ବୃତ୍ତି ଅଛି, ଯାହାକୁ ମହିଳା ସ୍ୱୟଂସେବକ ଗୋଷ୍ଠୀମାନେ ଆପଣେଇ ନିଜ ନିଜ ପରିବାରର ଆୟ ବୃଦ୍ଧି କରିପାରିବେ । ଆମ ରାଜ୍ୟର କନ୍ଧମାଳ ଜିଲ୍ଲାର ଜୈବିକ

ପ୍ରଣାଳୀରେ ଚାଷ ହେଉଥିବା ହଳଦୀର ଚାହିଦା କେବଳ ଦେଶ ମଧ୍ୟରେ ନୁହେଁ ବିଦେଶରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆମର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ହଳଦୀଗୁଣ୍ଡ ପ୍ରସ୍ତୁତ କରିପାରିବେ ଆଧୁନିକ ଛୋଟଛୋଟ ହଳଦୀଗୁଣ୍ଡ ପ୍ରସ୍ତୁତ ମେସିନ୍ ସାହାଯ୍ୟରେ । ଆଧୁନିକ କାରିଗରୀ କୌଶଳକୁ ଉପଯୋଗ କରି ପ୍ୟାକେଜିଂ କରି ବିଦେଶକୁ ରପ୍ତାନି କରିପାରିବେ ଏବଂ ଅନ୍ୟ ରାଜ୍ୟକୁ ମଧ୍ୟ ରପ୍ତାନି କରି ପାରିବେ । ନୟାଗଡ଼ ଅଞ୍ଚଳରେ ଉତ୍ପାଦନ ହେଉଥିବା ମୁଗର ଚାହିଦା ସାରା ଓଡ଼ିଶାରେ ଅଛି । ଏହି ନୟାଗଡ଼ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀମାନେ ମୁଗ ଅମଳ ସମୟରେ ମୁଗ ସଂଗ୍ରହ କରି ଛୋଟଛୋଟ ଡାଲି ମିଲ୍ ସାହାଯ୍ୟରେ ଚୋପ ଛଡ଼ାଇ ପ୍ୟାକେଜିଂ କରି ରାଜ୍ୟ ମଧ୍ୟରେ ଓ ରାଜ୍ୟ ବାହାରେ ମଧ୍ୟ ବିକ୍ରି କରିପାରିବେ । କିନ୍ତୁ ସଦାବେଳେ ମନେ ରଖିବାକୁ ହେବ ଯେ ଏହି ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ଉଚ୍ଚମାନର ଦ୍ରବ୍ୟ ପ୍ରସ୍ତୁତ କରିବେ ଯେପରି ଅପମିଶ୍ରଣ, ଓଜନ ଓ ପ୍ୟାକେଜିଂ ସମ୍ବନ୍ଧରେ କୌଣସି ଅଭିଯୋଗ ନ ଆସେ । ଆଦିବାସୀ ବହୁଳ ଅଞ୍ଚଳରେ କାନ୍ଦୁଲ ଚାଷ ହୁଏ ଏବଂ ଏହା ସାଧାରଣତଃ ଜୈବିକ ପ୍ରଣାଳୀରେ ଚାଷ ହୁଏ । ଏହି କାନ୍ଦୁଲରୁ ଡାଲି ପ୍ରସ୍ତୁତ କରି ବିକ୍ରି କରିପାରିବେ ସ୍ୱୟଂସହାୟକ ଗୋଷ୍ଠୀମାନେ । କଳାହାଣ୍ଡି ଜିଲ୍ଲାରେ ପଣସ ଓ ସପୁରୀ ପ୍ରଚୁର ପରିମାଣରେ ଉତ୍ପାଦନ ହୁଏ । ଏଥିରୁ ସ୍କ୍ୱାସ୍ ପ୍ରସ୍ତୁତ କରି ମଧ୍ୟ ବିକ୍ରି କରାଯାଇପାରେ । ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟକୁ ବିଚାରକୁ ନେଇ ଏବଂ ବଜାରର ଚାହିଦାକୁ ଚାହିଁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କୁଟୀରଶିଳ୍ପ ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠିମାନେ ସ୍ଥାପନ କରିପାରିବେ । ଏହିପରି ବହୁତ ପ୍ରକାର କୃଷି ଆନୁଷଙ୍ଗିକ ବୃତ୍ତିକୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆପଣେଇନେଲେ ସେମାନଙ୍କର ଆୟ ବଢ଼ିବ ଏବଂ କୃଷକ ପରିବାରର ଆୟକୁ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିବ ।

ଉପରୋକ୍ତ ପୃଷ୍ଠଭୂମିରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ତାଲିମ ମାଧ୍ୟମରେ ଦକ୍ଷ କରି ସେମାନଙ୍କୁ କୃଷି ଓ କୃଷି ଆନୁସଙ୍ଗିକ ବୃତ୍ତି ଓ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଉତ୍ସାହିତ କରି ପାରିଲେ ଗ୍ରାମାଞ୍ଚଳରୁ ବେକାରୀ ଓ ଦାରିଦ୍ର୍ୟ ଦୂର ହେବ ଏବଂ ପ୍ରଧାନମନ୍ତ୍ରୀଙ୍କ ଘୋଷିତ ଲକ୍ଷ୍ୟ ୨୦୨୨ ମସିହା ସୁଦ୍ଧା କୃଷକ ପରିବାରର ଆୟ ଦ୍ୱିଗୁଣିତ ହୋଇପାରିବ ।

ଲେଖକ ଜଣେ ବରିଷ୍ଠ ସ୍ତମ୍ଭକାର ।

## ଡ଼ିଜେଲ ଓ ପେଟ୍ରୋଲ ଖୁଚୁରା ବିକ୍ରୟ କେନ୍ଦ୍ର

ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମାନଙ୍କ ଦ୍ୱାରା ଡ଼ିଜେଲ ଓ ପେଟ୍ରୋଲ ଖୁଚୁରା ବିକ୍ରୟ କେନ୍ଦ୍ର ପାଇଁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ପାଇଁ ସଂରକ୍ଷିତ ସ୍ଥାନ ଗୁଡ଼ିକରେ ଏହି ବର୍ଗର ଲୋକମାନଙ୍କ ପାଖରେ ଜମି ଉପଲବ୍ଧ ନ ଥିବାରୁ ସଂପୃକ୍ତ ବର୍ଗର ବ୍ୟକ୍ତିମାନଙ୍କୁ କେନ୍ଦ୍ର ଆବଣ୍ଟନ କରାଯାଇପାରୁ ନାହିଁ ବୋଲି ଏକ ସମୀକ୍ଷା ବୈଠକରୁ ଜଣାଯାଇଛି ।

ନୂଆଦିଲ୍ଲୀ ଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଜୁଲାଇ ମାସରେ ଏ ସମ୍ପର୍କରେ ସମୀକ୍ଷା କରିବା ପରେ କହିଛନ୍ତି ଯେ ଐତିହାସିକ ଭାବରେ ଦେଶର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନେ ଜମି ମାଲିକାନାରୁ ବଞ୍ଚିତ ଥିବା କାରଣରୁ ଏହି ସମସ୍ୟା ସୃଷ୍ଟି ହୋଇଛି । ଜମିର ଅଭାବ କାରଣରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବ୍ୟକ୍ତିବିଶେଷ ମାନେ ଯେପରି ଅସୁବିଧାର ସମ୍ମୁଖିନ ନ ହୁଅନ୍ତି ମନ୍ତ୍ରୀ ଶ୍ରୀ ପ୍ରଧାନ ଏଥିପାଇଁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କୁ ଚିଠି ଲେଖି ଏହି ବର୍ଗର ବ୍ୟକ୍ତି ବିଶେଷ ମାନଙ୍କ ପାଇଁ ସ୍ଥାନ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଏହି ଜାଗା ଗୁଡ଼ିକ ରିହାତି ମୂଲ୍ୟରେ ଯୋଗାଇ ଦେଲେ ତୈଳ ବିତରଣ କମ୍ପାନୀ ମାନେ ଆବଶ୍ୟକ ନିର୍ମାଣ କାର୍ଯ୍ୟ କରିବେ । ତୈଳ କମ୍ପାନୀ ମାନେ ଏହି ବର୍ଗର ବ୍ୟକ୍ତିବିଶେଷ ମାନଙ୍କୁ ବ୍ୟବସାୟ ଚଳାଇବା ପାଇଁ ଅର୍ଥ ଯୋଗାଇ ଦେବେ । ସାରା ଦେଶରେ ଏହି ବର୍ଗର ୩୭୪୫ ବ୍ୟକ୍ତି ବିଶେଷଙ୍କୁ ଏହି ସୁବିଧା ଯୋଗାଇ ଦିଆଗଲେ ସେମାନଙ୍କୁ ରୋଜଗାର ମିଳିବା ସହ ସେମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିବ ।

# ଘରୋଇ ହିଂସା ବିରୋଧରେ ନାରୀ ସଚେତନତା

**ସ୍ନିଗ୍ଧାରାଣୀ ପାଣିଗ୍ରାହୀ**

" **ଆହାକି** ସୁନ୍ଦର ଏ ଆମ ଘର, ଏ ଘର ଭିତର ସଫା ସୁତର"- ଏପରି ଏକ ବାକ୍ୟ ଯାହା ନିଜ ଘରର ଏକ ସୁସ୍ଥ ସୁନ୍ଦର ଚିତ୍ର ମନରେ ଆଙ୍କି ଥାଏ । ପ୍ରକୃତରେ କଣ ଘର ସମସ୍ତଙ୍କ ପାଇଁ ଏକ ସୁନ୍ଦର ନିରାପଦ ସ୍ଥାନ ହୋଇଥାଏ ? ଯଦି ଆମେ ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ଦେଖିବା ବିଶ୍ୱର ଅଧିକାଂଶ ରାଷ୍ଟ୍ରର ମହିଳା ଓ ବାଳିକାମାନେ ଘରୋଇ ବା ପାରିବାରିକ ହିଂସାରେ ପୀଡିତା ଅଟନ୍ତି । ପ୍ରକୃତ ପକ୍ଷରେ ଘରୋଇ ହିଂସା ଅଦୃଶ୍ୟ ଘରର ଚାରିକାନ୍ଥ ଭିତରେ ଏକ ମହିଳାକୁ ଦିଆଯାଉଥିବା ନିର୍ଯ୍ୟାତନା ଯାହା ଶାରୀରିକ, ମାନସିକ, ଅର୍ଥନୈତିକ ହିଂସା ହୋଇପାରେ । ଘରୋଇ ହିଂସାକୁ ଯୁଗ ଯୁଗ ଧରି ନିରବରେ ଜୀବନର ଏକ ଅଙ୍ଗ ଭାବି ମହିଳାଟିଏ ସହି ଆସୁଥିଲା । ଏହା ଏକ ପୁରୁଷ ପ୍ରଧାନ ସମାଜର କୁତ୍ସିତ ଚିନ୍ତାଧାରା ଯେ ମହିଳାମାନେ ପୁରୁଷଙ୍କ ସମକକ୍ଷ ନୁହନ୍ତି ଏବଂ ତାଙ୍କୁ ଶାସନ କରିବାକୁ ହେଲେ ବ୍ଲାକ୍‌ଷ୍ଟୋନ୍‌ଙ୍କ ମତାନୁଯାୟୀ "Women are to be bitten by thumb like stick" ଜଣେ ଭାରତୀୟ ସନ୍ଥଙ୍କ ମତରେ ମଧ୍ୟ ଢୋଲ, ଶୁଦ୍ର, ପଶୁ, ନାରୀ ମାଡ ଖାଇବା ପାଇଁ ଯୋଗ୍ୟା ।

ମିଳିତ ଜାତିସଙ୍ଘର ଉଦ୍ୟମ ଫଳରେ ସଦସ୍ୟ ରାଷ୍ଟ୍ରମାନେ ମହିଳାମାନଙ୍କ ଅଧିକାର ସ୍ଥିତିରେ ଉନ୍ନତି ଓ ସୁରକ୍ଷା ନିମନ୍ତେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ତନ୍ମଧ୍ୟରୁ ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଥିବା ଅସମାନତା ଦୁରୀକରଣ ନିମନ୍ତେ ପ୍ରଣୟନ ହୋଇଥିବା ୧୯୭୯ର ଚୁକ୍ତି ଅନ୍ୟତମ ।

ପ୍ରଣୀତ ହୋଇଥିବା ଚୁକ୍ତିର କାର୍ଯ୍ୟକାରିତା ସର୍ମ୍ପକରେ ଆଲୋଚନା ବା ବିଚାର ବିମର୍ଶ ପାଇଁ ଅନେକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତତ୍ ମଧ୍ୟରୁ ଭିଏନା ରାଜିନାମା ୧୯୯୪ଏବଂ ବେଜିଂ ଘୋଷଣା ଓ ପ୍ଲାଟଫର୍ମ ଫର୍ ଏକ୍ସନ୍ ୧୯୯୫ ମହିଳାଙ୍କ ପ୍ରତି ହେଉଥିବା ଘରୋଇ ହିଂସାକୁ ମାନବିକ ଅଧିକାରର ଉଲ୍ଲଙ୍ଘନ ରୂପେ ବିବେଚନା କରିଥିଲେ । ଆଲୋଚନାର ନିର୍ଯ୍ୟାସ ଥିଲା "ଘରୋଇ ହିଂସା ଏକ ଅଦୃଶ୍ୟ ଘାତକ ସଦୃଶ" । କରଣ ଏହା ଘରର ଚାରିକାନ୍ଥ ଭିତରେ ସଂଘଠିତ ହୋଇଥାଏ । ଏହା ଦ୍ୱାରା ମହିଳାମାନଙ୍କର ମାନବିକ ଅଧିକାର କ୍ଷୁର୍ଣ୍ଣ ହୋଇଥାଏ ।

୨୦୦୦ ମସିହାରେ ଜାତିସଂଘର ଏକ ସ୍ୱତନ୍ତ୍ର ଅଧିବେଶନରେ ସଦସ୍ୟ ରାଷ୍ଟ୍ରମାନେ ବେଜିଂ ସମ୍ମଳନୀର ନିର୍ଯ୍ୟାସକୁ ଆଗେଇ ନେବା ପାଇଁ ଏକାଠି ହୋଇ ନିଷ୍ପତ୍ତି ନେଲେ ଯେ ଚୁକ୍ତି ସ୍ୱାକ୍ଷରକାରୀ ରାଷ୍ଟ୍ରମାନେ ନିଜ ଦେଶର ଆଇନରେ ଉପଯୁକ୍ତ ପରିବର୍ତ୍ତନ ଆଣିବେ ଏବଂ ଘରୋଇ ହିଂସାର ଶିକାର ସ୍ତ୍ରୀ ଜାତିକୁ ସୁରକ୍ଷା ଦେବା ପାଇଁ ନୂତନ ଆଇନ ପ୍ରଣୟନ କରିବେ । ଫଳ ସ୍ୱରୁପ ଏକ ଯୁଗାନ୍ତକାରୀ ଆଇନ, ଘରୋଇ ହିଂସା ନିରାକରଣ ଆଇନର ଆତ୍ମପ୍ରକାଶ ହେଲା।

ଓଡ଼ିଶା ମହିଳା କମିଶନରେ ମୋର କାର୍ଯ୍ୟ କାଳ ମଧ୍ୟରେ ଏକ ଅଭିଜ୍ଞତା (ଘରୋଇ ହିଂସା ନିରାକରଣ ଆଇନ ପୂର୍ବର ଘଟଣା) ଉଲ୍ଲେଖ କରିବାକୁ ଚାହୁଁଛି। ଜଣେ ମହିଳା ତାଙ୍କ ସ୍ୱାମୀ ଓ ତାଙ୍କ ପରିବାର ବିରୁଦ୍ଧରେ ନିର୍ଯ୍ୟାତନା ଅଭିଯୋଗ ନିକଟସ୍ଥ ଥାନାରେ କରିଥିଲେ । ଫଳ ସ୍ୱରୁପ ସେମାନଙ୍କ ବିରୁଦ୍ଧରେ IPC ୪୯୮ A ରେ କେସ ରୁଜୁ ହେଲା । ଅଭିଯୁକ୍ତମାନେ ସ୍ଥାନୀୟ ଅଦାଲତରୁ ଜାମିନରେ ଆସିଲେ, ତା ପରେ କିନ୍ତୁ ସେମାନେ ଉକ୍ତ ଅଭିଯୋଗକାରିଣୀଙ୍କୁ ଘରୁ ବାହାର କରିଦେଲେ । ମହିଳାଙ୍କ ଅଭିଯୋଗ ଅଦାଲତରେ ବିଚାରାଧିନ ଥାଇ ୪/୫ ବର୍ଷ ବିତି ଯାଇଥିଲା । ମହିଳା ଜଣକ ଆବେଗ ଭରା ସ୍ୱରରେ ଜଣାଇଲେ ମୁଁ ଥାନାକୁ ଯାଇଥିଲି ନିର୍ଯ୍ୟାତନାରୁ ସୁରକ୍ଷା ପାଇଁ, ବର୍ତ୍ତମାନ ମୁଁ ତ୍ରିଶଙ୍କୁ ଅବସ୍ଥାରେ ନିରାଶ୍ରୟା ହୋଇ ଭରଣ ପୋଷଣ ତଥା ଆଶ୍ରୟ ପାଇଁ ପର ଉପରେ ନିର୍ଭର ହୋଇ ଏକ ଦୟନୀୟ ଜୀବନ କାଟୁଛି ।

ଉପରୋକ୍ତ ଘଟଣା ଅନେକ ମଧ୍ୟରୁ ଗୋଟିଏ । ଏଠାରେ ଏହାର ଅବତରଣା କରିବା ଉଦ୍ଦେଶ୍ୟ ଏହିକି ଯେ ଆମ ଆଇନରେ ମହିଳାମାନଙ୍କ ପାଇଁ ପୂର୍ବରୁ ମଧ୍ୟ ଅନେକ ପ୍ରାବଧାନ ଅଛି କିନ୍ତୁ ତାହା ଏକ ନିର୍ଯ୍ୟାତିତା ମହିଳାର ଅଧିକାରକୁ ସାବ୍ୟସ୍ତ କରିବାରେ ଉପଯୁକ୍ତ ନଥିଲା ।

ତେଣୁ ସମସ୍ତ ଦିଗରୁ ବିଚାର କଲେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ ୨୦୦୫, ମହିଳାମାନଙ୍କ ଅଧିକାର ସୁରକ୍ଷିତ କରିବା ପାଇଁ ଏକ ଆର୍ଶିବାଦ ବା ଏକ ସାମାଜିକ ଆନ୍ଦୋଳନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏକାଧାରରେ ଏହା ଉଭୟ ଦେଓ୍ୱାନୀ ଓ ଫୌଜଦାରୀ ଆଇନର ଏକ ମିଶ୍ରଣ ।

**ଆଇନରେ ଥିବା ପ୍ରମୁଖ ବ୍ୟବସ୍ଥା**

ଏହି ଆଇନ ମୁଖ୍ୟତଃ ମହିଳାମାନଙ୍କର ତିନୋଟି ଅଧିକାରକୁ ସ୍ୱୀକୃତି ପ୍ରଦାନ କରିଛି।

- ହିଂସାମୁକ୍ତ ବାତାବରଣରେ ରହିବାର ଅଧିକାର ।
- ପରିବାରର ଅଶଂ ଭାବରେ ସେହି ଘରେ ରହିବାର ଅଧିକାର ।
- ଆଇନ ଅଧିନରେ ସୁରକ୍ଷା ପାଇବାର ଅଧିକାର ।

**ଘରୋଇ ହିଂସାର ପ୍ରକାର ଭେଦ:**

ଏହି ଆଇନରେ ଘରୋଇ ହିଂସାକୁ ଅତି ପ୍ରାଞ୍ଜଳ ଭାବେ ବୁଝାଯାଇଛି (ଧାରା୩) । ଘରୋଇ ହିଂସା ମଧ୍ୟରେ ଶାରୀରିକ ନିର୍ଯ୍ୟାତନା, ମାନସିକ ନିର୍ଯ୍ୟାତନା, ମୌଖିକ ଭାବେ ଅପମାନିତ କରିବା, ଯୌନଗତ ହିଂସା ଓ ଆର୍ଥିକ ଅତ୍ୟାଚାର ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ପାଇଁ ଆଇନରେ ସୁରକ୍ଷା ବ୍ୟବସ୍ଥା ରହିଛି ।

- ଶାରୀରିକ ହିଂସା :– ମାଡମାରିବା, ଚାପୁଡା ମାରିବା, ବାଡିରେ ପିଟିବା, କାମୁଡିବା, ଚିମୁଟିବା, ଠେଲିଦେବା ବା ଅନ୍ୟ ଉପାୟରେ ଶାରୀରିକ କ୍ଷତି ପହଞ୍ଚାଇବା ।
- ଯୌନଗତ ହିଂସା :- ଜୋର ଜବରଦସ୍ତ ଯୌନ ସର୍ମ୍ପକ ସ୍ଥାପନ, ଅଶ୍ଳୀଳ ଛବି ବା ବସ୍ତୁ ଦେଖିବାକୁ ବାଧ କରିବା, ଅନ୍ୟାନ୍ୟ ଯୌନଗତ କାର୍ଯ୍ୟ କରିବା ବା କରାଇବାକୁ ବାଧ କରିବା ଯାହା ମହିଳାଙ୍କ ସମ୍ମାନରେ ଆଞ୍ଚ ଆଣିବ ଇତ୍ୟାଦି ।
- ମୌଖିକ ଓ ମାନସିକ ହିଂସା :- ଦୁର୍ବ୍ୟବହାର/ଗାଳିଗୁଲଜ କରିବା, ଚରିତ୍ର ଉଦ୍ଦେଶ୍ୟରେ କହିବା, ଭର୍ତ୍ସନା, ଲାଂଛନା, ଯୌତୁକ ନ ଆଣିବା ବା କମ ଆଣିବା ପାଇଁ ଅପମାନ, ପୁତ୍ର ସନ୍ତାନ ଜନ୍ମ ନହେବାରୁ ଗାଳି କରିବା, ନିଜ ସନ୍ତାନକୁ ପାଖକୁ ନଛାଡିବା, କାହା ସହ ସାକ୍ଷାତ କରାଇ ନ ଦେବା, ନିଜ ଇଛା ବିରୁଦ୍ଧରେ ବିବାହ ପାଇଁ ବାଧ କରିବା ଇତ୍ୟାଦି ।
- ଅର୍ଥନୈତିକ ହିଂସା :- ସଂପୃକ୍ତ ମହିଳା ବା ତାଙ୍କ ସନ୍ତାନର ଭରଣ ପୋଷଣ ପାଇଁ ଆର୍ଥିକ ସହେଯାଗ ନ ଦେବା, ଖାଦ୍ୟ ବସ୍ତ୍ର, ଔଷଧ ନଦେବା, ଚାକିରୀ କରିବାକୁ ବାରଣ କରିବା ବା ଛାଡିବାକୁ ବାଧ କରିବା, ଦରମା/ଶ୍ରମ ମୂଲ୍ୟ ନେଇଯିବା, ଘରର କୌଣସି ଅଂଶ ବ୍ୟବହାର କରିବାକୁ ବାରଣ କରିବା, ଘରଭଡା ନଦେବା ଇତ୍ୟାଦି ।

**ଏହି ଆଇନର ବିଶେଷତ୍ୱ :-**

- ଏହା ଏକ ବିଶେଷ ଆଇନ ଯାହା ପାରିବାରିକ ଜୀବନରେ ମହିଳାଙ୍କର ଅଧିକାର ଓ ସମ୍ମାନକୁ ସୁରକ୍ଷା ପ୍ରଦାନ କରିଥାଏ ।
- ଏହି ଆଇନରେ ଘରୋଇ ହିଂସାକୁ ବିଷଦ୍ ଭାବରେ ବୁଝାଇ ଦିଆଯାଇଛି ।
- ଏହା ଦ୍ୱାରା ମହିଳାମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିଯାଇଛି ।
- କେବଳ ପତ୍ନୀ ନୁହଁନ୍ତି, ଘରେ ରହୁଥିବା ଅନ୍ୟାନ୍ୟ ମହିଳା ଯେପରି ମା, ଭଉଣୀ ଏବଂ ଏକ ଅବିବାହିତା ମହିଳା ଯଦି ଜଣେ ପୁରୁଷ ବନ୍ଧୁଙ୍କ ସହ ବୈବାହିକ ସର୍ମ୍ପକ ଭଳି ଏକତ୍ର ରହୁଥିବେ ତେବେ ସେ ମହିଳା ମଧ୍ୟ ଏହି ଆଇନର ପରିସର ଭୁକ୍ତ ।
- ଏହି ଆଇନ ବଳରେ ମହିଳାଟିକୁ ପରିବାରର ଅନ୍ୟମାନଙ୍କ ସହ ରହିବାର ଅଧିକାର (ସ୍ୱାମୀଙ୍କ ସହ /ଶାଶୁଘରେ)
- ମହିଳାଙ୍କ ସୁରକ୍ଷା ପାଇଁ "ସୁରକ୍ଷା ଅଧିକାରୀ" ନିଯୁକ୍ତି ବ୍ୟବସ୍ଥା ଅଛି । ଏହି ସୁରକ୍ଷା ଅଧିକାରୀ ମହିଳାଙ୍କୁ ତଥା କେସ ଚାଲୁଥିବା ସମୟରେ ଆବଶ୍ୟକ ମୁତାବକ ମାଜିଷ୍ଟ୍ରେଟଙ୍କୁ ସାହାଯ୍ୟ କରିବେ ।

**ଘରୋଇ ହିଂସା ନିରାକରଣ ଅଧିନିୟମରେ ଥିବା ଆଇନଗତ ବ୍ୟବସ୍ଥା:**

- ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅଭିଯୋଗକାରୀଣି ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ କରିବାପାଇଁ ଅପରପକ୍ଷମାନଙ୍କୁ ଆଦେଶ ।
- ମହିଳାଟିକୁ ବାସ ଗୃହରେ ରହିବାର ଅଧିକାର ଆଦେଶ।
- ମହିଳାଙ୍କୁ ଭରଣ ପୋଷଣ, ଔଷଧ ଖର୍ଚ୍ଚ, ଇତ୍ୟାଦିର ଆଦେଶ।
- ମାନସିକ ଏବଂ ଶାରୀରିକ ଆଘାତର କ୍ଷତିପୂରଣ ଆଦେଶ।
- କେସ ଶୁଣାଣୀ ପରେ ଅନ୍ତିମ ଆଦେଶ ପୂର୍ବରୁ ଅଦାଲତ ମଧ୍ୟବର୍ତ୍ତିକାଳୀନ ଆଦେଶ ପ୍ରଦାନ କରିପାରନ୍ତି ।
- ଜଣେ ଭାରତୀୟ ମହିଳା ମାଗଣା ଆଇନ ସହାୟତା ପାଇବା ପାଇଁ ହକଦାର।

ଏହି ଆଇନର ଅନ୍ୟ ଏକ ବିଶେଷତ୍ୱ ଯାହା ଧାରା ୧୧ରେ ଉଲ୍ଲେଖ ଅଛି :-

କ) ଏହି ଆଇନ ବିଷୟରେ ସଚେତନତା ସୃଷ୍ଟି କରିବାପାଇଁ ଲଗାତାର ଭାବେ ବିଭିନ୍ନ ପ୍ରକାର ଗଣ ମାଧମ ଦ୍ୱାରା ପ୍ରଚାର ପ୍ରସାର କରିବା ଆବଶ୍ୟକ ।

(ଖ) ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରୀ କର୍ମଚାରୀ, ପୋଲିସ କର୍ମଚାରୀ, ଆଇନ ବିଭାଗ ବିଚାରପତି, ଓକିଲ ସମସ୍ତଙ୍କର ନିୟମିତ ବ୍ୟବଧାନରେ ଏହି ଆଇନ ପ୍ରତି ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପାଇଁ ଟ୍ରେନିଂ ବ୍ୟବସ୍ଥା ।

(ଗ) ସମସ୍ତ ସରକାରୀ ବିଭାଗମାନଙ୍କ ଯଥା; ଗୃହ, ମହିଳା ଓ ଶିଶୁ, ସ୍ୱାସ୍ଥ୍ୟ, ଆଇନ, ପଞ୍ଚାୟତିରାଜ ବିଭାଗମାନଙ୍କ

ମଧ୍ୟରେ ଉପଯୁକ୍ତ ସମନ୍ୱୟ ।

ଉକ୍ତ ନିୟମାବଳୀ ଆଧାରରେ ଓଡିଶା ସରକାର ତାଙ୍କର ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଆଇନ ଉପରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ ଜାରି ରହିଛି । ସେଥିମଧ୍ୟରୁ ଏହି ଆଇନକୁ କାର୍ଯ୍ୟକାରୀ କରାଇବା ଦିଗରେ ପ୍ରତ୍ୟକ୍ଷ ଭୂମିକା ଥିବା ସମସ୍ତ ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ସୁରକ୍ଷା ଅଧିକାରୀ, ସହାୟତା ପ୍ରଦାନକାରୀ ଆଦିମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଟ୍ରେନିଂ ବ୍ୟବସ୍ଥା, ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ମହିଳା ଶିଶୁ ବିକାଶ ବିଭାଗର ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର, ରାଜ୍ୟ ମହିଳା କମିଶନ ଓ ଆଇନ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

ଏହା ନିଶ୍ଚିତ ଯେ ଏପରି ବ୍ୟାପକ ସଚେତନତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ରାଜ୍ୟର ମହିଳାମାନଙ୍କର ନିଜର ଅଧିକାର ଏବଂ ଆଇନ ଉପରେ ବିଶ୍ୱାସ ସୃଷ୍ଟି କରିବା ସହ ତାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଛି ।

ଏ ବାବଦରେ ଆମେ ଯଦି ୨୦୧୪ ଏବଂ ୨୦୧୫ ମସିହାର ଏକ ପରିସଂଖ୍ୟାନକୁ ତର୍ଜମା କରିବା ତେବେ ତାହା ସହଜରେ ବୁଝିହେବ । ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର ତରଫରୁ ପ୍ରକାଶିତ ଏକ ପରିସଂଖ୍ୟାନରୁ ଏହା ସ୍ପଷ୍ଟ ଯେ ସରକାରଙ୍କର କ୍ରମାଗତ ଚେଷ୍ଟା ଫଳରେ ଘରୋଇ ହିଂସାକୁ ପ୍ରତିରୋଧ କରିବାକୁ ମହିଳାମାନେ ଆଗକୁ ଆସୁଛନ୍ତି ଏବଂ ଏହି ଆଇନର ସହାୟତା ଲୋଡୁଛନ୍ତି ।

ଏଠାରେ ପ୍ରଦତ୍ତ ଟେବୁଲରେ କେବଳ ସୁରକ୍ଷା ଅଧିକାରୀମାନଙ୍କ ଦ୍ୱାରା ରୁଜୁ ହୋଇଥିବା କେସ ସଂପର୍କରେ ଉଲ୍ଲେଖ ଅଛି। ଏହା ବାଦ ଅନ୍ୟ ମାଧ୍ୟମରେ ମଧ୍ୟ କେସ ରୁଜୁ ହୋଇପାରିବ । ତେଣୁ ଏହି ସଂଖ୍ୟା ପରିବର୍ତ୍ତନୀୟ ଅଟେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୂର୍ବରୁ ଯେପରି ସମସ୍ତ ନିର୍ଯ୍ୟାତନା କେସ ପିଙ୍ଗଳ କୋଡ୍ ଧାରା ୪୯୮(ଇ)ରେ ରୁଜୁ ହେଉଥିଲା ଏବଂ ଯେଉଁଥିରେ ଦୋଷୀ ତ ଦଣ୍ଡ ପାଉଥିଲା କିନ୍ତୁ ମହିଳାଟିକୁ ଦୁର୍ଦ୍ଦଶାରୁ ରକ୍ଷା କରିବାକୁ ଆଇନରେ କୌଣସି ପ୍ରାବଧାନ ନଥିଲା । ତେଣୁ ମହିଳାଙ୍କ ମଧ୍ୟରେ ଘରୋଇ ହିଂସା ନିରାକରଣ ଅଧିନିୟମ ବେଶ ଗ୍ରହଣୀୟ ହୋଇପାରିଛି । ଶେଷରେ ଏହା କୁହାଯାଇପାରିବ "ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ ୨୦୧୫" ମହିଳାଙ୍କ ମାନବିକ ଅଧିକାର ସାବ୍ୟସ୍ତ କରିବା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ।

**ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ରଜୁ କରାଯାଇଥିବା କେସ-୨୦୧୪**

| କ୍ରମିକ ନମ୍ବର | ଜିଲ୍ଲା | ସଂଖ୍ୟା |
|---|---|---|
| ୧ | ଅନୁଗୋଳ | ୧୪ |
| ୨ | ବାଲେଶ୍ୱର | ୧୧ |
| ୩ | ବରଗଡ | ୧୫ |
| ୪ | ଭଦ୍ରକ | ୭୬ |
| ୫ | ବଲାଙ୍ଗିର | ୫ |
| ୬ | ବୌଦ୍ଧ | ୧ |
| ୭ | କଟକ | ୨୧୩ |
| ୮ | ଦେବଗଡ | ୧୬ |
| ୯ | ଢେଙ୍କାନାଳ | ୩୨ |
| ୧୦ | ଗଜପତି | ୮ |
| ୧୧ | ଗଞ୍ଜାମ | ୧୯ |
| ୧୨ | ଜଗତ୍‌ସିଂପୁର | ୧୯ |
| ୧୩ | ଯାଜପୁର | ୧୪ |
| ୧୪ | ଝାରସୁଗୁଡ଼ା | ୨୮ |
| ୧୫ | କଳାହାଣ୍ଡି | ୪ |

| | | |
|---|---|---|
| ୧୬ | କନ୍ଧମାଳ | ୫ |
| ୧୭ | କେନ୍ଦ୍ରାପଡ଼ା | ୧୭ |
| ୧୮ | କେନ୍ଦୁଝର | ୫୬ |
| ୧୯ | ଖୋର୍ଦ୍ଧା | ୧୨୮ |
| ୨୦ | କୋରାପୁଟ | ୨୪ |
| ୨୧ | ମାଲକାନ୍‌ଗିରି | ୧୬ |
| ୨୨ | ମୟୁରଭଂଜ | ୩୭ |
| ୨୩ | ନବରଙ୍ଗପୁର | ୩୬ |
| ୨୪ | ନୟାଗଡ଼ | ୫୧ |
| ୨୫ | ନୂଆପଡ଼ା | ୪ |
| ୨୬ | ପୁରୀ | ୬ |
| ୨୭ | ରାୟଗଡ଼ା | ୩ |
| ୨୮ | ସମ୍ବଲପୁର | ୫ |
| ୨୯ | ସୁବର୍ଣ୍ଣପୁର | ୩ |
| ୩୦ | ସୁନ୍ଦରଗଡ଼ | ୫ |
| | **ସମୁଦାୟ** | **୮୯୧** |

| **ବର୍ଷ-୨୦୧୫** | | |
|---|---|---|
| **କ୍ରମିକ** | **ଜିଲ୍ଲା** | **ସଂଖ୍ୟା** |
| ୧ | ବାଲେଶ୍ୱର | ୧୯୭ |
| ୨ | କଟକ | ୧୯୧ |
| ୩ | ଖୋର୍ଦ୍ଧା | ୭୬ |
| ୪ | କେନ୍ଦୁଝର | ୪୮ |
| ୫ | ଭଦ୍ରକ | ୪୫ |
| ୬ | ଗଞ୍ଜାମ | ୪୩ |
| ୭ | କୋରାପୁଟ | ୪୨ |
| ୮ | ପୁରୀ | ୪୨ |
| ୯ | ବଲାଙ୍ଗିର | ୪୦ |
| ୧୦ | ମୟୁରଭଂଜ | ୩୫ |
| ୧୧ | ଅନୁଗୋଳ | ୩୪ |
| ୧୨ | ଝାରସୁଗୁଡ଼ା | ୩୪ |
| ୧୩ | କେନ୍ଦ୍ରାପଡ଼ା | ୩୨ |
| ୧୪ | ଢେଙ୍କାନାଳ | ୨୮ |
| ୧୫ | ଦେବଗଡ଼ | ୨୬ |

| | | |
|---|---|---|
| ୧୬ | ବରଗଡ଼ | ୨୫ |
| ୧୭ | ଯାଜପୁର | ୨୧ |
| ୧୮ | କଳାହାଣ୍ଡି | ୧୮ |
| ୧୯ | ନୂଆପଡ଼ା | ୧୮ |
| ୨୦ | ନୟାଗଡ଼ | ୧୬ |
| ୨୧ | ନବରଙ୍ଗପୁର | ୧୩ |
| ୨୨ | ଜଗତ୍‌ସିଂପୁର | ୧୨ |
| ୨୩ | ସୁବର୍ଣ୍ଣପୁର | ୧୧ |
| ୨୪ | ମାଲକାନ୍‌ଗିରି | ୯ |
| ୨୫ | ସୁନ୍ଦରଗଡ | ୯ |
| ୨୬ | ସମ୍ବଲପୁର | ୭ |
| ୨୭ | କନ୍ଧମାଳ | ୧୦ |
| ୨୮ | ଗଜପତି | ୫ |
| ୨୯ | ବୌଦ୍ଧ | ୦ |
| ୩୦ | ରାୟଗଡ଼ା | ୦ |
| | **ସମୁଦାୟ** | **୧୦୮୭** |

**ସୌଜନ୍ୟ :- ରାଜ୍ୟ ମହିଳା ସମ୍ବଳ କେନ୍ଦ୍ର  ରାଜ୍ୟ ମହିଳା କମିଶନ,ଓଡିଶା**

| କ୍ରମ ସଂଖ୍ୟା | ବର୍ଷ | ରୁଜୁ ହୋଇଥିବା ମାମଲା | ଆପୋଷ ସମାଧାନ | ପୋଲିସ ପାଖକୁ ପଠାଇଯାଇଥିବା | ଆଇନ ସହାୟତା ପାଇଁ | ସୁରକ୍ଷା ଅଧିକାରୀ ପାଖକୁ |
|---|---|---|---|---|---|---|
| ୦୧. | ୨୦୧୦-୧୧ | ୨୭୧୯ | ୮୧୨ | ୭୩୨ | ୧୨୬ | ୯୮ |
| ୦୨. | ୨୦୧୧-୧୨ | ୨୬୮୯ | ୧୪୪୪ | ୯୭୪ | ୧୫୮ | ୧୮୬ |
| ୦୩. | ୨୦୧୨-୧୩ | ୩୨୭୮ | ୨୩୬୩ | ୯୮୨ | ୧୨୩ | ୧୩୮ |
| ୦୪. | ୨୦୧୩-୧୪ | ୩୫୪୦ | ୨୭୮୧ | ୧୧୦୬ | ୧୨୧ | ୨୭୯ |
| ୦୫. | ୨୦୧୪-୧୫ | ୩୨୫୦ | ୨୧୪୬ | ୧୨୫୬ | ୧୬୧ | ୩୧୧ |
| ୦୬. | ୨୦୧୫ ଡ଼ିସେମ୍ବର | ୨୬୪୭ | ୨୧୯୬ | ୮୫୮ | ୮୮ | ୨୦୫ |

ଲେଖିକା ଓଡ଼ିଶା ମହିଳା ଆୟୋଗର ପୂର୍ବତନ ସଦସ୍ୟା ।

।

# ମହିଳା ସଶକ୍ତିକରଣର ଏକ ଆଲୋକିତ ଅଧ୍ୟାୟ : ଉଜ୍ଜ୍ୱଳା

ନମ୍ରତା ଚଡ୍ଢା

ସ୍ୱନାମଧନ୍ୟ ସାହିତ୍ୟିକ ଫକୀର ମୋହନଙ୍କ ରେବତୀର କାହାଣୀ ଓଡ଼ିଶାରେ ବେଶ ଜଣାଶୁଣା । ହିନ୍ଦୀ ସାହିତ୍ୟରେ ପ୍ରେମଚାନ୍ଦ ଗପ ଏବଂ ସାହିତ୍ୟକୁ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ରାଜା ରାଜୁଡ଼ାଙ୍କଠାରୁ ବାହାର କରି ସାଧାରଣ ଗରୀବ ଲୋକର କଥାକୁ ସାହିତ୍ୟ ମାଧ୍ୟମରେ ସମାଜର ଆଗଧାଡ଼ିକୁ ଆଣିଥିଲେ । ସେଥିପାଇଁ ପ୍ରେମଚାନ୍ଦଙ୍କ ବିଶେଷ ମାନ୍ୟତା ରହିଛି । ପ୍ରେମଚାନ୍ଦଙ୍କର ବହୁ ବର୍ଷ ପୂର୍ବରୁ ଫକୀର ମୋହନଙ୍କ ଓଡ଼ିଆ ସାହିତ୍ୟ ଏମିତି ଅନେକ ସାଧାରଣ ଲୋକଙ୍କ ଜୀବନର କାହାଣୀକୁ ଜୀବନ୍ତ କରି ସମାଜର ନିଛକ ସତ୍ୟକୁ ସମାଜ ଆଗରେ ଉପସ୍ଥାପିତ କରିଥିଲେ ।

ମଙ୍ଗରାଜେ, ଭଗିଆ, ସାରିଆ ପରି ରେବତୀ ଓଡ଼ିଆ ସାହିତ୍ୟର ଏକ ଜୀବନ୍ତ ଚରିତ୍ର । ଫକୀର ମୋହନ ତାଙ୍କର ସାହିତ୍ୟକୃତି ରେବତୀରେ, ରେବତୀ ଚରିତ୍ର ମାଧ୍ୟମରେ ମହିଳାମାନଙ୍କ ପ୍ରତି ଥିବା ହେୟଜ୍ଞାନ ଭାବନାକୁ ପ୍ରତିଫଳିତ କରିଥିଲେ । ସ୍କୁଲକୁ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଝିଅଟିକୁ ‘ ଝିଅ ପାଠ ପଢ଼ିବା ପାଇଁ ନୁହେଁ ବରଂ ଲୋ ରେବୀ, ଲୋ ନିଆଁ, ଲୋ ଚୁଲୀ’ ଭାବରେ ସମ୍ବୋଧନ କରି ଝିଅମାନେ କେବଳ ଚୁଲୀ ମୁଣ୍ଡ ପାଇଁ ବୋଲି ସାମାଜିକ ଧାରଣା ପ୍ରତି ଫକୀର ମୋହନ କଟାକ୍ଷ କରିଥିଲେ ।

ସମାଜ ଏହା ମଧ୍ୟରେ ଅନେକ ପରିବର୍ତ୍ତନ ଦେଇ ଗତି କଲାଣି । ମହିଳା ପୁରୁଷ ସହ କାନ୍ଧରେ କାନ୍ଧ ମିଳାଇ ବହୁ ଆଗକୁ ବଢ଼ିଲାଣି । ଶିକ୍ଷା, ଚାକିରୀ, ଜୀବନ ଜୀବିକା, ସବୁ ଥିରେ ମହିଳା ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରି ସାରିଛି ।

ଘରେ ରୋଷେଇ କରିବା, ପିଲାମାନଙ୍କର ଯତ୍ନ ନେବା ଜଣେ ମା’ର କର୍ତ୍ତବ୍ୟ । ମାତ୍ର ମହିଳା ଜୀବନରେ ସବୁ ସ୍ଥାନରେ ପରିବର୍ତ୍ତନ ଆସିଥିଲେ ମଧ୍ୟ ଆଜି ଦେଶ ଓ ରାଜ୍ୟରେ ମହିଳାମାନେ ମୁଖ୍ୟତଃ କାଠ, ଘସି ଇତ୍ୟାଦିରେ ରୋଷେଇ କରୁଥିବା କାରଣରୁ ସେମାନଙ୍କ ସମୟ ଓ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ଭାରତ ସରକାର ଏବେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଛନ୍ତି । ୨୦୧୧ ମସିହାର ସାମାଜିକ-ଆର୍ଥିକ ଜାତି ଆଧାରିତ ଜନଗଣନା ଆଧାରରେ ଆର୍ଥିକ ଦୃଷ୍ଟିରୁ ପଛୁଆ ପରିବାରର ମହିଳାମାନଙ୍କ ପାଇଁ ବିନା ମୂଲ୍ୟରେ ରୋଷଇ ଗ୍ୟାସ୍ ସଂଯୋଗ ଯୋଗାଇ ଦେବପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି ।

ଏପର୍ଯ୍ୟନ୍ତ ରୋଷେଇ ଗ୍ୟାସ୍ ସବୁ ଗାଁ ଗଣ୍ଡାରେ ପହଞ୍ଚି ପାରିନାହିଁ । କାଠ, ଗୋବର ଘସି, କିରୋସିନି, କୋଇଲା ବ୍ୟବହାର କାରଣରୁ ଭାରତର ମହିଳା ଓ ପିଲାମାନେ ବିଭିନ୍ନ ଗୁରୁତର ରୋଗର ଶୀକାର ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି । ଏହି ସଂସ୍ଥାର ଆକଳନ ଅନୁସାରେ ଭାରତରେ ବାର୍ଷିକ ପାଞ୍ଚ ଲକ୍ଷରୁ ଅଧିକ ମହିଳା ଘରୋଇ ରୋଷେଇ ଧୂଆଁ ଜନିତ ରୋଗ କାରଣରୁ ମୃତ୍ୟୁ ବରଣ କରିଥାନ୍ତି । ଏହାଛଡ଼ା ଏହି ସଂଖ୍ୟାଠାରୁ ବହୁ ଅଧିକ ମହିଳା ଶ୍ୱାସ ପ୍ରଶ୍ୱାସ ଜନିତ ରୋଗର ଶୀକାର ହୋଇଥାନ୍ତି । ଘରୋଇ ଧୁଆଁ କାରଣରୁ କମ୍ ବୟସର ପିଲାମାନେ ଫୁସ୍‌ଫୁସ୍ ଜନିତ ରୋଗର ଶୀକାର ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ପଷ୍ଟ କରିଛି ଯେ ଶରୀର ଉପରେ ଚାରି ଶହ ସିଗାରେଟର ଧୂଆଁର ପ୍ରଭାବ ଯାହା, କାଠ ଚୁଲୀ ଜନିତ ଧୂଆଁର ପ୍ରଭାବ ମଧ୍ୟ ସେଇଆ । ବୈଜ୍ଞାନିକମାନଙ୍କର ତଥ୍ୟ ଅନୁସାରେ କାଠଚୁଲୀରୁ ବାହାରୁ ଥିବା ଧୂଆଁ କ୍ଷତିକାରକ କାର୍ବନ ମନୋସ୍କାଇଡ୍ ଓ ଅନ୍ୟାନ୍ୟ ବିଷାକ୍ତ ଧୂଆଁ ସୃଷ୍ଟି କରିଥାଏ ଯାହା ଫୁସ୍‌ଫୁସ୍ କ୍ୟାନସର, ହୃଦ୍‌ରୋଗ ଓ ଦୁରାରୋଗ୍ୟ ଫୁସ୍‌ଫୁସ୍ ଜନିତ ରୋଗମାନ ହୋଇଥାଏ ।

ସ୍ୱାଧୀନତାରୁ ଏ ପର୍ଯ୍ୟନ୍ତ ମହିଳାମାନଙ୍କର ସବୁଠୁ ବଡ଼ ଚିନ୍ତା ଓ ସମସ୍ୟା ବାରୋ ମାସରେ ରୋଷେଇ ତଥା ତଦଜନିତ ରୋଗରୁ ମୁକ୍ତି । ଏଥିପାଇଁ ପ୍ରଧାମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଏକ ସମୟ ଉପଯୋଗୀ ତଥା ଯୁଗାନ୍ତକାରୀ ସରକାରୀ ନିଷ୍ପତ୍ତି ବୋଲି କହିଲେ ଭୁଲ ହେବ ନାହିଁ ।

ସାରା ଦେଶ ତଥା ଆମ ରାଜ୍ୟର ଗରୀବ ମହିଳାମାନେ କାଳ ବିଳମ୍ବ ନ କରି ଏହି ସୁବର୍ଣ୍ଣ ସୁଯୋଗର ହିତାଧିକାରୀ ବନିବା ଅତ୍ୟନ୍ତ ଜରୁରୀ । ଆଗାମୀ ତିନି ବର୍ଷ ଭିତରେ ଦେଶର ପାଞ୍ଚ କୋଟି ଗରୀବ ପରିବାରଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ୮ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିବାର ଯୋଜନା କରିଛନ୍ତି । ଓଡ଼ିଶା ଭଳି ରାଜ୍ୟ ଯେଉଁଠି ରୋଷେଇ ଗ୍ୟାସ୍ ପରିବାରରେ ପହଞ୍ଚିବାର ହାର କମ୍, ସେସବୁ ରାଜ୍ୟର ଆଗ୍ରହୀ ହିତାଧିକାରୀମାନଙ୍କୁ ପ୍ରାଥମିକତା ଦେଇ ତୁରନ୍ତ ରୋଷେଇ ଗ୍ୟାସ୍

ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଯୋଜନା କରାଯାଇଛି ।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ମହିଳାମାନେ ସମାଜରେ ସଶକ୍ତ ହୋଇ ପାରିବେ । ଏଲପିଜି ବିତରକଠାରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ହେଉ ବା ଇଂଟରନେଟ୍‌ରୁ ଡାଉନ୍‌ଲୋଡ୍ କରି, ସେଥିରେ ଆଧାର ନମ୍ବର, ବ୍ୟାଙ୍କ୍ ଜମା ଖାତା ନମ୍ବର ପୂରଣ କରି ବିତରକଙ୍କ ପାଖରେ ଦାଖଲ କରିବାକୁ ପଡ଼ିବ । ସାମାଜିକ,ଆର୍ଥିକ ଓ ଜାତିଗତ ଜନଗଣନା ଆଧାରରେ ଯଦି ଆବେଦନକାରୀ ଯୋଗ୍ୟ ପ୍ରମାଣିତ ହୁଅନ୍ତି ତେବେ ସେମାନଙ୍କୁ ତୁରନ୍ତ ଗ୍ୟାସ୍ ସଂଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

ହିତାଧିକାରୀଙ୍କ ପାଇଁ ସିଲିଣ୍ଡର ସିକ୍ୟୁରିଟି ରାଶି, ରେଗୁଲେଟର ସିକ୍ୟୁରିଟି ରାଶି, ସୁରକ୍ଷା ହୋଜ୍ ପାଇପ୍ ୯୧.୨ ମିଟର, ଗ୍ୟାସ୍ ପାସବୁକ୍ ମୂଲ୍ୟ, ପ୍ରଶାସନିକ ଖର୍ଚ୍ଚ ସରକାର ନିଜେ ବହନ କରୁଛନ୍ତି । ଉଜ୍ଜ୍ୱଳା ମଡେଲ ଗ୍ୟାସ୍ ଚୁଲା ଓ ପ୍ରଥମ ରିଫିଲ ଗ୍ୟାସ୍‌ର ଉପଯୁକ୍ତ ମୂଲ୍ୟ ଦେଇ ହିତାଧିକାରୀମାନେ କ୍ରୟ କରି ପାରିବେ । ଆବଶ୍ୟକ ସ୍ଥଳେ ପ୍ରଥମ ଥର ଗ୍ୟାସ୍ ଭର୍ତି ମୂଲ୍ୟ ତଥା ଉଜ୍ଜ୍ୱଳା ମଡେଲ ଗ୍ୟାସ୍ ଚୁଲା ଯାହାର ମୂଲ୍ୟ ବର୍ତମାନ ପାଇଁ ଏକ ହଜାର ଟଙ୍କାରୁ କମ୍ ରଖାଯାଇଛି, ଏହାକୁ ସରଳ କିସ୍ତିରେ ଆସ୍ତେ ଆସ୍ତେ ପରିଶୋଧ କରି ପାରିବେ । ତେଣୁ ନୂଆ ଗ୍ୟାସ୍ ସଂଯୋଗ ନେବା ବେଳେ ଜଣେ ପ୍ରଧାମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ ଆଦୌ ଅର୍ଥ ଖର୍ଚ୍ଚକରିବାକୁ ପଡ଼ିବ ନାହିଁ ।

ସରକାରଙ୍କ ତଥ୍ୟ ଅନୁସାରେ ସାରା ଦେଶ ଓ ଆମ ରାଜ୍ୟରେ ଉଜ୍ଜ୍ୱଳା ଯୋଜନା ସାମିଲ ହେବା ପାଇଁ ହିତାଧିକାରୀମାନେ ପ୍ରବଳ ଆଗ୍ରହ ଓ ଉତ୍ସାହ ଦେଖାଉଛନ୍ତି । ଏହି ଯୋଜନାକୁ ୧ ମଇରେ ଉତ୍ତର ପ୍ରଦେଶର ବଲିୟାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିଥିଲେ । ଏହି ଯୋଜନା ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ଓଡ଼ିଶା, ବିହାର, ହରିଆନା, ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ଅଗଷ୍ଟ ୧୫ସୁଦ୍ଧା ଉଦ୍‌ଘାଟନ ସରିଛି । ଗତ ତିନି ମାସ ସମୟ ମଧ୍ୟରେ ଉଜ୍ଜ୍ୱଳା ଯୋଜନାରେ ୩୩ ଲକ୍ଷରୁ ଉର୍ଦ୍ଧ୍ୱ ଗରୀବ ମହିଳା ହିତାଧିକାରୀଙ୍କୁ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯାଇଛି ।

ଓଡ଼ିଶାରେ ଜୁନ୍ ୨୦ତାରିଖରେ ସମ୍ବଲପୁରଠାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଓ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଯୋଜନାର ଲୋକାର୍ପଣ କରିଥିଲେ । ଏତେ କମ୍ ଦିନ ଭିତରେ ଓଡ଼ିଶାରେ ୧ ଲକ୍ଷ ୧୬ହଜାର ନୂତନ ଗ୍ୟାସ୍ ସଂଯୋଗ ଦିଆ ଯାଇଥିବା ତୈଳ ବିପଣନ କମ୍ପାନୀମାନେ ତଥ୍ୟ ଉପଲବ୍ଧ କରାଇଛନ୍ତି ।

ଜଣେ ସମାଜସେବୀ ଭାବରେ ମତେ ଏହି ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କୁ ଗ୍ୟାସ୍ ସଂଯୋଗ ଯୋଗାଣ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ମିଳିଛି । ଖୋର୍ଦ୍ଧା ଜିଲ୍ଲାର ଜଟଣୀରେ ଏହିପରି ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଜଣେ ହିତାଧିକାରୀ ମହିଳା ତାଙ୍କ ପରିବାରରେ ଭୋଜନ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ସେ ପରିବାରରେ ଭୋଜନ କରିବାକୁ ଯିବା ସମୟରେ ପରିବାରର ବୋହୁ ରୋଷେଇ କରି ଭୋଜନ ପରଷିବା ବେଳେ ଶାଶୂ ଗ୍ୟାସ୍ ଚୁଲୀକୁ ମୋଡ଼ି ବନ୍ଦ କରିବା ପରିବର୍ତ୍ତେ ଭୁଲ୍ ବଶତଃ ଜଳୁଥିବା ଚୁଲାକୁ ଫୁଙ୍କି ଲିଭାଇବା ପାଇଁ ଉଦ୍ୟମ କରୁଥିବା ବେଳେ ଶାଶୂ ବୋହୁଙ୍କ ମିଳିତ ମନଖୋଲା ହସକୁ ଦେଖି ମୁଁ ସେମାନଙ୍କ ହସରେ ସାମିଲ ହେଲି । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମହିଳାମାନଙ୍କୁ ରୋଗରୁ ମୁକ୍ତି, ସମୟ ବଞ୍ଚିବା କାରଣରୁ ଅନ୍ୟାନ୍ୟ କାମ କରିବା ପାଇଁ ସୁବିଧା ସହ ଶାଶୂ ବୋହୂ ଓ ପାରିବାରିକ ସମ୍ପର୍କକୁ ହସ ଖୁସିରେ ଭରି ଦେଉଛି, ଏହା ଦେଖି ବହୁତ ଖୁସୀ ଲାଗୁଛି ।

ଲେଖିକା ଜଣେ ସମାଜସେବୀ ଓ ରାଜ୍ୟ ମହିଳା ଆୟୋଗର ପୂର୍ବତନ ସଦସ୍ୟା

## ରିଓ ଅଲମ୍ପିକ୍ସ ଓ ଓଡ଼ିଶା ଖେଳାଳି

ଚଳିତ ଥର ରିଓ ଅଲମ୍ପିକ୍ସରେ ଓଡ଼ିଶାରୁ ମୋଟ ୬ ଜଣ ଭାଗ ନେଇଛନ୍ତି । ସେମାନଙ୍କ ମଧ୍ୟରେ ୧୦୦ ମିଟର ମହିଳା ବର୍ଗ ଦୌଡ଼ ପ୍ରତିଯୋଗିତା ପାଇଁ ଦୂତୀ ଚାନ୍ଦ୍ ଓ ୨୦୦ ମିଟର ମହିଳା ବର୍ଗ ଦୌଡ଼ ପ୍ରତିଯୋଗିତା ପାଇଁ ଶ୍ରାବଣୀ ନନ୍ଦ ଅଛନ୍ତି । ସେହିଭଳି ଭାରତୀୟ ମହିଳା ହକି ଟିମ୍‌ରେ ଭାଗନେଇଥିବା ୪ ଜଣ ଓଡ଼ିଆ ଖେଳାଳିମାନେ ହେଉଛନ୍ତି ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ୍, ନମିତା ଟପ୍ପୋ ଓ ସୁନିତା ଲାକ୍ରା ।

# ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣ

ଇଲା ଆର୍. ଭଟ୍ଟ

**ବି**ଦେଶୀମାନଙ୍କ ପରାଧିନତା କବଳରୁ ମୁକ୍ତି ନିମନ୍ତେ ସ୍ୱାଧୀନତାପାଇଁ ଲଢ଼େଇ କରି ପରବର୍ତ୍ତୀ ସମୟରେ ସ୍ୱାଧୀନତା ଲାଭ କରିଥିବା ତଦାନିନ୍ତନ ଭାରତବର୍ଷରେ ହିଁ ମୋର ବୟସ ବୃଦ୍ଧି ଘଟିଥିଲା । ଯୁବପିଢ଼ି ଭାବେ ଆମେମାନେ ଦେଶ ଗଠନ ଏବଂ ଜୀବନଶୈଳୀର ପୁନଃନିର୍ମାଣଦ୍ୱାରା ପ୍ରତ୍ୟେକ ଭାରତୀୟ ଯେପରି ସ୍ୱାଧୀନତା ଉପଭୋଗ କରିପାରିବେ, ସେଥିନିମନ୍ତେ ଶପଥ ଗ୍ରହଣ କରିଥିଲୁ । ଜାତିର ଜନକ ମହାତ୍ମାଗାନ୍ଧୀ ଆମ୍ଭମାନଙ୍କୁ ଏହି ପଥ ପ୍ରଦର୍ଶନ କରିଥିଲେ। ଗାନ୍ଧିଜୀ ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ରାଜନୈତିକ ସ୍ୱାଧୀନତାକୁ ସମଦୃଷ୍ଟିରେ ବିଚାର କରୁଥିଲେ । ମହାତ୍ମାଗାନ୍ଧୀଙ୍କ ମତରେ ପାଇଖାନା ଏବଂ ପୋଖରୀଗୁଡ଼ିକର ସଫେଇ ଆଧ୍ୟାତ୍ମିକ ଉତ୍‌ଥାନଠାରୁ କିଛି କମ୍ ନୁହେଁ । ଲୋକମାନଙ୍କ ପରିପ୍ରେକ୍ଷୀରେ ହିଁ ଆମେ ଅର୍ଥନୀତିକୁ ଦେଖୁଥିଲୁ । ଗାନ୍ଧୀଙ୍କ ଦର୍ଶନ ମୋ ପାଇଁ ଏବଂ "ସେୱା'ପାଇଁ ପ୍ରେରଣାର ଏକ ଉତ୍ସ ପାଲଟି ଯାଇଥିଲା । ପ୍ରଥମଟି ହେଉଛି ସରଳତା । କାରଣ ଜଟିଳତାଦ୍ୱାରା ପ୍ରଗତି ସମ୍ଭବପର ନୁହେଁ ବୋଲି ଆମ୍ଭେମାନେ ଜାଣିଛୁ । ଦ୍ୱିତୀୟଟି ହେଉଛି ଅହିଂସା । ମୌଳିକ ଭାବେ ହିଂସା ସ୍ୱାଧୀନତାର ପରିପନ୍ଥୀ ଅଟେ । ତୃତୀୟଟି ହେଉଛି ସମ୍ମାନର ସହ ଶ୍ରମ ହିଁ ପବିତ୍ର ପରିଶ୍ରମ । ପରିଶ୍ରମ/ଶ୍ରମ କରିବା ପ୍ରକୃତିର ନିୟମ ଏବଂ ଏହାର ଉଲ୍ଲଙ୍ଘନ ବର୍ତ୍ତମାନର ଅର୍ଥନୈତିକ ବିଶୃଙ୍ଖଳାର କେନ୍ଦ୍ରବିନ୍ଦୁ ପାଲଟିଛି । ଚତୁର୍ଥଟି ହେଉଛି, ମାନବିକ ମୂଲ୍ୟବୋଧ । ଅତଏବ ଏହି ଚାରୋଟି ସୂତ୍ର ସରଳତା, ଅହିଂସା, ପରିଶ୍ରମ ଏବଂ ମାନବିକ ମୂଲ୍ୟବୋଧର ଦୃଢ଼ଭିତ୍ତି ମାଧ୍ୟମରେ ହିଁ ଆମ୍ଭେମାନେ ଭାରତର ଅର୍ଥନୈତିକ ନିର୍ମାଣ ନିମନ୍ତେ ଅନୁପ୍ରେରିତ ହୋଇଥିଲୁ । ଏହାର କାରଣ ଚିନ୍ତା କରିବାର କେନ୍ଦ୍ରବିନ୍ଦୁ ମଣିଷ । ଆମ୍ଭେମାନେ 'ସେୱା'ରେ ଧୀରେ ଧୀରେ ସାମଗ୍ରିକ ଓ ସମନ୍ୱିତ ମତକୁ ବୁଝିଥିଲୁ । ଆମ୍ଭେମାନେ ସବୁପ୍ରକାରେ ଉନ୍ନତିକୁ ଏକ ଗଠନମୂଳକ, ରଚନାତ୍ମକ କାର୍ଯ୍ୟଭାବେ ମଧ୍ୟ ବୁଝିଥିଲୁ । ଆମର ପ୍ରତ୍ୟେକଟି କାର୍ଯ୍ୟକଳାପର ପ୍ରଭାବ ଆମ ନିଜ ଉପରେ, ସମାଜରେ ଏବଂ ସର୍ବୋପରି ବିଶ୍ୱସ୍ତରରେ ଅନୁଭବ କରୁଥିବାରୁ, ଆମେ ସମସ୍ତେ ହେଉଛୁ ପୃଥିବୀର ଦାୟିତ୍ୱସମ୍ପନ୍ନ ନାଗରିକ।

ଆମର ଏହିସବୁ ସମ୍ପର୍କ 'ସେୱା' ଏବଂ 'ସେୱା' ଆନ୍ଦୋଳନର ଭିତ୍ତିଭୂମି ଥିଲା । ସେ ଯାହାହେଉନା କାହିଁକି କାର୍ଯ୍ୟକରିବା ହିଁ ମୋର ହୃଦୟର ସବୁଠାରୁ ନିକଟତର ଥିଲା। ମଣିଷ ଜୀବନର କେନ୍ଦ୍ର ହେଉଛି କର୍ମ । ତେବେ କେବଳ ଫଳପ୍ରସୂ କାର୍ଯ୍ୟଦ୍ୱାରାହିଁ ଉନ୍ନତି ଓ ପ୍ରଗତି ସମ୍ଭବ ହୋଇଥାଏ । ଗରିବ ମହିଳାମାନଙ୍କ ସହ କାର୍ଯ୍ୟ କରିବା ସମୟରେ ଆମ୍ଭେମାନେ ଦେଖିଛୁ ପ୍ରକୃତରେ କର୍ମ କରିବା ସେମାନଙ୍କ ଜୀବନର କେନ୍ଦ୍ରବିନ୍ଦୁ ଅଟେ । କାର୍ଯ୍ୟକରିବାଦ୍ୱାରା ସେମାନଙ୍କ ଜୀବନ ପ୍ରକୃତପକ୍ଷରେ ଚରିତାର୍ଥ ହୋଇଥାଏ । କାର୍ଯ୍ୟ କରିବା ଦ୍ୱାରା ଜଣେ ବ୍ୟକ୍ତି ଆଗକୁ ଯାଇ ନିଜର ପରିଚୟ ସୃଷ୍ଟି କରିଥାଏ । କାର୍ଯ୍ୟ କରିବାଦ୍ୱାରା ମଧ୍ୟ ଜୀବିକା ଅର୍ଜନ କରିବାକୁ ସୁଯୋଗ ମିଳିଥାଏ ଏବଂ ଏହାଦ୍ୱାରା ଦ୍ରବ୍ୟ ଓ ସେବା ଉତ୍ପାଦନ ହୋଇଥାଏ । ଯାହାଫଳରେ କି ଗୋଟିଏ ସମାଜ ଓ ଗୋଟିଏ ଦେଶ ଗଠନରେ ଏହା ସହାୟକ ହୋଇଥାଏ । ମାତ୍ର ଦାରିଦ୍ର୍ୟ ଏହି ସମତୁଲ ଅବସ୍ଥାକୁ ଭାଙ୍ଗିଦେଇଥାଏ । ବ୍ୟକ୍ତିଗତ, ସାମୂହିକ, ପରିବେଶ, ପ୍ରକୃତି ଏଭଳି ପ୍ରତ୍ୟେକଟି ସ୍ତରରେ ଆମ୍ଭେମାନେ ଶୋଷଣକୁ ଦେଖିଛୁ । ଦାରିଦ୍ର୍ୟ କହିଲେ, ଆମେ ବୁଝୁ ଭେଦଭାବ । ପ୍ରତ୍ୟେକ ସ୍ତରରେ, ବିଶେଷକରି ଜାତି, ବର୍ଣ୍ଣ, ଧର୍ମ, ଜମି ମାଲିକାନା ସତ୍ତ୍ୱ, ଲିଙ୍ଗ ଏବଂ ଭାଷା କ୍ଷେତ୍ରରେ ମଧ୍ୟ ଏହା ପରିଲକ୍ଷିତ ହୋଇଥାଏ। ସୁତରାଂ, ଆମ୍ଭେମାନେ ଅର୍ଥନୈତିକ, ସାମାଜିକ, ମାନସିକ, ଆଧ୍ୟାତ୍ମିକ ଦୁର୍ବଳତାର ଶିକାର ହେଉଛୁ । ଏହାଦ୍ୱାରା ଲୋକମାନେ ଆସ୍ଥା ହରାଇ ଭ୍ରାନ୍ତ ବିଶ୍ୱାସକୁ ଜାବୁଡ଼ି ଧରିଥାନ୍ତି । ଦାରିଦ୍ର୍ୟ ହେଉଛି ସମାଜର ସହମତିରେ କରାଯାଉଥିବା ହିଂସା ।

ଦାରିଦ୍ର୍ୟ ଓ ସ୍ୱାଧୀନତା ହାନୀ ପରସ୍ପରଠାରୁ ଭିନ୍ନ ବା ପୃଥକ୍ ନୁହନ୍ତି । ଗୋଟିଏ ଦେଶର ସବୁଠାରୁ ଦରିଦ୍ର ନାଗରିକଟିଏ ସ୍ୱାଧୀନତାପାଇଁ ତାର ଅଧିକାରକୁ ସାବ୍ୟସ୍ତ କରିପାରିଲେ ଯାଇ ଆମେ କହିପାରିବା ଯେ ଦେଶ ସ୍ୱାଧୀନତା ଲାଭ କରିଛି । ଗରିବ ମହିଳାମାନଙ୍କ ସହିତ କାର୍ଯ୍ୟକରିବା ସମୟରେ ମୁଁ ଏହି ଅଭିଜ୍ଞତା ହାସଲ କରିଛି । ତେଣୁ ମହିଳାମାନଙ୍କ ନେତୃତ୍ୱରେ ନିହିତ ଅଛି ବଡ଼ ଧରଣର ପରିବର୍ତ୍ତନ । 'ସେୱା'ରେ କାର୍ଯ୍ୟ କରୁଥିବା

ମହିଳାମାନେ ସବୁଠାରୁ ଅଧିକ ଦୁର୍ବଳ ହେଲେ ମଧ୍ୟ ସାମଗ୍ରିକ ଭାବେ ସେମାନେ ଶକ୍ତିଶାଳୀ ଅଟନ୍ତି । କାର୍ଯ୍ୟ କରିବା ପରିପ୍ରେକ୍ଷୀରେ ଆମର ସେମାନଙ୍କ ସହ ଦେଖାସାକ୍ଷାତ୍ ହୋଇଥାଏ ଏବଂ ଏକ ନେଟ୍‌ୱାର୍କ ମଧ୍ୟ ଗଠନ ହୋଇଥାଏ । ଆମର କାର୍ଯ୍ୟ କରିବାର ଆବଶ୍ୟକତାକୁ କେନ୍ଦ୍ରକରି ସଂଘ ତିଆରି ହୁଏ । ଏହି ସଂଘଦ୍ୱାରା ବ୍ୟବସାୟୀ, ଠିକାଦାର, ସରକାର, ବିଶ୍ୱସ୍ତରୀୟ ଗୋଷ୍ଠୀ ଆଦି ସହ ସମ୍ପର୍କ ରଖିଥାଉ । 'ସେୱା'ରେ ଆମେ ସମସ୍ତେ ମିଶି ଏକ ବ୍ୟାଙ୍କ୍ ମଧ୍ୟ ଗଠନ କରିଛୁ । ଏହାଦ୍ୱାରା ଆମ୍ଭମାନଙ୍କର ଅର୍ଥନୈତିକ ଆବଶ୍ୟକତା ପରିପୂରଣ ହେବା ସହ, ଅର୍ଥ ସଞ୍ଚୟ, କରଜ ବା ଧାର କରିବା, ଧାର ଦେବା, ଆସବାବପତ୍ର ନିର୍ମାଣ କରିବା, ସମ୍ବଳ ସଂଗ୍ରହ କରିବା ଏବଂ ସର୍ବୋପରି ଜୀବନର ମାନଦଣ୍ଡ ବୃଦ୍ଧିରେ ମଧ୍ୟ ଏହା ସହାୟକ ହୋଇଛି । ଆମ୍ଭେମାନେ ମିଳିମିଶି ଏକ ସମବାୟ ନିର୍ମାଣ କରିଛୁ । ଯାହାଫଳରେ ସାମଗ୍ରୀର ସମନ୍ୱିତ ପ୍ରସ୍ତୁତିରେ ଏହା ସହାୟକ ହୋଇପାରିବ । ମାତୃତ୍ୱର ଆବଶ୍ୟକ ସୁରକ୍ଷା ସହ ସ୍ୱାସ୍ଥ୍ୟ ଓ ଜୀବନ ଜିଇଁବାପାଇଁ ମଧ୍ୟ ଆମ୍ଭେମାନେ ଏକ ସାମାଜିକ ସୁରକ୍ଷା ନେଟ୍‌ୱାର୍କ ଗଠନ କରିଛୁ । ଅନ୍ୟପକ୍ଷରେ ନିଜ ଉଦ୍ୟମରେ ଆମ୍ଭେମାନେ ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ବିପଣନ କେନ୍ଦ୍ର ମଧ୍ୟରେ ଏକ ସେତୁ ନିର୍ମାଣ ନିମନ୍ତେ ପୃଥିବୀର ମହିଳା, ଚାଷୀ ଏବଂ ମହିଳା କଳାକାରମାନଙ୍କର କଳାକୃତିର ବଜାର ସୃଷ୍ଟି ନିମନ୍ତେ ଏକ ନେଟ୍‌ୱାର୍କ ମଧ୍ୟ ପ୍ରତିଷ୍ଠା କରିଛୁ । ଆମର ସାମର୍ଥ୍ୟ ନିର୍ମାଣପାଇଁ ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ସହ ଏହାଦ୍ୱାରା ଆମେ ନିଜର କାର୍ଯ୍ୟକୁ ପରିଚାଳନା କରିଥାଉ ।

'ସେୱା' ଗୋଟିଏ ପ୍ରକଳ୍ପ ନୁହେଁ । ଅନ୍ୟ ପକ୍ଷରେ ଏହା ଏକ ଅନୁଷ୍ଠାନ ମଧ୍ୟ ନୁହଁ । ଏହା ମଧ୍ୟ ଅର୍ଥଶାସ୍ତ୍ର ବା ଅର୍ଥ ଉପରେ ପର୍ଯ୍ୟବସିତ ନୁହେଁ । ମାତ୍ର ଥିଲାବାଲା ଏବଂ ନ ଥିଲାବାଲାଙ୍କ ମଧ୍ୟରେ ଏହା ସନ୍ତୁଳନ ବଜାୟ ରଖିବାକୁ ଉଦ୍ଦିଷ୍ଟ । ଏହା କେବଳ ଆତ୍ମନିର୍ଭରଶୀଳ, ବ୍ୟକ୍ତିଗତ ଏବଂ ସାମଗ୍ରିକ ଭାବରେ ଅର୍ଥନୈତିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ । ମହିଳାମାନଙ୍କର ଅର୍ଥନୈତିକ ସଶକ୍ତିକରଣ ଦିଗରେ ଏହା ହେଉଛି ଏକ ପଥ ।

ବିଶ୍ୱସ୍ତରରେ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ପ୍ରଚାର ପ୍ରସାର ଦୃଷ୍ଟିରୁ କେତେକ ଗୋଷ୍ଠୀଠାରୁ ଦୂରରେ । ଏଥିପାଇଁ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ସକାଶେ ଆମକୁ ବିକାଶର ଏକ ନୂତନ ଭାଷା ଦରକାର । କ୍ଷମତାର ଭାଷାଦ୍ୱାରା କେବେହେଲେ କ୍ଷମତା ନ ଥିବା ଲୋକମାନଙ୍କୁ ସମ୍ବୋଧନ କରିହେବ ନାହିଁ । ଦାରିଦ୍ର୍ୟ, କ୍ଷମତା ନ ଥିବା ଲୋକମାନଙ୍କର ଏକ ସୂଚକ ବା ରୂପରେଖ ଅଟେ । ଏହା ଲୋକମାନଙ୍କର ମାନସିକତାର ଏକ ଲକ୍ଷଣ, ଯେଉଁମାନଙ୍କର ନିଷ୍ପତ୍ତି ନେବା ସହ ସମ୍ବଳ ସଂଗ୍ରହ ଅଧିକାର ଉପରେ ନିୟନ୍ତ୍ରଣ ନଥାଏ । ଯୋଗଦାନ, ଅଂଶଗ୍ରହଣ ଓ ପରାମର୍ଶ ଦ୍ୱାରା କ୍ଷମତାହିନ ଦାରିଦ୍ର୍ୟକୁ ପୁନରୁଦ୍ଧାର କରିବାଦ୍ୱାରା ଏହା କେତେକାଂଶରେ ସମ୍ଭବପର ହୋଇପାରିବ । ଏକଦା ଦାରିଦ୍ର୍ୟକୁ କ୍ଷମତାବିହୀନ ଭାବେ ଦେଖିଲେ ଏହାର ସମାଧାନ ହୋଇପାରିବ । କ୍ଷମତା ସୁନିଶ୍ଚିତ ଭାବେ ଗୋଷ୍ଠୀଗୁଡ଼ିକୁ ଫେରିବା ଆବଶ୍ୟକ । ଏହାଦ୍ୱାରା ବିଶେଷକରି ମହିଳାମାନେ ସେମାନଙ୍କର କାର୍ଯ୍ୟ କରିବାର ନିଷ୍ପତ୍ତି ଗ୍ରହଣ କରିବା, ଜୀବନଧାରଣ, ସ୍ୱାସ୍ଥ୍ୟ, ଶିକ୍ଷା, ସହରୀକରଣ, ଶରଣାର୍ଥୀ, ଶାନ୍ତି ଏବଂ ଭବିଷ୍ୟତ ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରିପାରିବେ । ବିକାଶର ଏଭଳି ଘୋଷଣାନାମାରେ 'ଗୋଷ୍ଠୀ' ଶବ୍ଦଟି ସ୍ଥାନ ପାଇ ନ ଥିବା ଜଣାପଡ଼ିଛି । ଉଭୟ ଅର୍ଥଶାସ୍ତ୍ର ଏବଂ ଅର୍ଥନୀତି ଲୋକମାନଙ୍କଦ୍ୱାରା ନିୟନ୍ତ୍ରିତ ହେବାର ଆବଶ୍ୟକତା ରହିଛି । ତା ନ ହେଲେ ବିକାଶ ଓ ଜୀବନଜୀବିକା ସମାନ୍ତରାଳ ଭାବେ ଗତି କରିବେ ଓ ବିରୋଧାଭାଷି ହେବେ ।

ମୋର ପ୍ରଥମ ଯୁକ୍ତି ହେଲା, ଅର୍ଥନୈତିକ ସଂସ୍କାର କ୍ଷେତ୍ରରେ ଗରିବ ମହିଳାମାନଙ୍କୁ କେନ୍ଦ୍ରରେ ରଖି ବିଶେଷକରି ନିଯୁକ୍ତିକ୍ଷେତ୍ର ଯଥା ଖାଦ୍ୟ, ଜଳ, ବସ୍ତ୍ର, ବାସଗୃହ, ପ୍ରାଥମିକ ସ୍ୱାସ୍ଥ୍ୟର ଯତ୍ନ, ଶିକ୍ଷା ଏବଂ ପ୍ରାଥମିକ ବ୍ୟାଙ୍କ୍ ସେବା ଇତ୍ୟାଦିରେ ସେମାନଙ୍କୁ ପ୍ରାଥମିକତା ଦେବା । ଦ୍ୱିତୀୟଟି ହେଉଛି ଦାରିଦ୍ର୍ୟ ଦୂର କରିବା କ୍ଷେତ୍ରରେ ସଂସ୍କାର ଆଣିବା ସହିତ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବା । ତୃତୀୟଟି ହେଉଛି ପର୍ଯ୍ୟାପ୍ତ ପରିମାଣର ନିବେଶଦ୍ୱାରା ଦରିଦ୍ର ଲୋକମାନଙ୍କ କାର୍ଯ୍ୟର ପରିସର ବଢ଼ିପାରିବ । ଚତୁର୍ଥଟି ହେଉଛି କାର୍ଯ୍ୟରତ ଗରିବ ଲୋକମାନଙ୍କ ପାଇଁ ସାମାଜିକ ସୁରକ୍ଷା । ଅର୍ଥନୈତିକ ଢାଞ୍ଚା, ସାମାଜିକ ଢାଞ୍ଚା ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି ଆମକୁ ବୁଝିବାକୁ ହେବ । ପଞ୍ଚମଟି ହେଉଛି ମହିଳାମାନଙ୍କ ଆତ୍ମନିର୍ଭରଶୀଳତା ବୃଦ୍ଧି ସହ କ୍ଷମତା ବୃଦ୍ଧି କରାଗଲେ ସେମାନେ ମୁଖ୍ୟ ବଜାରଗୁଡ଼ିକ ସହ ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ବଜାରରେ ମଧ୍ୟ ପ୍ରବେଶ କରିପାରିବେ । ତେବେ ମୁଁ ଚାହେଁ ଏକ ବିନମ୍ର ଅର୍ଥନୀତି, ପରିପୋଷକ ଅର୍ଥନୀତି । ଏହାଦ୍ୱାରା ନିଜର ଲାଳନପାଳନ ସହ ଗୋଷ୍ଠୀ ଏବଂ ବିଶ୍ୱର ଲାଳନପାଳନ ମଧ୍ୟ ସମ୍ଭବ । ମାତ୍ର ଏହାର ଦାୟିତ୍ୱ ନେବ କିଏ ?

ମୋର ଅଭିଜ୍ଞତା ଅନୁସାରେ ଗୋଷ୍ଠୀର ପୁନଃନିର୍ମାଣରେ ମହିଳାମାନଙ୍କ ଭୂମିକା ବିଶେଷ ପ୍ରଣିଧାନଯୋଗ୍ୟ । ମହିଳାମାନଙ୍କ ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ ହେଲେ ଏକ ସ୍ଥାୟୀ ଗୋଷ୍ଠୀ ଗଠନ ସମ୍ଭବ । ମହିଳାମାନେ ସେମାନଙ୍କ ପରିବାର ନିମନ୍ତେ ପନ୍ଥା ବାହାର କରିବାପାଇଁ ଚାହିଁଥାନ୍ତି । ଜଣେ ମହିଳାଙ୍କ ମଧ୍ୟରେ ଆମେ ଜଣେ କର୍ମୀ, ଯୋଗାଣକାରୀ, ଯତ୍ନଶୀଳ ଲୋକ, ଜଣେ ଶିକ୍ଷାଦାତା, ଜଣେ ସଂଯୋଜକକୁ ଦେଖିବାକୁ ପାଇଥାଉ । ପ୍ରକୃତରେ ସେ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ । ସେ ଜଣେ ସୃଷ୍ଟିକର୍ତ୍ତା ଓ ସଂରକ୍ଷକ ମଧ୍ୟ । ଶାନ୍ତି

ବଜାୟ ରଖିବାରେ ମହିଳାମାନଙ୍କର ଅଂଶଗ୍ରହଣ ଏବଂ ପ୍ରତିନିଧିତ୍ୱ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ମୁଁ ଭାବୁଛି । ମହିଳାମାନେ ହିଁ ଗଠନାତ୍ମକ, ସୃଜନାତ୍ମକ ଏବଂ ଦୀର୍ଘସ୍ଥାୟୀ ସମାଧାନର ସୂତ୍ର ବାହାର କରିପାରନ୍ତି । ମହିଳାମାନେ କେନ୍ଦ୍ର ହେଲେ ସେମାନଙ୍କଦ୍ୱାରା ପ୍ରେରିତ କାର୍ଯ୍ୟ ଏକ ସୂତ୍ରଧର ଭଳି ସମାଜକୁ ଏକ ନିବିଡ଼ ବନ୍ଧନରେ ବାନ୍ଧିରଖିଥାଏ । କାର୍ଯ୍ୟ କରିବା ସମୟରେ ସମାଜକୁ ଦୃଢ଼ ଭାବରେ ବାନ୍ଧି ରଖିବାକୁ ସେମାନେ ଚେଷ୍ଟା କରନ୍ତି । କେବଳ ଯେ ଆମ୍ଭେମାନେ ଭବିଷ୍ୟତ ବିଷୟରେ ଚିନ୍ତା କରୁ ତାହା ନୁହେଁ; ବରଂ ଭବିଷ୍ୟତର କାର୍ଯ୍ୟାନ୍ୱୟନ ପନ୍ଥା ମଧ୍ୟ ଆମ୍ଭେମାନେ ପ୍ରସ୍ତୁତ କରିଥାଉ । ଆମେ ସ୍ୱଳ୍ପ ଖର୍ଚ୍ଚରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନିର୍ମାଣ କରିପାରିବା । ପରବର୍ତ୍ତୀ ପିଢ଼ିପାଇଁ ମଧ୍ୟ ଆମ୍ଭେମାନେ ନିବେଶ କରିପାରିବା । ଜୀବନ ଖାଲି ବଞ୍ଚିବାପାଇଁ ଉଦ୍ଦିଷ୍ଟ ନୁହେଁ; ମାତ୍ର ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାପାଇଁ ଏହା ଏକ ପୁଞ୍ଜି । କର୍ମଦ୍ୱାରା ଶାନ୍ତି ମିଳେ, କାରଣ କର୍ମରୁ ହିଁ ଲୋକମାନେ ମୂଳକୁ ଯାଇଥା'ନ୍ତି । ଏହାଦ୍ୱାରା ବିଭିନ୍ନ ଗୋଷ୍ଠୀ ଗଠନ ହେବା ସହ ସଫଳ ତଥା ସମ୍ମାନର ସହ ଜୀବନ ଜିଇଁବାକୁ ଏହା ଅନୁପ୍ରେରିତ କରିଥାଏ । ପୂର୍ବରୁ ମୁଁ କହିଛି ଯେ, କର୍ମ ଉପରେ ମୁଁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରେ । ତେବେ କର୍ମ କହିଲେ, ଆମେ କାରଖାନାର ଚାକିରି, ମିଠା ଦୋକାନ ଏବଂ ଅସୌଜନ୍ୟ ବା ଅଭଦ୍ରୋଚିତ ଶସ୍ତା କାର୍ଯ୍ୟକୁ ବୁଝୁ ନାହୁଁ । ଏହାଦ୍ୱାରା ଜଣେ ଲୋକ ଗୋଟିଏ କାରଖାନା ପରିଚାଳକଙ୍କ ଦାସ ହୋଇ ରହିଥାଏ, ଯାହା ହେଉଛି ଏକ ଭିନ୍ନ ପ୍ରକାର ଶୋଷଣ । କାମ କହିଲେ ଆମେ ବୁଝୁ ଖାଦ୍ୟ ଓ ପାନୀୟ ପରି ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ପୂରଣ । ହଜାର ହଜାର ବର୍ଷ ଧରି ବଂଶାନୁକ୍ରମିକ ଭାବେ ରହି ଆସିଥିବା କୃଷି, ପଶୁସମ୍ପଦ, ମତ୍ସ୍ୟଚାଷ, ଗୃହ, ବୟନ ଏବଂ ପୋଷାକ ଆଦି କ୍ଷେତ୍ରରେ ପାରମ୍ପାରିକ କୌଶଳ ବିକାଶ । ଏହାଦ୍ୱାରା ମଣିଷ ଜୀବନ ଧାରଣ କରିବା ସହିତ ଅନ୍ୟମାନଙ୍କ ସହ ସମ୍ପର୍କର ସେତୁକୁ ମଜଭୁତ କରିଥାଏ ଏବଂ ପୃଥିବୀ, ପରିବେଶ ତଥା ଆମକୁ ସୃଷ୍ଟି କରିଥିବା ଅଦୃଶ୍ୟ ଶକ୍ତି ସହିତ ସମ୍ପର୍କ ଯୋଡ଼ିଥାଏ । ଆଜିର ଦିନରେ ଆମମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ ହେଉଛି ଅବ୍ୟବହୃତ ସମ୍ପତ୍ତିରେ ବ୍ୟାବସାୟିକ ସମ୍ଭାବନା ଖୋଜିବା । ସମସ୍ତେ ମିଶି ଜଙ୍ଗଲର ଗଛସବୁକୁ କାଟିବା ବଦଳରେ ଲାଭଜନକ ବୃକ୍ଷରୋପଣ କରିବା । ନୂତନ ସାମଗ୍ରୀ ନିର୍ମାଣ ଅପେକ୍ଷା ପୁନଃ ବ୍ୟବହାର ଉପରେ ଗୁରୁତ୍ୱ ଦେବା । ବେସରକାରୀ ସମ୍ପତ୍ତି ସୃଷ୍ଟି ସହିତ ଗୋଷ୍ଠୀଗତ ମାଲିକାନାକୁ ଉତ୍ସାହିତ କରିବା । ସୁଯୋଗ ମିଳିଲେ ସୁସ୍ଥ ପ୍ରତିଯୋଗିତା ଭଳି ସହଯୋଗିତା ମଧ୍ୟ ଲାଭଜନକ ପ୍ରମାଣିତ ହୋଇଥାଏ । ଆମର ଚିନ୍ତାର ପରିବର୍ତ୍ତନ ସହ ଆମେ ମଧ୍ୟ ଆମ ଶବ୍ଦଗୁଡ଼ିକର ପରିବର୍ତ୍ତନ କରିବା ଆବଶ୍ୟକ । ମୋ ମତରେ 'ସେୱା' ବ୍ୟାଙ୍କ୍ ଏହାର ଲକ୍ଷ୍ୟକୁ ଅଧିକ ସଫଳ କରିପାରିବ । ହଜାର ହଜାର କ୍ଷୁଦ୍ର ସଞ୍ଚୟକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକପାଇଁ ଏକ ଜିଲ୍ଲାସ୍ତରୀୟ ବ୍ୟାଙ୍କ୍ ଭାବେ କାର୍ଯ୍ୟ କରି, ସେୱା ବ୍ୟାଙ୍କ୍ ଯେତିକି ସଫଳତା ପାଇଛି, ବିଶାଳ ସମ୍ପତ୍ତି ଥିବା ଏକ ଜାତୀୟ ବ୍ୟାଙ୍କ୍ ଭାବେ ହୁଏତ ସେହି ସଫଳତା ପାଇ ନ ଥା'ନ୍ତା । ମୁଁ ଦେଖିପାରୁଛି ମହିଳାମାନେ ବିଭିନ୍ନ ପ୍ରକାର ଆଖିଦୃଶିଆ କାମ କରୁଛନ୍ତି । ମହିଳାମାନଙ୍କ ନେତୃତ୍ୱକୁ ବିଶ୍ୱାସ କରିବା ଓ ପ୍ରତିପୋଷଣ କରିବା ଉଚିତ । ଏହାଦ୍ୱାରା ଏକ ଆନ୍ତଃନିବେଶୀ ସମାଜର ଗଠନ ସହିତ ଏକ ସ୍ଥାୟୀ ତଥା ଧାରଣକ୍ଷମ ପରିବେଶ ମଧ୍ୟ ତିଆରି କରାଯାଇପାରିବ । ଦୀର୍ଘସମୟ ଧରି ମହିଳାମାନଙ୍କୁ ଏକ ଶସ୍ତା ଓ ସହଜଲଭ୍ୟ ସମ୍ବଳ ଭଳି ଉପଯୋଗ କରାଯାଇଆସୁଛି । କିନ୍ତୁ ନା, ବର୍ତ୍ତମାନ ସମୟ ଆସିଛି ବୁଝିବାପାଇଁ ଯେ , ମହିଳାମାନେ ସମଗ୍ର ପୃଥିବୀପାଇଁ ଅମୂଲ୍ୟ ସମ୍ପଦ । ମହିଳାମାନେ ଭଲ ଏବଂ ଖରାପ ସମୟର କେବଳ ଏକ ଧାରକ ନୁହନ୍ତି । ବରଂ ସେମାନେ ହେଉଛନ୍ତି ସହଭାଗୀ । ମହିଳାମାନଙ୍କ ରାସ୍ତାରେ ଅନେକ ଲକ୍ଷ୍ୟ ସହିତ ମୂଲ୍ୟବୋଧ ମଧ୍ୟ ରହିଛି । ଏହାଦ୍ୱାରା ସେମାନେ ବିଭିନ୍ନ କଥା ଶିକ୍ଷା କରିପାରନ୍ତି । ଏହି ପ୍ରକ୍ରିୟା ହେଉଛି ମହିଳା ସଶକ୍ତିକରଣର କେନ୍ଦ୍ରବିନ୍ଦୁ । ମହିଳାମାନଙ୍କର ଗୋଟିଏ ଭିନ୍ନ ଧରଣର ସମୟ ଜ୍ଞାନ ଥାଏ । ଗୋଟିଏ କାର୍ଯ୍ୟପାଇଁ ଯେତେ ସମୟ ଦରକାର, ସେଥିରେ ସେମାନେ ଅବହେଳା କରନ୍ତି ନାହିଁ । ୧୦ ଲକ୍ଷ ଲୋକମାନଙ୍କ ପାଖରେ ପହଞ୍ଚିବାପାଇଁ 'ସେୱା' ଅନୁଷ୍ଠାନକୁ ୩୦ ବର୍ଷର ସମୟ ଲାଗିଛି । ମହିଳାମାନେ ସମସ୍ତ ଗୋଷ୍ଠୀକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାପାଇଁ ଚେଷ୍ଟା କରନ୍ତି ଏବଂ ଏଥିରୁ ବାଦ୍‌ପଡ଼ିଥିବା ଲୋକମାନଙ୍କୁ ସାମିଲ କରିବାପାଇଁ ଚେଷ୍ଟା କରିଥା'ନ୍ତି । ଏଥିପାଇଁ ଯେତେ ସମୟ ଲାଗୁ ପଛେ ସ୍ତ୍ରୀଲୋକମାନଙ୍କ ଦୃଷ୍ଟିରେ ଆଧିପତ୍ୟ ବିସ୍ତାର କରିବା ଅପେକ୍ଷା ଅନ୍ତର୍ଭୁକ୍ତିକରଣ, ଲକ୍ଷ୍ୟ ଅପେକ୍ଷା ଲକ୍ଷ୍ୟପ୍ରାପ୍ତିର ପ୍ରକ୍ରିୟା, ଦଳ ଅପେକ୍ଷା ବ୍ୟକ୍ତି, ବିଭାଜନ ଅପେକ୍ଷା ସଂହତି ଅଧିକ ଗୁରୁତ୍ୱ ବହନ କରେ । ଯାହାସବୁ ମୁଁ କହିଲି, ସେସବୁ ଅଭିଜ୍ଞତାକୁ ମୁଁ 'ସେୱା'ରେ କାମ କରୁଥିବା ସମୟରେ ମୋର ଭଉଣୀମାନଙ୍କଠାରୁ ହିଁ ଶିଖିଛି ।

ଆଜି ଏହାର ପ୍ରାସଙ୍ଗିକତା କ'ଣ ଅଛି ?

ଆମ ସମୟର ପରିବର୍ତ୍ତନର ଆହ୍ୱାନପାଇଁ ଆଜିର ଦିନରେ ପୃଥିବୀ ଆବଶ୍ୟକ କରୁଛି ଅଧିକରୁ ଅଧିକ ମହିଳା ନେତୃତ୍ୱ । ପୃଥିବୀ ଆବଶ୍ୟକ କରୁଥିବା ଅଧିକ ନାରୀନେତ୍ରୀମାନଙ୍କୁ ଖାଲି ଆମେ ନେତୃତ୍ୱ ଦେଲେ ହେବ ନାହିଁ ବରଂ ସେମାନଙ୍କୁ ସମ୍ମାନ ଦେଇ ପୁରୁଷ ଭିତରେ ଥିବା ସୁପ୍ତ ନାରୀସତ୍ତାକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି ।

ଲେଖିକା ଜଣେ ପ୍ରସିଦ୍ଧ ଗାନ୍ଧିବାଦୀ ।

# ଆପଣ ଜାଣନ୍ତି କି ?

## ଅରୁଣା ଆସଫ୍ ଅଲ୍ଲୀ



**ସେ** ୧୯୦୯ ମସିହାରେ ଏକ ବଙ୍ଗାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ସମୟରେ ସେ ସର୍ବପ୍ରଥମେ ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ଗାନ୍ଧୀ-ଇରୱିନ ବୁଝାମଣାର ପରେ ପରେ ତାଙ୍କୁ ଗିରଫ କରାଗଲା । ବ୍ୟକ୍ତିଗତ ସତ୍ୟାଗ୍ରହ ପାଇଁ ୧୯୪୧ରେ ଆଉ ଥରେ ଗିରଫ କରାଗଲା । ତେବେ ୧୯୪୨ ମସିହା ଆଠ ତାରିଖ ଦିନ ସ୍ୱାଧିନତା ଆନ୍ଦୋଳନର ସମସ୍ତ ବଡ଼ ବଡ଼ ନେତୃବୃନ୍ଦଙ୍କୁ ପୁଲିସ ଗିରଫ କଲା ପରେ, ଅରୁଣା ଆସଫ ଅଲ୍ଲୀ ଗୋୱାଲିଆ ଟ୍ୟାଙ୍କ ମଇଦାନରେ ପ୍ରଥମ ବ୍ୟକ୍ତି ଭାବେ ତ୍ରୀରଙ୍ଗା ପତାକା ଉତ୍ତୋଳନ କରିଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୨୬ ତାରିଖ ଦିନ ତାଙ୍କର ସମସ୍ତ ସଂପତ୍ତି ବ୍ୟାଜ୍ୟାପ୍ତ ହେଲା ଏବଂ ସେସବୁକୁ ଫେରସ୍ତ ପାଇବା ପାଇଁ ତାଙ୍କୁ ଆତ୍ମ ସମର୍ପଣ ପାଇଁ କୁହାଗଲା। ସେ ମନା କରିବାରୁ ଜବତ ହୋଇଥିବା ତାଙ୍କ ସମସ୍ତ ସଂପତ୍ତିକୁ ବିକ୍ରି କରି ଦିଆଗଲା । ଡ଼ଃ ରାମ ମନୋହର ଲୋହିଆଙ୍କ ସହ ମିଶି ସେ 'ଇନ୍‌କ୍ଲାବ ପତ୍ର' ପ୍ରକାଶ କଲେ .ଯାହା ସ୍ୱାଧିନତାକୁ ନେଇ ଏକ ଜନ ଜାଗରଣ ସୃଷ୍ଟି କଲା । ଫଳସ୍ୱରୂପ ,ବହୁ ସରକାରୀ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନେ କଲେଜ ଛାଡ଼ି ସ୍ୱାଧିନତା ଆନ୍ଦୋଳନରେ ଝାସ ଦେଲେ। ତାଙ୍କୁ '୧୯୪୨ ମସିହାର ରାଣୀ ଝାନ୍‌ସୀ'ଭାବେ ସମ୍ବୋଧନ କରାଯାଉଥିଲା। ପରେ ସେ ଦିଲ୍ଲୀ ନଗର ନିଗମର ପ୍ରଥମ ମହିଳା ମେୟର ଭାବେ ପଦାସୀନ ହୋଇଥିଲେ । 'ଲିଙ୍କ' ଏବଂ 'ପାଟ୍ରିଅଟ' ଭଳି ପୁସ୍ତିକା ପ୍ରକାଶନ ମଧ୍ୟ କରିଥିଲେ ଏବଂ ପ୍ରଶଂସା ଭାଜନ ହୋଇଥିଲେ । ତାଙ୍କୁ ଅନେକ ଜାତୀୟ ଓ ଆର୍ନ୍ତଜାତୀୟ ସମ୍ମାନ ମିଳିଥିଲା ।

## ସୁଚେତା କ୍ରିପଲାନୀ



**ଆ**ମ୍ବାଲାଠାରେ ସେ ୧୯୦୮ ମସିହାରେ ଜନ୍ମ ନେଇଥିଲେ । ଲାହୋର ଠାରେ ପ୍ରାଥମିକ ଶିକ୍ଷା ପରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଥିଲେ । ପିଲାଟି ଦିନରୁ ଏକ ସ୍ୱତନ୍ତ୍ର ଓ ସ୍ୱାଧିନ ଭାରତରେ ରହିବାକୁ ତାଙ୍କର ଇଚ୍ଛା ଥିଲା । ୧୯୩୨ ମସିହାରେ ସେ ଲୋକସେବାରେ ଏବଂ ୧୯୩୯ ମସିହାରେ ରାଜନୀତିରେ ଯୋଗ ଦେଲେ । ତାଙ୍କ ଦେଶସେବା ଆଗ୍ରହରେ ପ୍ରସନ୍ନ ହୋଇ ଗାନ୍ଧୀଜି ୧୯୪୦ ମସିହାରେ ତାଙ୍କୁ ବ୍ୟକ୍ତିଗତ ସତ୍ୟାଗ୍ରହୀ ଭାବେ ଚୟନ କଲେ। ଏଥିପାଇଁ ସେ ଗିରଫ ମଧ୍ୟ ହେଲେ । ୧୯୪୨/୪୩ ମସିହାରେ ସେ ଆତ୍ମ ଗୋପନ କଲେ ଏବଂ ନିଜ କାର୍ଯ୍ୟ ଅବ୍ୟାହତ ରଖିଲେ । ପରେ ସେ ଅଖିଳ ଭାରତୀୟ ମହିଳା କଂଗ୍ରେସ ପ୍ରତିଷ୍ଠା କଲେ ଯାହା ମାଧ୍ୟମରେ ସେ ମହିଳା ମାନଙ୍କୁ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେବା ପାଇଁ ଅନୁପ୍ରାଣୀତ କଲେ । ଏଥି ସକାଶେ ୧୯୪୨ ମସିହାରେ ସେ 'ଅଣ୍ଡର ଗ୍ରାଉଣ୍ଡ ସ୍ୱେଚ୍ଛାସେବୀ ବାହିନୀ' ମଧ୍ୟ ସ୍ଥାପନ କରି ମହିଳାମାନଙ୍କୁ ଆତ୍ମରକ୍ଷା ,ବ୍ୟାୟାମ,ଅସ୍ତ୍ର ଚାଳନା ଓ ପ୍ରାଥମିକ ଉପଚାର ଭଳି ବିଷୟରେ ପ୍ରଶିକ୍ଷଣ ଦେଲେ। ୧୯୪୪ ମସିହାରେ ସେ ଗିରଫ ହେଲେ । ୧୯୪୫ ମସିହାରେ ଜେଲରୁ ମୁକ୍ତ ହେବା ପରେ ସେ ଅଧିକାଂଶ ସମୟ ସମାଜ ସେବାରେ କଟାଉ ଥିଲେ । ୧୯୪୬ ମସିହାରେ ପୂର୍ବ ବଙ୍ଗରେ ସାମ୍ପ୍ରଦାୟିକ ଦଙ୍ଗା ଏବଂ ୧୯୪୭ ମସିହା ପଞ୍ଜାବ ଦଙ୍ଗା ସମୟରେ ଅପହୃତା ମହିଳାଙ୍କୁ ସେ ଆଶ୍ରୟ ଦେଇଥିଲେ । ୧୯୬୩ ମାର୍ଚ୍ଚ ଠାରୁ ୧୯୬୭ ମାର୍ଚ୍ଚ ମଧ୍ୟରେ ସେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିଲେ । ସ୍ୱାଧିନ ଭାରତର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ସେ ପରିଚିତ ।

## କଳ୍ପନା ଦତ୍ତ



ବେଙ୍ଗଲରେ ଉଚ୍ଚଶିକ୍ଷିତା ଛାତ୍ରୀ ଭାବରେ ସେ ଇଂରେଜ ଶାସନ ଓ ସେମାନଙ୍କ ଭାଷାକୁ ଘୃଣା କରୁଥିଲେ । ଏପରିକି ତାଙ୍କ ବିଦ୍ୟାଳୟରେ ନିଆଯାଉଥିବା ଶପଥ 'ଈଶ୍ୱର ଏବଂ ରାଜାଙ୍କ ପାଖରେ ବିଶ୍ୱସନୀୟ ହେବା'କୁ ପରିବର୍ତ୍ତନ କରି 'ଈଶ୍ୱର ଓ ଦେଶ ପାଖରେ ବିଶ୍ୱସନୀୟ ହେବା' କରିବାକୁ ଚାହୁଁଥିଲେ। କଲିକତା ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲା ବେଳେ ବାଡ଼ି ଏବଂ ଖଣ୍ଡା ଚାଳନା ଶିଖିଥିଲେ । ୧୯୨୯ ମସିହାରେ ସେ ବିଦ୍ରୋହୀଙ୍କ ସହ ପରିଚିତ ହୋଇଥିଲେ । ତେବେ ସେମାନଙ୍କ ଦଳରେ ସକ୍ରିୟ ଅଂଶଗ୍ରହଣ କରି ଲଢେଇ କରିବା ପାଇଁ ସେ ୧୯୩୨ ମସିହାରେ ନିଷ୍ପତ୍ତି ନେଇଥିଲେ । ସେ ସାଧାରଣତଃ ପୁରୁଷ ପୋଷାକ ପରିଧାନ କରୁଥିଲେ । ସରକାରୀ ପ୍ରତିଷ୍ଠାନ ଉପରେ ଲୁଚିଛପି ଆକ୍ରମଣ କରୁଥିଲେ । ଏଥିପାଇଁ ପୋଲିସ ଆଖିରେ ପଡ଼ିଥିଲେ । ତଥାପି ପୋଲିସକୁ ତାଙ୍କ ବିଦ୍ରୋହୀ କାର୍ଯ୍ୟକଳାପ ବାବଦରେ କୌଣସି ପ୍ରମାଣ ମିଳି ନଥିଲା । ତେବେ ଯେତେବେଳେ ପାହାରତଳି କ୍ଲବ ଉପରେ ଆକ୍ରମଣ ହେଲା ପୋଲିସ ଜାଣିପାରିଲା ଯେ ସେ ଜଣେ ବିଦ୍ରୋହିନୀ । ତାଙ୍କୁ ଗିରଫ କରାଗଲା କିନ୍ତୁ ପ୍ରମାଣ ଅଭାବରୁ ଛାଡ଼ି ମଧ୍ୟ ଦିଆଗଲା । ତା'ପରଠୁ ସେ ଫେରାର ହେଲେ। ତିନିମାସ ପରେ ସେ ପୁଣି ଧରା ହେଲେ। ଚିଟାଗଙ୍ଗ ଅସ୍ତ୍ରାଗାର ଲୁଟ୍ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାବାସ ଭୋଗିଲେ । ଜେଲରୁ ୧୯୪୨ ମସିହାରେ ମୁକ୍ତ ହେଲା ପରେ ସେ କମ୍ୟୁନିଷ୍ଟ ଦଳରେ ଯୋଗ ଦେଲେ ଏବଂ ଏହାର ନେତା ପି.ସି ଜୋଶୀଙ୍କୁ ୧୯୪୩ ମସିହାରେ ବିବାହ କଲେ ।

## ରାଣୀ ଗଇଡ଼ିନଲିଉ



'ନାଗାଲାଣ୍ଡର ଲକ୍ଷ୍ମୀବାଈ' ଭାବରେ ସେ ପରିଚିତ । ୧୩ ବର୍ଷର କୋମଳ ବୟସରୁ ସେ ଇଂରେଜ ସରକାର ବିରୋଧରେ ସଂଗ୍ରାମ କରିବାକୁ ନିଷ୍ପତ୍ତି ନେଇଥିଲେ । ବ୍ରିଟିଶମାନଙ୍କ ଦ୍ୱାରା ତାଙ୍କ କଜିନ୍‌କୁ ଫାଶୀ ଦିଆଯିବା ପରେ ସେ ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଲେ। ସେତେବେଳେ ତାଙ୍କ ବୟସ ମାତ୍ର ୧୬ ବର୍ଷ । ତଥାପି ମାତ୍ର ୪ଜଣ ନାଗା ସୈନିକଙ୍କ ସହ ମିଶି ସେ ବ୍ରିଟିଶ ସରକାରଙ୍କ ବିରୋଧରେ ଲଢେଇ କଲେ । ଗରିଲା ଯୁଦ୍ଧ ଓ ଅସ୍ତ୍ରକଳାରେ ସେ ନିପୁଣା ଥିଲେ । ବ୍ରିଟିଶ ସରକାର ବିରୋଧରେ ସେ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିଲେ । ୧୯୩୨ ମସିହାରେ ତାଙ୍କୁ ଧରାଗଲା ଏବଂ ଆଜୀବନ କାରାବାସ ଦଣ୍ଡ ଦିଆଗଲା । ଭାରତ ସ୍ୱାଧିନତା ହେବା ପରେ ଜେଲରୁ ମୁକ୍ତ ହେଲା ବେଳକୁ ତାଙ୍କ ବୟସ ଥିଲା ୩୦ ବର୍ଷ । ତାଙ୍କ ସାହାସିକତା ପାଇଁ ପଣ୍ଡିତ ନେହେରୁ ତାଙ୍କୁ 'ରାଣୀ' ବୋଲି ସମ୍ବୋଧନ କରୁଥିଲେ । ସ୍ୱାଧିନତା ଆନ୍ଦୋଳନରେ ତାଙ୍କ ଅବଦାନ ଯୋଗୁଁ ତାଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି ।

## ପ୍ରୀତିଲତା ୱାଡ୍ଡେଦର



ଚିଟାଗଙ୍ଗଠାରେ ସେ ୧୯୧୧ ମଇ ମାସରେ ଜନ୍ମ ନେଇଥିଲେ । ସେ ଜଣେ ଭଲ ଛାତ୍ରୀ ଥିଲେ ଏବଂ ବିଦ୍ୟାଳୟ ପାଠ ପରେ ସେ କଲିକତା ବିଶ୍ୱ ବିଦ୍ୟାଳୟରୁ ସ୍ନାତକ ଡ଼ିଗ୍ରୀ ହାସଲ କଲେ । ଏହା ପରେ ସେ କଲ୍ୟାଣ ଦାସଙ୍କ ଛାତ୍ର ସଂଘ ଓ ଲୀଳା ନାଗ୍‌ଙ୍କର ଦୀପାଳି ସଂଘ ଦ୍ୱାରା ପ୍ରଶିକ୍ଷଣ ନେଲେ । ତା'ପରେ ସୂର୍ଯ୍ୟ ସେନ୍‌ଙ୍କର ରିଭୋଲ୍ୟୁସନାରୀ ଦଳରେ ଯୋଗ ଦେଲେ। ଚିଟାଗଙ୍ଗ ଅସ୍ତ୍ରାଗାର ଲୁଟ ଘଟଣାରେ ସେ ସାମିଲ ଥିଲେ । ପୁଲିସ ସହିତ ସଂଘର୍ଷ ବେଳେ ସେ ଖସି ଯାଇଥିଲେ । ପୁଲିସ ଗୁଳିରେ ସହଯୋଗୀଙ୍କ ମୃତ୍ୟୁର ପ୍ରତିଶୋଧ ପାଇଁ ସୂର୍ଯ୍ୟସେନ୍‌ଙ୍କ ସହ ମିଶି ,ବ୍ରିଟିଶ ଓ ୟୁରୋପୀୟ ମାନେ ଯାଉଥିବା ଏକ ରାତ୍ରୀକାଳୀନ କ୍ଲବକୁ ଆକ୍ରମଣ କରିବା ପାଇଁ ଚକ୍ରାନ୍ତ କଲେ । ୧୯୩୨ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଯୋଜନାକୁ ବାସ୍ତବତାରେ ପରିଣତ କରାଗଲା । ସେମାନେ ପିସ୍ତଲ ଓ ବୋମାରେ କ୍ଲବ ଉପରେ ଆକ୍ରମଣ କଲେ । ପୁଲିସ ପ୍ରତି ଆକ୍ରମଣରେ ସେ ଆହତ ହେଲେ । ସେ ଜାଣିଥିଲେ ଯେ ଏଥିରେ ତାଙ୍କ ମୃତ୍ୟୁ ନିଶ୍ଚିତ। ତେଣୁ ନିଜ ପକେଟରେ ଥିବା ପୋଟାସିୟମ ସାଇନାଇଡ ଖାଇ ନିଜ ଜୀବନ ସମାପ୍ତ କରିବାକୁ ଅଧିକ ପସନ୍ଦ କଲେ ।

## ଜୈବଇନ୍ଧନ କ୍ଷେତ୍ରରେ ବ୍ୟାପକ ସମ୍ଭାବନା

ବିଦେଶରୁ ଆମଦାନୀ ହେଉଥିବା ଅଶୋଧିତ ତୈଳ ପରିମାଣ ୨୦୨୨ ମସିହା ସୁଦ୍ଧା ୧୦ ପ୍ରତିଶତ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ପ୍ରଦାନ କରିଛନ୍ତି । ଏହି ଲକ୍ଷ୍ୟ ହାସଲ ଦିଗରେ ଜୈବ ଇନ୍ଧନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଅଗଷ୍ଟ ୧୦ ତାରିଖ ଦିନ ନୂଆଦିଲ୍ଲୀଠାରେ ବିଶ୍ୱ ଜୈବ ଇନ୍ଧନ ଦିବସ ଉପଲକ୍ଷେ ଆୟୋଜିତ ଏକ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତରେ ଜୈବ ଇନ୍ଧନ କ୍ଷେତ୍ରରେ ଓ ଏ ସମ୍ପର୍କିତ ବ୍ୟବସାୟରେ ଅପାର ସମ୍ଭାବନା ରହିଛି । ସେ କହିଛନ୍ତି ଯେ, ବର୍ତ୍ତମାନ ଜୈବ ଇନ୍ଧନର ବ୍ୟବସାୟ ୬୫୦୦ କୋଟି ଟଙ୍କା ରହିଥିବାବେଳେ ଆଗାମୀ ୧୦ ବର୍ଷ ମଧ୍ୟରେ ଏହା ଏକ ଲକ୍ଷ କୋଟି ଟଙ୍କା ପହଞ୍ଚିବାର ସମ୍ଭାବନା ରହିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେଶରେ ଶକ୍ତି ଆବଶ୍ୟକତା ଦିନକୁ ଦିନ ଦ୍ରୁତ ଗତିରେ ବଢୁଛି। ଜୈବ ଇନ୍ଧନ କାର୍ଯ୍ୟକ୍ରମ ଫଳରେ, ଦେଶର କୃଷକମାନଙ୍କୁ ଲାଭ ମିଳିବା ସହିତ ପରିବେଶ ସମ୍ପର୍କିତ ଚିନ୍ତାର ମଧ୍ୟ ସମାଧାନ ହୋଇପାରିବ । ଏହାସହିତ ଅଶୋଧିତ ତୈଳର ଆମଦାନୀ ଉପରେ ନିର୍ଭରତା କମିବା ସହିତ ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ଦିଗରେ ମଧ୍ୟ ସହାୟକ ହେବ ।

## ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା

ଏହି ଯୋଜନା ଅଧୀନରେ ଦେଶର ମୋଟ ୧୩ଟି ସରକାରୀ ମେଡିକାଲ୍ କଲେଜ/ଅନୁଷ୍ଠାନର ବିକାଶପାଇଁ କେନ୍ଦ୍ର ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ୨୬୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଗତ ଅଗଷ୍ଟ ୩ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର କଟକସ୍ଥିତ ସରକାରୀ ମେଡିକାଲ୍ କଲେଜପାଇଁ ମଧ୍ୟ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ କେନ୍ଦ୍ରର ଅଂଶଧନ ୧୨୦ କୋଟି ଟଙ୍କା ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଅଂଶଧନ ୮୦ କୋଟି ଟଙ୍କା। ଏହାଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଆହୁରି ଉନ୍ନତି ହୋଇପାରିବ । ସୂଚନାଯୋଗ୍ୟ ଯେ, ଅଗଷ୍ଟ ୨୦୦୩ ମସିହାରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଆରମ୍ଭ ହୋଇଥିଲା ।

# ବିକାଶର ରୋଡ୍ ମ୍ୟାପ୍

## ସ୍ତନ୍ୟପାନ ପ୍ରୋତ୍ସାହନ ପାଇଁ କାର୍ଯ୍ୟକ୍ରମ 'ମା'

'ମା' (ମଦର୍ସ ଏବ୍ସୋଲ୍ୟୁଟ୍ ଆଫେକ୍ସନ୍- ଏମ୍.ଏ.ଏ.) ଏଭଳି ଏକ କାର୍ଯ୍ୟକ୍ରମ ଯାହା ବିଶେଷ ଭାବେ ମା' ମାନଙ୍କ ମଧ୍ୟରେ ସ୍ତନ୍ୟପାନର ଉପକାରିତାକୁ ନେଇ ସଚେତନତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ । ନିକଟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ଜାତୀୟ କାର୍ଯ୍ୟକ୍ରମ । ସ୍ତନ୍ୟପାନରୁ ଶିଶୁକୁ ମିଳୁଥିବା ଉପାଦେୟ ତତ୍ତ୍ୱ ସଂପର୍କରେ ସଚେତନତା ସୃଷ୍ଟି ସହିତ, ସ୍ୱାସ୍ଥ୍ୟ ବ୍ୟବସ୍ଥା ମାଧ୍ୟମରେ ଏ ଦିଗରେ ପରାମର୍ଶ ଦେବା ପାଇଁ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ପରିବାରର ଅନ୍ୟ ସଦସ୍ୟମାନଙ୍କଠାରୁ ଜଣେ ମାଆ ସ୍ତନ୍ୟପାନ ସକାଶେ ସହଯୋଗ ଆବଶ୍ୟକ କରୁଥିବାରୁ, ଏହି କାର୍ଯ୍ୟକ୍ରମର ନାମକରଣ ରଖାଯାଇଛି 'ମା' । ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ସଚେତନତା, 'ଆଶା' କର୍ମୀଙ୍କ ଜରିଆରେ ଆନ୍ତଃବ୍ୟକ୍ତି ସୂଚନା ଆଦାନ ପ୍ରଦାନ, ଜନସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସ୍ତନ୍ୟପାନ ପାଇଁ କୌଶଳଯୁକ୍ତ ସହଯୋଗ, ତଦାରଖ ଓ ପ୍ରୋତ୍ସାହନ ଆଦି କାର୍ଯ୍ୟ କରାଯାଉଛି ।

## ଯୌନଶୋଷଣ ପାଇଁ ମାନବ ଚାଲାଣ ନିୟନ୍ତ୍ରଣ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ଅଧୀନରେ କାର୍ଯ୍ୟକ୍ରମ ଉଜ୍ଜ୍ୱାଲାର ଉଦ୍ଦେଶ୍ୟ ହେଉଛି ବ୍ୟବସାୟ ଉଦ୍ଦେଶ୍ୟରେ ମହିଳା ଶିଶୁଙ୍କ ଯୌନ ଶୋଷଣ ସକାଶେ ହେଉଥିବା ମାନବ ଚାଲାଣକୁ ପ୍ରତିହତ କରିବା । ଏହି ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରି ସେମାନଙ୍କ ଥଇଥାନ, ମୁଖ୍ୟସ୍ରୋତରେ ପୁନଃ ସାମିଲ କରିବା ଆଦି କାର୍ଯ୍ୟ କରାଯାଉଛି । ଏଥିପାଇଁ ୨୦୧୩-୧୬ ମସିହାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ସମୟ ମଧ୍ୟରେ ୧୮,୨୧୫ ଜଣ ଉପକୃତ ହୋଇଛନ୍ତି । ସେହିଭଳି ୨୦୧୬-୧୭ ଆର୍ଥିକ ବର୍ଷରେ (ଜୁନ୍ ୩୦ ତାରିଖ, ୨୦୧୬ ପର୍ଯ୍ୟନ୍ତ), ୧୯୩.୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ସତର୍କତା ଦଳ ଗଠନ, ସାମାଜିକ କ୍ରିୟାଶୀଳତା ଓ ଗୋଷ୍ଠୀ ଅଂଶଗ୍ରହଣ ତଥା ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ପଦକ୍ଷେପ ମାନ ନିଆଯାଉଛି।

## ଆଇ.ଜି.ଏମ୍.ଏସ୍.ୱାଇ ଯୋଜନା

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏହି ଯୋଜନା ଅନ୍ତର୍ଗତ ସର୍ତ୍ତମୂଳକ ମାତୃତ୍ୱ ସହାୟତା କାର୍ଯ୍ୟକ୍ରମ ମାଧ୍ୟମରେ ୧୯ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଗର୍ଭବତୀ ଓ ସନ୍ତାନ ଜନ୍ମ କରିଥିବା ମା'ମାନଙ୍କୁ ଜଣକ ପିଛା ଛଅ ହଜାର ଟଙ୍କାର ସହାୟତା ଦିଆଯାଉଛି । ଏହା ପ୍ରଥମ ଦୁଇଟି ସନ୍ତାନ ପାଇଁ ଉଦ୍ଦିଷ୍ଟ ହୋଇଥିବା ବେଳେ, ଏଥିପାଇଁ ଅନ୍ୟାନ୍ୟ କେତେକ ସର୍ତ୍ତ ମଧ୍ୟ ରହିଛି । ଏହି ଯୋଜନା ଜରିଆରେ ଗର୍ଭବତୀ ମହିଳାମାନଙ୍କ ଓ ସଦ୍ୟ ମାତୃତ୍ୱ ଲାଭ କରିଥିବା ମା'ମାନଙ୍କ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ପ୍ରୋତ୍ସାହନ ରାଶିକୁ ହିତାଧିକାରୀଙ୍କ ଜମାଖାତାରେ ଜମା କରାଯାଉଛି । ଗର୍ଭାବସ୍ଥାର ଦ୍ୱିତୀୟ ପର୍ଯ୍ୟାୟରୁ ସନ୍ତାନଟିକୁ ୬ ମାସ ହେବା ମଧ୍ୟରେ ଏହି ରାଶି ପ୍ରଦାନ କରାଯାଉଛି ।

୨୦୧୩-୧୬ ମସିହାରେ ଏଥିପାଇଁ ୮୦୮ କୋଟି ଟଙ୍କା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପ୍ରଦାନ କରାଯାଇଛି। ଏହା ଦ୍ୱାରା ୧୪,୩୬,୪୧୧ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଦେଶର ୫୩ଟି ଚିହ୍ନିତ ଜିଲ୍ଲାରେ ଲାଗୁ କରାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନୁଯାୟୀ ମାତୃତ୍ୱ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଆର୍ଥିକ ସହାୟତା ରାଶିର ପରିମାଣକୁ ଜୁଲାଇ ୫ ତାରିଖ, ୨୦୧୩ ମସିହାଠାରୁ ଚାରି ହଜାର ଟଙ୍କାରୁ ଛଅ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏଥିପାଇଁ ଚଳିତ ୨୦୧୬-୧୭ ଆର୍ଥିକ ବର୍ଷରେ ୪୦୦ କୋଟି ଟଙ୍କାର ବଜେଟ୍ ପ୍ରାବଧାନ ମଧ୍ୟ କରାଯାଇଛି ।

## ମହିଳାଙ୍କ ପାଇଁ ସମାନ ସୁଯୋଗ ସକାଶେ ସରକାରୀ କାର୍ଯ୍ୟକ୍ରମ

ଉଭୟ ମହିଳା ଓ ପୁରୁଷଙ୍କୁ ସମାନ କାମ ପାଇଁ ସମାନ ଦରମା ପ୍ରଦାନ ସୁନିଶ୍ଚିତ କରିବା ସକାଶେ, ସମାନ ଦରମା ଆଇନ-୧୯୭୬କୁ କାର୍ଯ୍ୟକ୍ଷମ କରାଯାଇଛି । କାର୍ଯ୍ୟକ୍ଷେତ୍ରରେ ବା କର୍ମନିଯୋଜନ କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ କୌଣସି ଭେଦଭାବକୁ ପ୍ରତିହତ କରିବା ପାଇଁ ଏହା ଉଦ୍ଦିଷ୍ଟ । ଏହାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ କାର୍ଯ୍ୟକାରୀ କରୁଛନ୍ତି । ଏହି ବ୍ୟବସ୍ଥାର ତଦାରଖ ସହ ଏହାର ଅନୁପାଳନ କରୁନଥିବା ବ୍ୟକ୍ତିକୁ ଦଣ୍ଡବିଧାନ ମଧ୍ୟ କରାଯାଉଛି । ସେହିଭଳି କର୍ମକ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ସୁନିଶ୍ଚିତ କରିବା ସକାଶେ କାର୍ଯ୍ୟସ୍ଥଳୀରେ ଯୌନ ନିର୍ଯାତନା ପ୍ରତିହତ ଆଇନ ୨୦୧୩ କାର୍ଯ୍ୟକାରୀ ହେଉଛି । କର୍ମଜୀବୀ ମହିଳା, ଯେଉଁମାନେ କର୍ମସ୍ଥଳୀରୁ ଦୂରରେ ରହୁଛନ୍ତି, ସେମାନଙ୍କ ରହିବା ସକାଶେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ କର୍ମଜୀବୀ ମହିଳା ହଷ୍ଟେଲ୍‌ର ବ୍ୟବସ୍ଥା କରାଯାଇଛି । ସେହିପରି ରାଜୀବ ଗାନ୍ଧୀ ଜାତୀୟ କ୍ରେସ୍ ଯୋଜନା ଜରିଆରେ, କର୍ମଜୀବୀ ମହିଳାଙ୍କ ଶିଶୁଙ୍କ ଯତ୍ନ ନିଆଯିବାର ବ୍ୟବସ୍ଥା ରହିଛି । ଏତଦ୍‌ବ୍ୟତୀତ, କର୍ମଜୀବୀ ମହିଳାଙ୍କ ପାଇଁ ମାତୃତ୍ୱ ସୁବିଧା ଆଇନ-୧୯୬୧ ଅନୁଯାୟୀ ମାତୃତ୍ୱ ଅବକାଶ, ସନ୍ତାନ ପାଳନ ଅବକାଶ ଓ ପିତୃତ୍ୱ ଅବକାଶ ବ୍ୟବସ୍ଥା ମଧ୍ୟ କରାଯାଉଛି ।

## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ରାଷ୍ଟ୍ରପତି ଭବନ ସଂକ୍ରାନ୍ତରେ ପୁସ୍ତକ ଉନ୍ମୋଚନ



*ଗତ ୨୦୧୬, ଜୁଲାଇ ୨୫ ତାରିଖ ଦିନ ଉପରାଷ୍ଟ୍ରପତି ଶ୍ରୀ ଏମ୍. ହମିଦ୍ ଅନ୍‌ସାରୀଙ୍କ ଦ୍ୱାରା "ଡିସ୍‌କଭର ଦି ମ୍ୟାଗନିଫିସେଣ୍ଟ ୱାର୍ଲଡ ଅଫ୍ ରାଷ୍ଟ୍ରପତି ଭଓ୍ୱନ୍" ପୁସ୍ତକର ଉନ୍ମୋଚନ। ଏହାର ପ୍ରଥମ କପି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରମୋଦିଙ୍କ ଉପସ୍ଥିତିରେ ପ୍ରଦାନ।*


ଗତ ଦୁଇ ବର୍ଷ ମଧ୍ୟରେ, ରାଷ୍ଟ୍ରପତି ଭବନର ବିଭିନ୍ନ ଦିଗ ସମ୍ପର୍କରେ ପ୍ରକାଶନ ବିଭାଗ ତରଫରୁ ଅନେକଗୁଡ଼ିଏ ଐତିହାସିକ ଓ ସାମାଜିକ ଐତିହ୍ୟକୁ ପୁସ୍ତକ ଗୁଡ଼ିକରେ ସନ୍ନିବେଷ୍ଟିତ କରାଯାଇଛି। ରାଷ୍ଟ୍ରପତି ଭବନଠାରେ ନିକଟ ଅତୀତରେ ମାନନୀୟ ଉପରାଷ୍ଟ୍ରପତି ଓ ମାନନୀୟ ପ୍ରଧାନମନ୍ତ୍ରୀ ଏ ସମ୍ପର୍କିତ ପାଞ୍ଚଟି ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ଏଗୁଡ଼ିକର ପ୍ରଥମ କପି, ମାନନୀୟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ସେହି ପୁସ୍ତକଗୁଡ଼ିକ ହେଉଛି – "ଦ ଫାର୍ଷ୍ଟ ଗାର୍ଡ଼େନ ଅଫ୍ ଦ ରିପବ୍ଲିକ୍ : ନେଚର ଅଫ୍ ଦ ପ୍ରେସିଡେଣ୍ଟ୍ସ ଇଷ୍ଟେଟ୍", "ଆର୍ଟସ୍ ଏଣ୍ଡ ଇଣ୍ଟେରିଅର୍‌ସ ଅଫ୍ ଦ ରାଷ୍ଟ୍ରପତି ଭବନ", "ଡିସ୍କଭର୍ ଦ ମେଗ୍‌ନିଫିସେଣ୍ଟ ୱାର୍ଲଡ ଅଫ୍ ଦ ରାଷ୍ଟ୍ରପତି ଭବନ" ଏବଂ "ଏରାଉଣ୍ଡ ଇଣ୍ଡିଆସ୍ ଫାର୍ଷ୍ଟ ଟେବୁଲ୍ : ଡାଇନିଂ ଏଣ୍ଡ ଏଣ୍ଟରଟେନିଙ୍ଗ୍ ଏଟ୍ ଦ ରାଷ୍ଟ୍ରପତି ଭବନ"। ଏହି ପୁସ୍ତକଗୁଡ଼ିକୁ ଉନ୍ମୋଚନ ଉତ୍ସବରେ ବହୁ ପ୍ରଶଂସା ମିଳିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି ପୁସ୍ତକଗୁଡ଼ିକ "ହେଉଛନ୍ତି ଗ୍ରନ୍ଥ ସଦୃଶ, ଯାହା ଇତିହାସ ପୃଷ୍ଠାରେ ନିଜର ଛାପ ଛାଡ଼ିବେ"।

ପ୍ରକାଶନ ବିଭାଗ ତରଫରୁ ଏହି ବିଷୟରେ ପୂର୍ବରୁ ଚାରୋଟି ପୁସ୍ତକ ପ୍ରକାଶିତ କରାଯାଇଛି। ସେଗୁଡ଼ିକ ହେଲା – "ଉଇଂଜଡ୍ ୱାଣ୍ଡର୍ସ", "ଇନ୍ଦ୍ରଧନୁଷ", "ରାଇଟ୍ ଅଫ୍ ଦ ଲାଇନ୍ସ : ଦ ପ୍ରେସିଡେଣ୍ଟସ୍ ବଡ଼ିଗାର୍ଡ଼", "ଏବୋଡ୍ ଅଣ୍ଡର ଦ ଡୋମ୍", "ଦ ପ୍ରେସିଡେଣ୍ଟସ୍ ରିଟ୍ରିଟ୍" ଏବଂ ଶ୍ରୀ ପ୍ରଣବ ମୁଖାର୍ଜୀଙ୍କ ବିଭିନ୍ନ ଅଭିଭାଷଣକୁ ନେଇ ଅନ୍ୟ ତିନୋଟି ପୁସ୍ତକ।

# ନିକଟରେ ପ୍ରକାଶିତ ରାଷ୍ଟ୍ରପତି ଭବନ ସଂକ୍ରାନ୍ତୀୟ ପୁସ୍ତକ

## ୧. ଏ ୱାର୍କ ଅଫ୍ ବିୟୁଟି : ଦି ଆର୍କିଟେକ୍ଚର୍ ଆଣ୍ଡ୍ ଲାଣ୍ଡସ୍କେପ୍ ଅଫ୍ ଦ ରାଷ୍ଟ୍ରପତିଭବନ ।

ଏହି ପୁସ୍ତକରେ ରାଷ୍ଟ୍ରପତି ଭବନର ନିର୍ମାଣକଳା ଓ ଭବନର ଚତୁଃପାର୍ଶ୍ୱରେ ଥିବା ସୌନ୍ଦର୍ଯ୍ୟର ବର୍ଣ୍ଣନା କରାଯାଇଛି । ବ୍ରିଟିଶ୍ ଶାସିତ ଭାରତର ରାଜଧାନୀକୁ କଲିକତାଠାରୁ ୧୯୧୧ ମସିହାରେ ଦିଲ୍ଲୀ ସ୍ଥାନାନ୍ତର କରିବା ସମୟରେ ଏହି ଭବନକୁ ଏକ ସରକାରୀ ଗୃହ ଭାବେ ନିର୍ମାଣ କରାଯାଇଥିବା କଥା ମଧ୍ୟ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।





## ୩. ଏରାଉଣ୍ଡ୍ ଇଣ୍ଡିଆସ୍ ଫାର୍ଷ୍ଟ ଟେବୁଲ୍ : ଡାଇନିଂଗ୍ ଏଣ୍ଡ୍ ଏଣ୍ଟରଟେନିଂ ଆଟ୍ ଦ ରାଷ୍ଟ୍ରପତି ଭବନ

ଏହି ପୁସ୍ତକରେ ରାଷ୍ଟ୍ରପତି ଭବନର ଆତିଥ୍ୟ ଓ ମନୋରଂଜନର ଇତିହାସ ଲିପିବଦ୍ଧ ହୋଇଛି । ବ୍ରିଟିଶ୍ ଭାଇସ୍‌ରଏ ମାନଙ୍କ ଫ୍ରେଞ୍ଚ ଖାଦ୍ୟଠାରୁ ଆରମ୍ଭ କରି ରାଷ୍ଟ୍ରପତି ଭବନ ଖାଇବା ଟେବୁଲ୍‌ରେ କିପରି ଧୀରେ ଧୀରେ ପାଶ୍ଚାତ୍ୟ ବଦଳରେ ଭାରତୀୟ ଖାଦ୍ୟ ସ୍ଥାନ ନେଲା, ସେ ସଂପର୍କରେ ମଧ୍ୟ ଏଥିରେ ବିବରଣୀ ପ୍ରଦାନ କରାଯାଇଛି । ଖାଦ୍ୟ ପ୍ରସ୍ତୁତିରେ ସତର୍କତା ଓ ଭାରତର ଏହି ପ୍ରଥମ ଡାଇନିଂ ଟେବୁଲ୍ କିପରି ଖାଦ୍ୟ କୁଟନୀତିର ଏକ ସଫଳ ଉଦାହରଣ, ସେ ସଂପର୍କରେ ମଧ୍ୟ ଏଥିରେ ବର୍ଣ୍ଣନା ରହିଛି ।



## ୫. ଡିସ୍‌କଭର୍ ଦ ମ୍ୟାଗ୍ନିଫିସେଣ୍ଟ୍ ୱାର୍ଲଡ୍ ଅଫ୍ ରାଷ୍ଟ୍ରପତି ଭବନ

ରାଷ୍ଟ୍ରପତି ଭବନ ସଂପର୍କରେ ପିଲାମାନଙ୍କ ଜ୍ଞାନ ବୃଦ୍ଧି ସକାଶେ ଏହି ପୁସ୍ତକରେ ବିଭିନ୍ନ ରୋଚକ ତଥ୍ୟ ଉପସ୍ଥାପନ କରାଯାଇଛି । ଏହି ଭବନର ନିର୍ମାଣ, ଏହାର ପରିସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ, ଭାରତର ଜାତୀୟ ଜୀବନରେ ଏହାର ଭୂମିକା ଏବଂ ସେଠାରେ କାର୍ଯ୍ୟରତ ବ୍ୟକ୍ତିଙ୍କ ବିଷୟରେ ବହୁ ତଥ୍ୟ ଏହି ପୁସ୍ତକରେ ପ୍ରଦାନ କରାଯାଇଛି ।




## ୨. ଫାର୍ଷ୍ଟ ଗାର୍ଡନ୍ ଅଫ୍ ଦ ରିପବ୍ଲିକ୍ : ନେଚର୍ ଇନ୍ ଦ ପ୍ରେସିଡେଣ୍ଟ୍ସ୍ ଇଷ୍ଟେଟ୍ ।

ରାଷ୍ଟ୍ରପତି ଭବନ ପରିସରରେ ବିଭିନ୍ନ ଋତୁରେ ଫୁଟିଉଠୁଥିବା ଫୁଲ, ସବୁଜିମା ଓ ଜୀବଜନ୍ତୁଙ୍କ ସଂପର୍କରେ ଏଥିରେ ବର୍ଣ୍ଣନା ରହିଛି । ପଶୁପକ୍ଷୀ ଓ ବୃକ୍ଷଲତା, ଏହି ପରିସରକୁ କିପରି ନିଜର କରିପାରିଛନ୍ତି, ସେ କଥା ମଧ୍ୟ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି ।




## ୪. ଆର୍ଟସ୍ ଏଣ୍ଡ୍ ଇଣ୍ଟେରିଅର୍‌ସ୍ ଅଫ୍ ଦ ରାଷ୍ଟ୍ରପତି ଭବନ

ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ବିଭିନ୍ନ କଳାକୃତି ସଂପର୍କରେ ଏହି ପୁସ୍ତକରେ ବର୍ଣ୍ଣନା ରହିଛି । ଆସବାବପତ୍ର, ପେଣ୍ଟିଂ ଆଦି ସଂପର୍କରେ ମଧ୍ୟ ବହୁ ରୋଚକ ତଥ୍ୟଗୁଡ଼ିକୁ ଏହି ପୁସ୍ତକରେ ସନ୍ନିବିଷ୍ଟ କରାଯାଇଛି ।



**YOJANA (Odia) : Monthly** **September2016** **RNI No. 57203/93**
**ISSN 0971-8346** **Total Number of Pages (56)** **₹ 22.00**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

## ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । * ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Additional Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at: J K Offset Printers (P) Ltd, B-278, Okhla Phase -I, New Delhi -110020
Editor : Dr Girish Chandra Dash